CMYK

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

- Vol.- 46, Issue No. 169
- Friday, 18 September 2026
- ଶୁକ୍ରବାର, ୧୮ ସେପ୍ଟେମ୍ବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com




# ମୋଦିଜୀ ବିକଶିତ ଭାରତର ବିନ୍ଧାଣୀ: ମୁଖ୍ୟମନ୍ତ୍ରୀ



- ରାଷ୍ଟ୍ର ନିର୍ମାଣରେ ବ୍ରତୀ ହେବାକୁ ଯୁବବର୍ଗଙ୍କୁ ଆହ୍ୱାନ
- ୬,୫୦୦ ୟୁନିଟ୍‌ରୁ ଅଧିକ ରକ୍ତ ସଂଗ୍ରହ
- ୨୦୪୭ ପୂର୍ବରୁ ବିକଶିତ ଭାରତର ଲକ୍ଷ୍ୟ ହାସଲ

ଭୁବନେଶ୍ୱର: 'ରକ୍ତଦାନ କରି ଗୋଟିଏ ଜୀବନ ବଞ୍ଚାଇବାର ଅନୁଭବ ଆମର ଉଚ୍ଚ ମାନବୀୟ ମୂଲ୍ୟବୋଧର ପରିଚୟ ପ୍ରଦାନ କରିଥାଏ। ବିଜ୍ଞାନ ଯେତେ ଆଗେଇଲେ ମଧ୍ୟ ରକ୍ତର କୌଣସି ବିକଳ୍ପ ନାହିଁ ଏବଂ ଏହା କୌଣସି କାରଖାନାରେ ତିଆରି ହୋଇପାରିବ ନାହିଁ,' ବୋଲି 'ସେବା ସଂକଳ୍ପ ଅଭିଯାନ' ଅବସରରେ ୟୁନିଟ-୩ ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡିଆରେ ଆୟୋଜିତ ମେଗା-ରକ୍ତଦାନ ଶିବିର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି। ଏହି ପୂର୍ବରୁ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଏକ ଅଶୋକ ଗଛର ଚାରା ମଧ୍ୟ ରୋପଣ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ୭୬ତମ ଜନ୍ମଦିବସ ଅବସରରେ ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କ ତରଫରୁ ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିକଶିତ ଭାରତର ବିନ୍ଧାଣୀ ମୋଦୀଜୀଙ୍କ ଦୀର୍ଘ ୫୦ ବର୍ଷର ଜନସେବା ଏବଂ ୨୫ ବର୍ଷର ନିରବଚ୍ଛିନ୍ନ ଶାସନ ଦେଶରେ କାୟାକଳ୍ପ ଆଣିଛି। ତାଙ୍କର ଏହି କଲ୍ୟାଣକାରୀ ଆଦର୍ଶରେ ଅନୁପ୍ରାଣିତ ହୋଇ ପାଳିତ ହେଉଥିବା ଏକ ମାସ ବ୍ୟାପୀ 'ସେବା ସଂକଳ୍ପ ଅଭିଯାନ' କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ବରଂ ଏହା ମାନବସେବା ଓ ତ୍ୟାଗର ଏକ ବିରାଟ ଜନ-ଆନ୍ଦୋଳନ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ରକ୍ତ ଅଭାବରୁ ଯେପରି କୌଣସି ଜୀବନ ଅସମୟରେ ଝଡ଼ି ନପଡ଼େ, ସେଥିପାଇଁ ସରକାର ସଂକଳ୍ପବଦ୍ଧ। ଏହି ଶିବିରରେ ଆଜି ୬,୫୦୦ ୟୁନିଟ୍‌ରୁ ଅଧିକ ରକ୍ତ ସଂଗ୍ରହର ଲକ୍ଷ୍ୟ ରଖାଯାଇଛି। ରାଜ୍ୟରେ ରକ୍ତ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ୨୦୨୬-୨୭ ବଜେଟ୍‌ରେ ୫୦ କୋଟି ୫୪ ଲକ୍ଷ ଟଙ୍କାର ବ୍ୟୟବରାଦ ସହ 'ଅଟଳ ରକ୍ତଦାନ ଅଭିଯାନ' ଆରମ୍ଭ କରାଯାଇଛି। ଏହା ଅଧୀନରେ ନୂତନ ମେଡିକାଲ କଲେଜଗୁଡ଼ିକରେ ରକ୍ତଭଣ୍ଡାର ସ୍ଥାପନ ଏବଂ ପୁରୁଣା ରକ୍ତଭଣ୍ଡାରଗୁଡ଼ିକର ଆଧୁନିକୀକରଣ କରାଯାଉଛି। ଦେଶର ବିକାଶ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ନେତୃତ୍ୱରେ ଭାରତ ଆଜି ବିଶ୍ୱର ଏକ ପ୍ରଭାବଶାଳୀ ଭୂ-ରାଜନୈତିକ ଓ ଅର୍ଥନୈତିକ ଶକ୍ତି ଭାବେ ଉଭା ହୋଇଛି। ପ୍ରତିରକ୍ଷା ଆମଦାନୀ ୭୦% ରୁ ହ୍ରାସ ପାଇ ୩୫% ରେ ପହଞ୍ଚିବା ସହ ସେମିକଣ୍ଡକ୍ଟର ଓ ସ୍ପେସ୍ ଟେକ୍ନୋଲୋଜି କ୍ଷେତ୍ରରେ ଭାରତ ଆତ୍ମନିର୍ଭର ହେଉଛି। ୨୦୪୭ ପୂର୍ବରୁ ବିକଶିତ ଭାରତର ଲକ୍ଷ୍ୟ ହାସଲ ହେବା ସୁନିଶ୍ଚିତ। ସେହିପରି ରାଜ୍ୟର ଯୁବଶକ୍ତିକୁ ଆହ୍ୱାନ ଦେଇ ସେ କହିଥିଲେ ଯେ, ଯୁବବର୍ଗ ନିଜ ଦୈନନ୍ଦିନ ଜୀବନରୁ କିଛି ସମୟ କାଢ଼ି ସମାଜସେବାରେ ନିୟୋଜିତ ହେବା ସହ ଦେଶସେବା ପାଇଁ ବ୍ରତୀ ହେବା ହିଁ ମୋଦୀଜୀଙ୍କ ପ୍ରତି ଶ୍ରେଷ୍ଠ ସମ୍ମାନ ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଏହି ଅବସରରେ ନଗର ଉନ୍ନୟନ, ଗୃହ ନିର୍ମାଣ ବିଭାଗ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ଆଜିର ଦିନଟି କୌଣସି ସାଧାରଣ ଦିବସ ନୁହେଁ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦୀର୍ଘ ୨୫ ବର୍ଷର ନିସ୍ୱାର୍ଥପର ସେବା ଓ ସଂକଳ୍ପକୁ ସ୍ମରଣ କରିବାର ଏହା ଏକ ପବିତ୍ର ଅବସର। ଜଣେ ବ୍ୟକ୍ତିର ମୂଲ୍ୟବାନ୍ ଜୀବନ ବଞ୍ଚାଇବା ପାଇଁ ରକ୍ତଦାନ ଅତ୍ୟନ୍ତ ଆବଶ୍ୟକ, ସେଥିପାଇଁ ଆମ ସମସ୍ତଙ୍କ ମଧ୍ୟରେ ସେବା ଓ ସମର୍ପଣ ଭାବନା ରହିବା ଦରକାର। ଆଜି ଆୟୋଜିତ ହୋଇଥିବା ଏହି ରକ୍ତଦାନ ଶିବିର ରାଜ୍ୟରେ ରକ୍ତ ସଂଗ୍ରହ କ୍ଷେତ୍ରରେ ଏକ ନୂତନ ରେକର୍ଡ ସୃଷ୍ଟି କରିବ ବୋଲି ସେ ଦୃଢ଼ ପ୍ରକାଶ କରିଥିଲେ। ରାଜ୍ୟସଭା ସାଂସଦ ତଥା ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି ଯେ, ଜଣେ ଜନପ୍ରତିନିଧି ଭାବେ କ୍ରମାଗତ ୨୫ ବର୍ଷ ଧରି ସଫଳତାର ସହ କାର୍ଯ୍ୟ କରି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଏକ ଅନନ୍ୟ ରେକର୍ଡ ସୃଷ୍ଟି କରିଛନ୍ତି। ସାଧାରଣ ଲୋକଙ୍କ ନିରବଚ୍ଛିନ୍ନ ସେବା ପାଇଁ ସେ ଆଜି ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି, ଯାହାକୁ ସ୍ମରଣ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ। କୋଭିଡ୍-୧୯ ମହାମାରୀ ପରଠାରୁ ରକ୍ତଭଣ୍ଡାରଗୁଡ଼ିକରେ ଯେଉଁ ରକ୍ତର ଅଭାବ ଦେଖାଦେଇଥିଲା, ଆଜିର ଏହି ବିଶାଳ ରକ୍ତଦାନ ଶିବିର ସେହି ଆବଶ୍ୟକତାକୁ ପୂରଣ କରିବାରେ ବେଶ୍ ସହାୟକ ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୭।୯: ଗୁରୁବାର ସନ୍ଧ୍ୟାରେ ଦିଲ୍ଲୀ ଗସ୍ତରେ ଯାଇଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆସନ୍ତାକାଲି ଦିଲ୍ଲୀରେ ଆୟୋଜିତ ରୋଡ୍ ସୋ'ରେ ସେ ଯୋଗଦେବେ। ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ 'ସେବା ସଂକଳ୍ପ ଅଭିଯାନ' କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନିଜେ ଏନେଇ ସୂଚନା ଦେଇଛନ୍ତି। ଦିଲ୍ଲୀ ଗସ୍ତ ସମୟରେ ୟୁରୋପ, ଜାପାନ ଓ ଦକ୍ଷିଣ କୋରିଆର ପ୍ରତିନିଧି ଦଳ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା ହେବ। ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଏହି ଦେଶଗୁଡ଼ିକର ପ୍ରତିନିଧିମାନେ ଆଗ୍ରହ ପ୍ରକାଶ କରିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଆଲୋଚନାରେ ଓଡ଼ିଶାରେ ଶିଳ୍ପ ଓ ପ୍ରଯୁକ୍ତି କ୍ଷେତ୍ରରେ ପୁଞ୍ଜିନିବେଶ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯିବ। ବିଶେଷକରି ଓଡ଼ିଶାକୁ ଏକ ପ୍ରମୁଖ ସେମିକଣ୍ଡକ୍ଟର ହବ୍ ଭାବେ ବିକଶିତ କରିବା ପାଇଁ ସରକାର ଯୋଜନା କରୁଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

## ୧୯ରେ ଲଘୁଚାପ, ଶୁକ୍ରବାରଠାରୁ ବଢ଼ିବ ବର୍ଷା

ଭୁବନେଶ୍ୱର, ୧୭।୯: ଉତ୍ତର ଥାଇଲାଣ୍ଡ ଉପରେ ବୁଧବାର ସକାଳ ୮ଟା ୩୦ ବେଳକୁ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଆସନ୍ତା ୧୮ ତାରିଖ ସନ୍ଧ୍ୟାରେ ଘୂର୍ଣ୍ଣିବଳୟ ଉତ୍ତର ଆଣ୍ଡାମାନ ସାଗର ଉପରେ ପହଞ୍ଚିବା ପରେ ୧୯ ତାରିଖ ବେଳକୁ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପରେ ପରିଣତ ହେବା ସମ୍ଭାବନା ରହିଛି। ଲଘୁଚାପ ପଶ୍ଚିମ ଉତ୍ତରପଶ୍ଚିମ ଦିଗକୁ ଗତିକରି ୨୩ ତାରିଖ ମଧ୍ୟରେ ଏହା ଉପକୂଳ ଛୁଇଁବ। ତେଣୁ ଏହା ପ୍ରଭାବରେ ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ



ଚଳିତ ମାସରେ ଓଡ଼ିଶାରେ ବାତ୍ୟା ହେବାକୁ ନେଇ ବିଭିନ୍ନ ପାଣିପାଗ ମଡେଲ ଆକଳନ କରିଥିବାବେଳେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ସମ୍ଭାବ୍ୟ ବାତ୍ୟା ନେଇ କୌଣସି ଆକଳନ ହୋଇନାହିଁ। ଲଘୁଚାପ କ୍ଷେତ୍ର ସୃଷ୍ଟିହେବା ପୂର୍ବରୁ ବାତ୍ୟା ଆକଳନ କରିବା ଠିକ୍ ନୁହେଁ। ବାତ୍ୟା ଆକଳନରେ ଆଇଏମ୍‌ଡି ବିଶ୍ୱରେ ଅଦ୍ୱିତୀୟ। ତେଣୁ କୌଣସି ସଂସ୍ଥାର ବାତ୍ୟା ଆକଳନରେ ଆତଙ୍କିତ ନ ହେବାକୁ ଆଇଏମ୍‌ଡି ଡିଜି ପରାମର୍ଶ ଦେଇଛନ୍ତି। ଲଘୁଚାପ ପ୍ରଭାବରେ ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହେବ ବୋଲି ସେ ସୂଚନା ଦେଇଛନ୍ତି।

## ଜଗମୋହନ ମୀନାଙ୍କ ଇସ୍ତଫା ଗୃହୀତ

ଭୁବନେଶ୍ୱର, ୧୭।୯: ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ ଇସ୍ତଫା ଗୃହୀତ ହୋଇଛି। ମୀନାଙ୍କ ଇସ୍ତଫା ଗ୍ରହଣ କଲେ କେନ୍ଦ୍ର ସରକାର । ସେ ସ୍ୱଇଚ୍ଛାରେ ଇସ୍ତଫା ଦେଇଛନ୍ତି ବୋଲି ଉଲ୍ଲେଖ କରିଥିଲେ । ରାଜ୍ୟ ସରକାର ଗୃହ ମନ୍ତ୍ରାଳୟକୁ ସୁପାରିସ କରିଥିଲେ । ଏବେ ଇସ୍ତଫାକୁ ଗ୍ରହଣ କଲେ କେନ୍ଦ୍ର ସରକାର । ସୂଚନା ଥାଉକି, ୨୦୧୩ ବ୍ୟାଚ୍‌ର ଆଇପିଏସ୍ ଜଗମୋହନ ମୀନା କଟକ ଡିସିପି, ଅନୁଗୁଳ ଓ ଗଞ୍ଜାମ ଏସପି ଭାବେ



କାମ କରିଥିଲେ। ୨୦୨୫ ଫେବ୍ରୁଆରୀରେ ଭୁବନେଶ୍ୱର ଡିସିପି ଭାବେ ଯୋଗ ଦେଇଥିଲେ । ବ୍ୟକ୍ତିଗତ କାରଣରୁ ସେ ଇସ୍ତଫା ଦେଇଥିଲେ । ରାଜ୍ୟ ସରକାର ଗୃହ ମନ୍ତ୍ରାଳୟକୁ ସୁପାରିସ କରିଥିଲେ । ଏବେ କେନ୍ଦ୍ର ସରକାର ଇସ୍ତଫାକୁ ଗ୍ରହଣ କରିଛନ୍ତି। ଚାକିରି ଛାଡ଼ିବା ପରେ ମୀନା ଘରୋଇ ସେକ୍ଟରରେ ଚାକିରି କରିପାରନ୍ତି। ସୂଚନା ଥାଉକି, ବାଲିଅନ୍ତାରେ ଜିଆରପି କନଷ୍ଟେବଲ ସୌମ୍ୟ ରଞ୍ଜନ ହତ୍ୟା ମାମଲାରେ କମିଶନରେଟ୍ ପୁଲିସ ଦୁର୍ନାମ ମୁଣ୍ଡାଇଥିବା ବେଳେ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ତାଙ୍କ ପଦରୁ ଇସ୍ତଫା ଦେଇଥିଲେ ।

## ଲୋକସେବା ଭବନ ପରିସର ହେଲା ତମାଖୁମୁକ୍ତ ଅଞ୍ଚଳ




ଭୁବନେଶ୍ୱର, ୧୭।୯: ଲୋକସେବା ଭବନ ପରିସରକୁ 'ତମାଖୁମୁକ୍ତ ଅଞ୍ଚଳ' ଭାବେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ନୋଟିଫିକେସନ୍ ଜାରି କରାଯାଇଛି। ଜନସ୍ୱାସ୍ଥ୍ୟର ସୁରକ୍ଷା, ସ୍ୱଚ୍ଛ ଓ ସୁସ୍ଥ ପରିବେଶ ସୃଷ୍ଟି ତଥା ତମାଖୁ ବ୍ୟବହାରର କୁପ୍ରଭାବରୁ କର୍ମଚାରୀ ଓ ସାଧାରଣ ଲୋକଙ୍କୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି। ତମାଖୁ ବ୍ୟବହାର କ୍ୟାନ୍ସର, ହୃଦରୋଗ ଓ ଫୁସଫୁସଜନିତ ରୋଗ ସମେତ ବିଭିନ୍ନ ଅଣସଂକ୍ରାମକ ରୋଗର ଏକ ପ୍ରମୁଖ କାରଣ । ତମାଖୁ ବ୍ୟବହାର ଯୋଗୁଁ ଦେଶରେ ପ୍ରତିବର୍ଷ ପ୍ରାୟ ୧୩ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟୁଥିବା ନୋଟିଫିକେସନରେ ଉଲ୍ଲେଖ କରାଯାଇଛି। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି, "ସ୍ୱଚ୍ଛ ଭାରତ, ସ୍ୱସ୍ଥ ଭାରତ ଏବଂ 'ନିଶାମୁକ୍ତ ଭାରତ ଅଭିଯାନ'ର ଲକ୍ଷ୍ୟକୁ ସୁଦୃଢ଼ କରିବା ସହ ଲୋକସେବା ଭବନକୁ ଏକ ସ୍ୱଚ୍ଛ, ସୁସ୍ଥ ଓ ତମାଖୁମୁକ୍ତ କାର୍ଯ୍ୟସ୍ଥଳ ଭାବେ ଗଢ଼ି ତୋଳିବା ପାଇଁ ଏହି ପଦକ୍ଷେପ ନିଆଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ତମାଖୁ ସେବନ ବିରୋଧୀ ଅଭିଯାନକୁ ଆହୁରି ସୁଦୃଢ଼ କରାଯାଉଛି। ଆମ ଆଗାମୀ ପିଢ଼ିକୁ ଏକ ସୁସ୍ଥ ଜୀବନ ଓ ସଠିକ୍ ବାର୍ତ୍ତା ଦେବା ପାଇଁ ଆମେ ସର୍ବଦା ତତ୍ପର ଅଛୁ। ତମାଖୁ ବ୍ୟବହାରରୁ ସମ୍ପୂର୍ଣ୍ଣ ବିରତି ପାଇଁ ଆଗାମୀ ଦିନରେ ମଧ୍ୟ ଆମର ପ୍ରୟାସ ଜାରି ରହିବ।" ନୋଟିଫିକେସନ୍ ଅନୁଯାୟୀ, ଲୋକସେବା ଭବନ ପରିସରରେ ଧୂମପାନ, ତମାଖୁ ସେବନ ଏବଂ ତମାଖୁ ଛେପ ପକାଇବା ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ଏହି ନିୟମର ଉଲ୍ଲଂଘନକୁ ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ ଭାବେ ବିବେଚନା କରାଯିବ।

## ମହାନଦୀ ଜଳ ବିବାଦ: ୨୮ରେ ପରବର୍ତ୍ତୀ ଶୁଣାଣି

ନୂଆଦିଲ୍ଲୀ, ୧୭।୯: ମହାନଦୀ ଜଳ ବିବାଦ ମାମଲାର ଶୁଣାଣି ପୁଣି ଘୁଞ୍ଚିଛି । ଆସନ୍ତା ସେପ୍ଟେମ୍ବର ୨୮ ତାରିଖରେ ଟ୍ରିବ୍ୟୁନାଲରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ । ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଦୀର୍ଘଦିନ ଧରି ଚାଲିଆସୁଥିବା ଏହି ଜଳ ବିବାଦର ସମାଧାନ ଆଲୋଚନା ଓ ଭାତୃତ୍ୱପୂର୍ଣ୍ଣ ମନୋଭାବରେ କରିବା ଉପରେ ଗୁରୁତ୍ୱ ଦିଆଯାଉଛି । କୋର୍ଟ କିମ୍ବା ଟ୍ରିବ୍ୟୁନାଲ ମାଧ୍ୟମରେ ଜଳ ବିବାଦର ସ୍ଥାୟୀ ସମାଧାନ ହେବା ଅପେକ୍ଷା ଦୁଇ ରାଜ୍ୟ ମଧ୍ୟରେ ଆଲୋଚନା ଓ ସହଯୋଗ ମାଧ୍ୟମରେ ସମାଧାନର ବାଟ ଖୋଜିବା ଉପରେ ଗୁରୁତ୍ୱ ରହିଛି । କେନ୍ଦ୍ରୀୟ ଜଳ ଆୟୋଗ ବା ସିଡବ୍ଲ୍ୟୁସି ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଓ ଛତିଶଗଡ଼ର ବୈଷୟିକ ଟିମ୍ ମଧ୍ୟରେ ଦୁଇଥର ବୈଠକ ହୋଇସାରିଛି ।

## ଓଡ଼ିଶା ଡିଜିପି ଚୟନ ମାମଲା ପୁଣି ଘୁଞ୍ଚିଲା
### ପରବର୍ତ୍ତୀ ଶୁଣାଣି ୨୨ରେ

ଭୁବନେଶ୍ୱର/ନୂଆଦିଲ୍ଲୀ, ୧୭।୯: ଓଡ଼ିଶାର ପରବର୍ତ୍ତୀ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ଚୟନ ଓ ନିଯୁକ୍ତିକୁ ନେଇ ମାମଲା ସୁପ୍ରିମକୋର୍ଟରେ ଥିବା ବେଳେ ଓଡ଼ିଶାର ଆଡଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ ରାଜ୍ୟ ସରକାରଙ୍କ ପକ୍ଷ ରଖିଛନ୍ତି। ସେ ଦର୍ଶାଇଛନ୍ତି ଯେ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ଚୟନ ଓ ନିଯୁକ୍ତି ପ୍ରକ୍ରିୟାରେ କୌଣସି ଅନିୟମିତତା ହୋଇନାହିଁ। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ବିଚାରପତି ଭି. ମୋହନଙ୍କୁ ନେଇ ଗଠିତ ତିନିଜଣିଆ ଖଣ୍ଡପୀଠ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ସେପ୍ଟେମ୍ବର ୨୨ ତାରିଖ ଧାର୍ଯ୍ୟ କରିଛନ୍ତି। ସୂଚନାଯୋଗ୍ୟ, ଗତ ୭ ତାରିଖରେ ବରିଷ୍ଠ ଆଇପିଏସ୍ ଅଧିକାରୀ ତଥା ଡିଜି ଦୌଡ଼ରେ ଥିବା ସୁଶାନ୍ତ ନାଥ ସୁପ୍ରିମ୍‌କୋର୍ଟରେ ନିଜର ପକ୍ଷ ରଖିଥିଲେ। ସୁଶାନ୍ତ ନାଥଙ୍କ ଆଇନଜୀବୀ କହିଥିଲେ ଯେ ପୂର୍ବରୁ ଡିଜିପି ପଦ ପାଇଁ ପ୍ରସ୍ତାବିତ ପ୍ରାର୍ଥୀଙ୍କ ତାଲିକାରେ ସୁଶାନ୍ତଙ୍କ ନାମ ଥିଲା। ଯେଉଁଭଳି ଭାବେ ତାଙ୍କ ନାମକୁ କଟାଯାଇଛି ତାହା ସମ୍ପୂର୍ଣ୍ଣ ବେଆଇନ ବୋଲି ଦାବି କରିଛନ୍ତି। ତେଣୁ ତାଙ୍କ ଦାବି ସମ୍ପର୍କରେ ମତ ଓ ତଥ୍ୟ ପ୍ରଦାନ ପାଇଁ ସୁଯୋଗ ଦେବାକୁ ଖଣ୍ଡପୀଠଙ୍କ ନିକଟରେ ଅନୁରୋଧ କରିଥିଲେ।

## ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ: ୩୦ ଜିଲ୍ଲାରେ ଜଳିଲା ଏକ କୋଟି ଦୀପ

ଭୁବନେଶ୍ୱର: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜୟନ୍ତୀ ପାଳନ ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଭୁବନେଶ୍ୱରସ୍ଥିତ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଆଶୀର୍ବାଦର ଦୀପ କାର୍ଯ୍ୟକ୍ରମରେ ହଜାର ହଜାର ମହିଳା ଓ ଯୁବବର୍ଗ ଦୀପ ଜାଳିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଏକାମ୍ର ବିଧାୟକ ବାବୁ ସିଂ ଏବଂ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଦୀପ ପ୍ରଜ୍ୱଳନ କରିଥିଲେ। ପ୍ରଧାନମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭାରତ ନିଶ୍ଚୟ ବିଶ୍ୱଗୁରୁ ହେବ, ମୋଦୀଜୀଙ୍କ ସ୍ୱପ୍ନ ସାକାର କରିବାକୁ



ନିରନ୍ତର ଉଦ୍ୟମ ଜାରି ରହିଛି। ସେବା ସଂକଳ୍ପ ଅଭିଯାନ-୨୦୨୬ ଅନ୍ତର୍ଗତ ରାଜ୍ୟର ୩୦ଟି ଜିଲ୍ଲାରେ ୧ କୋଟିରୁ ଅଧିକ ଆଶୀର୍ବାଦର ଦୀପ ପ୍ରଜ୍ୱଳିତ କରାଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ସୁଭଦ୍ରା ଯୋଜନାର ହିତାଧିକାରୀମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଛନ୍ତି। ପରିବାର ସ୍ତରରୁ ଆରମ୍ଭ କରି ପଞ୍ଚାୟତ, ବ୍ଲକ ଓ ଜିଲ୍ଲା ସ୍ତର ପର୍ଯ୍ୟନ୍ତ ଆଶୀର୍ବାଦର ଦୀପ କାର୍ଯ୍ୟକ୍ରମ ବ୍ୟାପକ ଭାବେ ଆୟୋଜିତ ହୋଇଛି। ସମସ୍ତ ଗ୍ରାମପଞ୍ଚାୟତ, ବ୍ଲକ ଓ ଜିଲ୍ଲା ସ୍ତରରେ ସାମୂହିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ଦେବାଳୟମାନଙ୍କରେ ଝୋଟି ଚିତା ସହ ସାମୂହିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରାଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ସୁଭଦ୍ରା ହିତାଧିକାରୀ, ସ୍ଥାନୀୟ ଜନସାଧାରଣ ଓ ଜନପ୍ରତିନିଧିମାନଙ୍କ ବ୍ୟାପକ ସହଭାଗିତାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି।

CMYK

## କୁରୁକ୍ଷେତ୍ରର ମହତ୍ତ୍ୱ

ମହାଭାରତ ଏବଂ ଅନ୍ୟ ପୁରାଣରେ କୁରୁକ୍ଷେତ୍ରର ମହିମା ବର୍ଣ୍ଣିତ । ମହାଭାରତରେ ଉଲ୍ଲେଖ ରହିଛି ଯେ କୁରୁକ୍ଷେତ୍ରରେ ଆସି ସମସ୍ତେ ପାପମୁକ୍ତ ହୋଇଥାନ୍ତି । ନାରଦ ପୁରାଣରେ କୁହାଯାଇଛି ଯେ- ଗ୍ରହ, ନକ୍ଷତ୍ର, ତାରା ଗଣ ଆଦି କାଳର ଗତି ବଳରେ ତଳକୁ ଖସିପାରନ୍ତି । ମାତ୍ର କୁରୁକ୍ଷେତ୍ରରେ ମୃତ୍ୟୁବରଣ କରୁଥିବା ମନୁଷ୍ୟ ସ୍ୱର୍ଗ ପ୍ରାପ୍ତି କରିଥାଏ । ଅର୍ଥାତ୍ ,ଏଭଳି ମନୁଷ୍ୟର ପୁନଃଜନ୍ମ ହୋଇନଥାଏ । ଭଗବତ୍‌ଗୀତାରେ କୁରୁକ୍ଷେତ୍ରକୁ ଧର୍ମକ୍ଷେତ୍ର ବୋଲି କୁହାଯାଇଛି ।



# ଧର୍ମ ଏକ, ମତ ବହୁତ

'ଜୀବନ ହେଉଛି ଦୁଃଖପୂର୍ଣ୍ଣ । କାମନା ହିଁ ସମସ୍ତ ଦୁଃଖର କାରଣ । କାମନାର ବିନାଶରେ ଦୁଃଖର ବିନାଶ ହୋଇଥାଏ । ନୀତିମୟ ଜୀବନ ପାଳନ ଓ ଯାପନ ଦ୍ୱାରା ହିଁ କାମନାର ବିନାଶ ଘଟିବା ସହିତ ନିର୍ବାଣ ପ୍ରାପ୍ତି ହୋଇଥାଏ ।'

ଏହି ବୌଦ୍ଧ ସିଦ୍ଧାନ୍ତର ଦିବ୍ୟମୟ ଅନୁଚିନ୍ତନ ସମଗ୍ର ମାନବ ସମାଜ ପ୍ରତି ଏକ ଦିବ୍ୟବାଣୀ ନିଶ୍ଚୟ । ବୌଦ୍ଧ ଧର୍ମ ସାର୍ବଜନୀନ ତଥା ବ୍ୟାପକ ହୋଇଥିବାରୁ କେବଳ ଓଡ଼ିଶା, ଭାରତ ନୁହେଁ ବରଂ ସମଗ୍ର ପୃଥିବୀରେ ଏହା ଏକ ବିଶିଷ୍ଟ ଧର୍ମରୂପେ ଲୋକାଦୃତ ଓ ପରିଚିତ । ଓଡ଼ିଶାର ଇତିହାସରୁ ଯାହା ଜଣାଯାଏ କଳିଙ୍ଗ ଯୁଦ୍ଧ ପରେ ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହେବା ପୂର୍ବରୁ ବୌଦ୍ଧ ସନ୍ନ୍ୟାସୀମାନେ ବିଭିନ୍ନ ବସତି ସ୍ଥାପନ କରି ଏହି ଧର୍ମର ପ୍ରଚାର କରିଥିଲେ । ବୁଦ୍ଧଦେବଙ୍କ ସାଧନାର ସିଦ୍ଧିପ୍ରାପ୍ତି ଆଜି ଠାରୁ ଅଢ଼େଇ ହଜାର ବର୍ଷରୁ ଊର୍ଦ୍ଧ୍ୱ ହେବ । ଅଦ୍ୟାବଧି ଓଡ଼ିଆମାନେ ନାନା ଭାବରେ ବୌଦ୍ଧଧର୍ମର ସିଦ୍ଧାନ୍ତକୁ ଓଡ଼ିଶାର ଧର୍ମ, ସଂସ୍କୃତି, ସାହିତ୍ୟ ଓ ଆଚାର ବ୍ୟବହାର କ୍ଷେତ୍ରରେ ପ୍ରୟୋଗ କରି ଆସିଛନ୍ତି । ଏହା ଅନ୍ୟାନ୍ୟ ବହୁ ଧର୍ମକୁ ଶୀଳ, ସମାଧି, ପ୍ରଜ୍ଞା ସୂତ୍ରରେ ତଥା ସତ୍ୟ, ଅହିଂସା ଓ କରୁଣାର ବାଣୀ ପ୍ରଚାର କରି ଯେପରି ପ୍ରଭାବିତ କରିପାରିଛି, ସେହିପରି ଅନ୍ୟାନ୍ୟ ବହୁ ଧର୍ମ ଦର୍ଶନ ଆଦର୍ଶ ଦ୍ୱାରା ମଧ୍ୟ ପ୍ରଗତିଶୀଳ ସାମାଜିକ ମୂଲ୍ୟବୋଧ କ୍ଷେତ୍ରରେ ପରିମାର୍ଜିତ ହୋଇଛି । ମାତ୍ର ବୌଦ୍ଧ ସିଦ୍ଧାନ୍ତର ଉପରୋକ୍ତ ମୌଳିକତା ଯେପରି ଚିରନ୍ତନ ଏବଂ ଅପରିବର୍ତ୍ତନୀୟ ସେହିପରି ଦୃଢ଼ ତଥା ଭାସ୍ୱର । - ''ଭଗବାନ ବୁଦ୍ଧଙ୍କର ଆଲୋକରେ ନିଜର ଇଷ୍ଟ ଦେବତା ବା ଗୁରୁ ସମ୍ବନ୍ଧରେ ଗଭୀର ଭାବେ ଜପ, ଧ୍ୟାନ, ତପ, ଭଜନ ଓ ସ୍ୱାଧ୍ୟାୟ କଲେ ମନୁଷ୍ୟ ସତ୍ୟ, ପ୍ରେମ, ଜ୍ଞାନ, ଶାନ୍ତି ଓ ଆନନ୍ଦର ଅଧିକାରୀ ହୋଇପାରିବ ଓ ସର୍ବଶେଷରେ ମୁକ୍ତିର ଦ୍ୱାର ଦେଶରେ ଉପନୀତ ହୋଇ ମହାଚେତନାରେ ବିଲୀନ ହେବ । ଏହା ହିଁ ହେଉଛି ଭଗବାନ ବୁଦ୍ଧଙ୍କର ମାନବ ଜାତି ପ୍ରତି ଆହ୍ୱାନ । ମାନବ ସଭ୍ୟତା, କୃଷି, ବିଜ୍ଞାନ, କଳା, ସ୍ଥାପତ୍ୟ, କାରୁକାର୍ଯ୍ୟ, ରାଜନୀତି, ଅର୍ଥନୀତି ଓ ଦର୍ଶନର ମୂଳ ଓ ଶେଷ ଏହି ମହାପୂରଣକାରୀ ତଥାଗତଗଣ ।'' ଭଗବାନ ବୁଦ୍ଧଙ୍କର ଅଷ୍ଟଶୀଳ ନୀତି ସମ୍ବନ୍ଧରେ କୁହାଯାଇଛି - ସତ୍ ଦୃଷ୍ଟି, ସତ୍ ସଂକଳ୍ପ, ସତ୍ ବାକ୍ୟ, ସତ୍ ବ୍ୟବହାର, ସତ୍ ଜୀବିକାର୍ଜ୍ଜନ, ସତ୍ ଚେଷ୍ଟା, ସତ୍ ସ୍ମୃତି ଓ ସମାଧିର ସଙ୍ଗତିରେ ବୁଦ୍ଧତ୍ୱ ଲାଭ ହୁଏ । ସମସ୍ତ ଅବତାର ପୁରୁଷ ଏକ ବାର୍ତ୍ତାବାହୀ ଓ ଏକ ସତ୍ତାବାହୀ । ଭଗବାନ ବୁଦ୍ଧ 'ବୋଧି' ବା 'ଜୀବନର ସତ୍ୟ' ଆବିଷ୍କାର କରିବା ପରେ ପରେ ମାନବ ସମାଜ ନିମିତ୍ତ ଯେଉଁ ଉପଦେଶ ଦେଲେ ତାହା ତ୍ରିପିଟକରେ ଲିପିବଦ୍ଧ । ଭଗବାନ ବୁଦ୍ଧଙ୍କ ପାଇଁ କୋଟି କୋଟି କଣ୍ଠରେ ନିନାଦିତ ହେଉଛି - 'ବୁଦ୍ଧଂ ଶରଣଂ ଗଚ୍ଛାମି । ସଂଘଂ ଶରଣଂ ଗଚ୍ଛାମି । ଧର୍ମଂ ଶରଣଂ ଗଚ୍ଛାମି ।



*'ଜୀବନ ହେଉଛି ଦୁଃଖପୂର୍ଣ୍ଣ । କାମନା ହିଁ ସମସ୍ତ ଦୁଃଖର କାରଣ । କାମନାର ବିନାଶରେ ଦୁଃଖର ବିନାଶ ହୋଇଥାଏ । ନୀତିମୟ ଜୀବନ ପାଳନ ଓ ଯାପନ ଦ୍ୱାରା ହିଁ କାମନାର ବିନାଶ ଘଟିବା ସହିତ ନିର୍ବାଣ ପ୍ରାପ୍ତି ହୋଇଥାଏ ।'*

# ଦେବୀ ସୀତା

**ତପସ୍ୱୀଙ୍କ ଭୂମି ହୋଇଥିବା କାରଣରୁ ଉକ୍ତ ସ୍ଥାନରେ ପାପର ପ୍ରଭାବ ରହିନଥିଲା । ସୀତା ଦେବୀ ଏଠାରେ ନିଜ କୁଡ଼ିଆ ନିର୍ମାଣ କରିଥିଲେ । ସେହି ସ୍ଥାନ ଏବେ ସୀତା କୁଟି ବା ସୀତା ସୈଣ ନାମରେ ପ୍ରସିଦ୍ଧ । ଏଠାରୁ ସେ ଋଷି ବାଲ୍ମିକୀଙ୍କ ଆଶ୍ରମକୁ ଚାଲିଯାଇଥିଲେ । ଯାହା ବର୍ତ୍ତମାନ କୋଟ ମହାଦେବ ମନ୍ଦିର ନିକଟରେ ରହିଛି...**

ରାମାୟଣରେ ଥିବା ବର୍ଣ୍ଣନା ଏବଂ ଭୌଗଳିକ ପ୍ରମାଣକୁ ଆଖିଆଗରେ ରଖିଲେ ଦେବୀ ସୀତାଙ୍କ ଜୀବନର ଅନ୍ତିମ ସମୟ ଏକ ବିଶେଷ ସ୍ଥାନରେ ଅତିବାହିତ ହୋଇଥିବା ଜଣାଯାଏ । ରାମାୟଣ ଅନୁଯାୟୀ, ଧୋବଣୀର କହିବା କ୍ଷଣି ଭଗବାନ ଶ୍ରୀରାମଚନ୍ଦ୍ର ଦେବୀ ସୀତାଙ୍କୁ ତ୍ୟାଗ କରିବା ସହ ତାଙ୍କୁ ବନବାସ ପଠାଇବାକୁ ପ୍ରସ୍ତୁତ ହୋଇଗଲେ । ଏହାପରେ ଦେବୀ ସୀତାଙ୍କୁ ଉତ୍ତରାଖଣ୍ଡର ଦେବଭୂମୀରେ ଛାଡ଼ି ଆସିବା ଲାଗି କନିଷ୍ଠ ଭ୍ରାତା ଲକ୍ଷ୍ମଣଙ୍କୁ ଆଦେଶ ଦେଲେ । ଦେବୀ ସୀତାଙ୍କୁ ଦେବପ୍ରୟାଗର ଠାରୁ ଚାରି କିଲୋମିଟର୍ ଆଗରେ ଥିବା ଏକ ସ୍ଥାନରେ ଛାଡ଼ି



ଆସିଲେ ଲକ୍ଷ୍ମଣ । ସେହି ସ୍ଥାନ ବଦ୍ରିନାଥ ଧାମ ଯିବା ବାଟରେ ପଡ଼ିଥାଏ । ଏହି ସ୍ଥାନ ଏବେ ସୀତାଓ୍ୱିଦା ନାମରେ ପ୍ରସିଦ୍ଧ । ଗଙ୍ଗାମାତା ଏହି ସ୍ଥାନରେ ପ୍ରଥମେ ପାଦ ରଖି ପୃଥିବୀରେ ପଡ଼ିଥିବାରୁ ଉକ୍ତ ସ୍ଥାନରେ ହିଁ ଦେବୀ ସୀତାଙ୍କୁ ଛାଡ଼ିବାକୁ ରାମଚନ୍ଦ୍ର ନିଷ୍ପତ୍ତି ନେଇଥିଲେ । ଏହି ସ୍ଥାନରେ ୩୩ କୋଟି ଦେବତା ଏକତ୍ର ହୋଇଥିଲେ । ତପସ୍ୱୀଙ୍କ ଭୂମି ହୋଇଥିବା କାରଣରୁ ଉକ୍ତ ସ୍ଥାନରେ ପାପର ପ୍ରଭାବ ରହିନଥିଲା । ସୀତା ଦେବୀ ଏଠାରେ ନିଜ କୁଡ଼ିଆ ନିର୍ମାଣ କରିଥିଲେ । ସେହି ସ୍ଥାନ ଏବେ ସୀତା କୁଟି ବା ସୀତା ସୈଣ ନାମରେ ପ୍ରସିଦ୍ଧ । ଏଠାରୁ ସେ ଋଷି ବାଲ୍ମିକୀଙ୍କ ଆଶ୍ରମକୁ ଚାଲିଯାଇଥିଲେ । ଯାହା ବର୍ତ୍ତମାନ କୋଟ ମହାଦେବ ମନ୍ଦିର ନିକଟରେ ରହିଛି । କେଦାରଖଣ୍ଡ ନାମକ ଗ୍ରନ୍ଥରେ ଉଲ୍ଲେଖ ରହିଛି ଯେ କିଛି ସମୟ ପର୍ଯ୍ୟନ୍ତ ରାଜ୍ୟ ଚଳାଇବା ପରେ ଭଗବାନ ରାମଚନ୍ଦ୍ର ଏବଂ ଲକ୍ଷ୍ମଣ ମଧ୍ୟ ଦେବପ୍ରୟାଗ ଚାଲି ଆସିଥିଲେ । ରାବଣକୁ ହତ୍ୟା କରିଥିବାରୁ ଏଠାରେ ଦେବୀ ସୀତା ଏବଂ ରାମ, ଲକ୍ଷ୍ମଣ ମିଶି ବ୍ରହ୍ମହତ୍ୟା ଦୋଷରୁ ମୁକ୍ତି ପାଇବା ଲାଗି ତପସ୍ୟା କରିଥିଲେ । ସେମାନେ ଏଠାରେ ବିଶ୍ୱେଶ୍ୱର ଲିଙ୍ଗର ସ୍ଥାପନା କରିଥିଲେ ।



## ଦେବତାଙ୍କ ଅସ୍ତିତ୍ୱ


ପୂଜ୍ୟ ବୃକ୍ଷ ମଧ୍ୟରେ ଅଶ୍ୱତ୍ଥ ବୃକ୍ଷର ସ୍ଥାନ ଗୁରୁତ୍ୱପୂର୍ଣ୍ଣ । ଏହାକୁ ବିଶ୍ୱବୃକ୍ଷ, ଚୈତ୍ୟ ବୃକ୍ଷ ଏବଂ ବାସୁଦେବ ମଧ୍ୟ କୁହାଯାଏ । ସନାତନ ଦର୍ଶନ ଅନୁଯାୟୀ, ଏହାର ପତ୍ରରେ ଦେବତାମାନେ ବାସ କରନ୍ତି । ଭଗବାନ ବିଷ୍ଣୁଙ୍କ ଅଂଶ ରହିଛି ଅଶ୍ୱତ୍ଥ ବୃକ୍ଷରେ । ଏହି କାରଣରୁ ଶ୍ରୀମଦ୍ ଭଗବତ ଗୀତାରେ ଭଗବାନ କୃଷ୍ଣ ନିଜ ବିଭୂତିର ପରିଚୟ ପ୍ରଦାନ କରି ନିଜକୁ ଅଶ୍ୱତ୍ଥ ବୃକ୍ଷ ବୋଲି ବର୍ଣ୍ଣନା କରିଛନ୍ତି । ଋକ୍‌ବେଦରେ ଅଶ୍ୱତ୍ଥ ବୃକ୍ଷର ପାତ୍ର ବିଷୟରେ ଉଲ୍ଲେଖ ରହିଛି । ଏହାର କଠୋର କାଷ୍ଠକୁ ଅଗ୍ନିରେ ଜଳାଇବା ସମୟରେ ହୋମକୁଣ୍ଡରେ ଶମି କାଠର ଉପରେ ରଖାଯାଇଥାଏ । ଅଥର୍ବ ବେଦ ଏବଂ ଛାନ୍ଦୋଗ୍ୟ ଉପନିଷଦ୍‌ରେ ଏହି ବୃକ୍ଷ ସମ୍ପର୍କରେ ବର୍ଣ୍ଣନା କରାଯାଇଛି ।

### ସନ୍ଥଙ୍କୁ ମୁଗ୍ଧ କଲେ

## ଗୁରୁ ନାନକ



ଶିଖ ଧର୍ମର ମହାଗୁରୁ ନାନକ ଥରେ ମୁଲ୍‌ତାନ୍‌ରେ ପହଞ୍ଚିଲେ । ସେଠାରେ ପୂର୍ବରୁ ଅନେକ ସନ୍ଥ ଧର୍ମ ପ୍ରଚାର କରି ଯାଇ ସାରିଥିଲେ । ଜଣେ ସନ୍ଥ ନିଜ ଶିଷ୍ୟଙ୍କ ହାତରେ କ୍ଷୀର ଭରା ପାତ୍ର ଗୁରୁ ନାନକ ଦେବଙ୍କ ନିକଟକୁ ପଠାଇଲେ । ଗୁରୁ ନାନକ ଉଠିଲେ, ବଗିଚାରୁ ଏକ ଚମ୍ପା ଫୁଲ ତୋଳିଲେ ଏବଂ କ୍ଷୀରରେ ରଖିଦେଲେ । ଏହାପରେ ଉକ୍ତ ଶିଷ୍ୟକୁ କହିଲେ, ଯାଅ ଏବଂ ନିଜ ସନ୍ଥଙ୍କୁ ଦେଇ ଦିଅ । ଶିଷ୍ୟ ମନେମନେ ଅସନ୍ତୁଷ୍ଟ ହେଲା । ଭାବିଲା, ନାନକ ଦେବ ଆମ ସନ୍ଥଙ୍କ ଭେଟିକୁ ଅସ୍ୱୀକାର କରି ତାଙ୍କୁ ଅପମାନିତ କରିଛନ୍ତି । ମାତ୍ର ସନ୍ଥ ସେହି କ୍ଷୀର ପାତ୍ର ଏବଂ ଚମ୍ପା ଫୁଲକୁ ଦେଖି ଶିଷ୍ୟକୁ କହିଲେ, ବାସ୍ତବରେ ମୁଁ ନାନକ ଦେବଙ୍କୁ ଏକ ପ୍ରଶ୍ନ ପଚାରିଥିଲି । ସେ ଏହାର ଉଚିତ୍ ଉତ୍ତର ଦେଇଛନ୍ତି । ସନ୍ଥଙ୍କ ପ୍ରଶ୍ନ ଥିଲା, ପୂର୍ବରୁ ଏଠାରେ କ୍ଷୀର ସମାନ ଚରିତ୍ର ବିଶିଷ୍ଟ ମହାତ୍ମା ବିଦ୍ୟମାନ ଥିଲେ, ଆପଣ ଏଠାକୁ କାହିଁକି ଆସିଲେ ? ନାନକ ଏହାର ଉତ୍ତର ଦେଇ କହିଲେ ଯେ ଫୁଲ ସେହି କ୍ଷୀର ପାତ୍ରରେ ରଖି ଦେବା ଦ୍ୱାରା କ୍ଷୀରର କୌଣସି କ୍ଷତି ଘଟିଲା ନାହିଁ । ବରଂ ସେହି କ୍ଷୀର ପାତ୍ରର ଶୋଭା ବୃଦ୍ଧି ହେଲା । ମୁଁ ବି ସେହି ଫୁଲ ଭଳି ମୁଲତାନ୍‌ରେ ସନ୍ଥଙ୍କ ଗହଣରେ ରହିବି । ଏହା ଥିଲା ତାଙ୍କର ଉତ୍ତର । ଗୁରୁ ନାନକଙ୍କ ଏହି ଉତ୍ତର ସେଦିନ ସନ୍ଥଙ୍କୁ ମୁଗ୍ଧ କରି ଦେଇଥିଲା ।



## ରାହୁକାଳ

ହିନ୍ଦୁ ଧର୍ମରେ କୌଣସି ଶୁଭ କାର୍ଯ୍ୟ କରିବା ପୂର୍ବରୁ ପ୍ରଥମେ ପଞ୍ଜିକାରୁ ଶୁଭ ମୁହୂର୍ତ୍ତର ବିଚାର କରାଯାଏ । କୁହାଯାଏ, ଶୁଭ ମୁହୂର୍ତ୍ତରେ କରାଯାଉଥିବା କାର୍ଯ୍ୟ ସବୁବେଳେ ସଫଳ ହୋଇଥାଏ । ଶୁଭ ମୁହୂର୍ତ୍ତର କାଳ ଗଣନାରେ ଅଶୁଭ ମୁହୂର୍ତ୍ତକୁ ମଧ୍ୟ ଧ୍ୟାନରେ ରଖାଯାଏ । ବିଶେଷକରି ଅଶୁଭ ମୁହୂର୍ତ୍ତ ଭାବେ ରାହୁକାଳ ଉପରେ ଗୁରୁତ୍ୱ ଦିଆଯାଏ । ରାହୁକାଳରେ କୌଣସି ପ୍ରକାରର ଶୁଭ କାର୍ଯ୍ୟ କରିବାକୁ ବାରଣ ରହିଛି । ତେବେ ରାହୁକାଳ କ'ଣ ଏବଂ ଏ ସମ୍ପର୍କରେ ହିନ୍ଦୁ ପଞ୍ଜାଙ୍ଗରେ କ'ଣ କୁହାଯାଇଛି, ଜାଣିବା ସେ ସମ୍ପର୍କରେ । ରାହୁକାଳ: ହିନ୍ଦୁ ପଞ୍ଜାଙ୍ଗରେ ଏହା ଅଶୁଭ ସମୟ । 'ରାହୁକାଳ'ର ଅର୍ଥ ହେଉଛି 'ରାହୁ' ଏବଂ 'କାଳ ।' ଜ୍ୟୋତିଷ ଶାସ୍ତ୍ରରେ ଏହି ଗ୍ରହକୁ କ୍ରୂର ବୋଲି ବିବେଚନା କରାଯାଏ । ରାହୁ ଦୋଷରେ ମାନସିକ, ଶାରୀରିକ ଏବଂ ଆର୍ଥିକ କ୍ଷତି ଭୋଗିବାକୁ ପଡ଼ିଥାଏ । ଏହି ସମୟରେ କୌଣସି ଶୁଭକାର୍ଯ୍ୟ କରାଯିବା ଅନୁଚିତ । କିପରି କରାଯାଏ ଗଣନା: ରାହୁକାଳର ଗଣନା ଗ୍ରହଙ୍କ ସ୍ଥିତି ଆଧାରରେ କରାଯାଏ । ପ୍ରତିଦିନ ରାହୁକାଳ ପ୍ରାୟ ଘଣ୍ଟାଏ ୩୬ ମିନିଟ୍ ପାଇଁ ରହିଥାଏ । ଏହି ଅବଧି ସ୍ଥାନ ଓ ସ୍ଥିତି ଅନୁସାରେ ଭିନ୍ନ ହୋଇଥାଏ ।

## ବହୁ ଉପକାରୀ ସପୁରୀ


**ଋତୁ ଅନୁଯାୟୀ ମିଳୁଥିବା ଫଳ ଖାଇଲେ ଅନେକ ଶାରୀରିକ ସମସ୍ୟାକୁ ଦୂରେଇ ଦେଇହୁଏ । ବିଶେଷ କରି ଖରାଦିନେ ଓ ବର୍ଷାଦିନେ ଟିକେ ଅଧିକ ପରିମାଣରେ ସପୁରୀ ମିଳିଥାଏ । ଏହି ସପୁରୀ ରସ ଆଖି ପାଇଁ ବେଶ ଲାଭଦାୟକ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି ।**

- ସପୁରୀ ରସରରେ ଥିବା ବ୍ରୋମେଲେନ ତତ୍ତ୍ୱ ବିଭିନ୍ନ ପ୍ରକାର ପେଟ ସମସ୍ୟାରୁ ମୁକ୍ତି ଦେଇଥାଏ ।
- ଏଥିରେ ଥିବା ଏନଜାଇମ ପ୍ରୋଟିନକୁ ହଜମ କରିବାରେ ସହାୟକ ହୋଇଥାଏ ।
- ସପୁରୀ ରସରେ ଥିବା ଭିଟାମିନ ସି ଓ ପୋଟାସିୟମ ଚର୍ମକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ ।
- ସପୁରୀ ରସ ପିଇଲେ ମୃତ କୋଷିକାଗୁଡିକ ସହଜରେ ବାହାରି ଯାଆନ୍ତି । ଫଳରେ ଚର୍ମ ଉଜ୍ୱଳ ହୋଇଥାଏ ।
- ଏହି ରସକୁ ପିଇବା ଫଳରେ ଦାନ୍ତ ବା ମୁଖରେ ଥିବା ବ୍ୟାକ୍ଟେରିଆ ନଷ୍ଟ ହୋଇ ଯାଇଥାଆନ୍ତି ।



# ଖାଦ୍ୟପ୍ରାଣ ଓ ମନପ୍ରାଣ

ଆମେ ସମସ୍ତେ ଜୀବନ ବଞ୍ଚୁଛେ ମାନେ ନିତିଦିନିଆ ଚିରାଚରିତ ଢ଼ଙ୍ଗରେ ଖାଦ୍ୟ ଖାଇବା । ତେବେ ଖାଦ୍ୟ ଅସଲି କି ନକଲି ଭିନ୍ନ କଥା । ପ୍ରକୃତରେ ଖାଦ୍ୟ ପ୍ରାଣ ଠିକ ରହିଛି ତ ? ଆଉ ଖାଦ୍ୟପ୍ରାଣ ଯଦି ଠିକ ଅଛି ତାହାହେଲେ ମନପ୍ରାଣ ଠିକ ଅଛି ତ ? ତାହାଲେ ଏଠାରେ ଆମେ କୌଣସି ଦ୍ୱନ୍ଦ୍ୱ ନରଖି ସ୍ୱଷ୍ଟ କରିବାକୁ ଚାହୁଁଛୁ ଏକ ଛୋଟିଆ ଅନୁଭୂତି । ଗୋଟିଏ ଭାବନାକୁ ଗୁରୁତ୍ୱ ତାହା ହେଉଛି ଆମମାନଙ୍କ ନିଜ ପକେଟକୁ ଦେଖି ଏକ ସୁସନ୍ତୁଷ୍ଟ ଖାଦ୍ୟପ୍ରାଣକୁ ଭଲପାଇବା । ଏଠାରେ ପାଠକ ଅନ୍ୟ ପ୍ରଶ୍ନଟି ପ୍ରତି ନିଶ୍ଚିନ୍ତ ଆଗ୍ରହୀ ହୋଇଥିବେ ଯାହାକି ଏହି ଲେଖାର ମୁଖ୍ୟ କଥା । ତାହା ହେଉଛି ମନପ୍ରାଣ । ଖାଦ୍ୟପ୍ରାଣ ତ ପଶୁମାନଙ୍କ ଦୈନିକ ଆହାରଗତ ବ୍ୟବସ୍ଥା କିନ୍ତୁ ସେମାନଙ୍କର ମନପ୍ରାଣ ହିଁ ନ ଥାଏ ଏହା ହିଁ ହେଉଛି ମଣିଷ ଓ ପଶୁଙ୍କ ମଧ୍ୟରେ ଶାରୀରିକ ଅସାମଞ୍ଜସ୍ୟତା । ଖାଦ୍ୟପ୍ରାଣରେ ସମସ୍ତେ ଅନ୍ତର୍ଭୁକ୍ତ ଓ ସମସ୍ତେ ଖାଦ୍ୟପ୍ରାଣର ଅଧୀନରେ । ମନପ୍ରାଣ କିନ୍ତୁ କିପରି ଜଣେ ବୁଝିପାରେ ଆଉ ବୁଝି ସମର୍ଥ ହୋଇପାରେ ଅନ୍ୟମାନଙ୍କୁ ବୁଝାଇବାରେ । ଭଜନ ଗାଉଥିବା ଜଣେ ଶ୍ରଦ୍ଧେୟାଙ୍କୁ ବେଳେ ବେଳେ ଆମ ଘର ହାତ ତିଆରି କ'ଣ ଟିକିଏ ଜିନିଷ ଦେବାବେଳେ ତାହାର ଚରମ ଆତ୍ମତୃପ୍ତିଟି ଏକ ବଡ଼ ମନପ୍ରାଣର ଶକ୍ତି । ଅଳ୍ପ ଅର୍ଥରେ ତିଆରି ହୋଇଥିବା ତଥାକଥିତ ଖାଦ୍ୟପ୍ରାଣ ଠାରୁ ଜଣଙ୍କର ଆତ୍ମ ସନ୍ତୁଷ୍ଟି ହେଉଛି ଗୁରୁତ୍ୱପୂର୍ଣ୍ଣ ଓ ମୂଲ୍ୟବାନ ମନପ୍ରାଣ । ଜୀବନ ଯେ କେହି ବି ବଞ୍ଚୁଛି ସେ ତ ଖାଦ୍ୟପ୍ରାଣର ଅଧୀନରେ ରହିବା ବାଧ୍ୟବାଧକତା ଏବଂ ଏହା ଏକ ଚରମ ପ୍ରକୃତିଗତ ପ୍ରକ୍ରିୟା । ମନପ୍ରାଣ ଅଧିକ ଭାବରେ ଆତ୍ମାର କଥା । ଯେଉଁଠି ଖାଦ୍ୟ ଅଧିକ ସ୍ୱାଦିଷ୍ଟ ବୋଧ ହୋଇଥାଏ ଆନ୍ତରିକତାର ସ୍ପର୍ଶରେ । ଏପରି ଅନୁଭୂତି ଊଣାଅଧିକେ ସମସ୍ତଙ୍କର ଥାଏ । ବିଶେଷ କରି ଅନ୍ତରଙ୍ଗ ବ୍ୟକ୍ତିଙ୍କୁ ଖାଦ୍ୟ ପରିଷିବାରେ ଏହା ଅଧିକ ଭାବମୟତା ସୃଷ୍ଟି କରିଥାଏ ।



# ଆଖିକୁ ସୁସ୍ଥ ଓ ସୁନ୍ଦର ରଖିବ ଏସବୁ ଖାଦ୍ୟ

*ମଣିଷ ଶରୀରରେ ଆଖି ସବୁଠୁ ମୂଲ୍ୟବାନ ଅଙ୍ଗ, ଆଖି ବିନା ଜୀବନ ଅନ୍ଧକାର ହୋଇଯାଏ, ତେଣୁ ସେଗୁଡ଼ିକର ଯତ୍ନ ନେବା ଏବଂ ଏପରି ଖାଦ୍ୟ ଖାଇବା ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯାହା ଦୃଷ୍ଟି ଶକ୍ତିରେ ଉନ୍ନତି ଆଣିବା ସହିତ ଆଖିକୁ ସୁନ୍ଦର ଓ ସୁସ୍ଥ ରଖିପାରିବ*





ଆଖି ଆମ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ, ଏବଂ ସେଗୁଡ଼ିକର ଉପଯୁକ୍ତ ଯତ୍ନ ନେବା ଜରୁରୀ । ବୟସ ବଢ଼ିବା ସହିତ ଆମର ଦୃଷ୍ଟି ଶକ୍ତି ଖରାପ ହୋଇପାରେ, କିନ୍ତୁ ସଠିକ୍ ଖାଦ୍ୟ ମାଧ୍ୟମରେ ଆମେ ଆମର ଦୃଷ୍ଟିଶକ୍ତିରେ ଉନ୍ନତି କରିପାରିବା ।

**ଗାଜର-** ଗାଜର ଆଖି ପାଇଁ ସର୍ବୋତ୍ତମ ଖାଦ୍ୟ ଭାବରେ ବିବେଚନା କରାଯାଏ । ଏଥିରେ ପ୍ରଚୁର ପରିମାଣର ଭିଟାମିନ୍ ଏ ଏବଂ ବିଟା-କାରୋଟିନ୍ ଥାଏ, ଯାହା ଆଖି ଦୃଷ୍ଟିଶକ୍ତିରେ ଉନ୍ନତି ଆଣିବାରେ ସାହାଯ୍ୟ କରେ । ଗାଜର ସାଲାଡ, ଜୁସ୍ କିମ୍ବା ତରକାରୀ କରି ଖାଇ ପାରିବେ ।

**ସବୁଜ ପତ୍ରଯୁକ୍ତ ପନିପରିବା-** ପାଳଙ୍ଗ, କେଲ ଏବଂ ଅନ୍ୟାନ୍ୟ ସବୁଜ ପତ୍ରଯୁକ୍ତ ପନିପରିବାରେ ଲ୍ୟୁଟିନ୍ ଏବଂ ଜିଆକ୍ସାଣ୍ଥିନ୍ ପରି ଆଣ୍ଟିଅକ୍ସିଡାଣ୍ଟ ଥାଏ, ଯାହା ଦୃଷ୍ଟି ଶକ୍ତିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଏହି ପୋଷକ ତତ୍ତ୍ୱ ରେଟିନାକୁ ସୁରକ୍ଷା ଦେଇଥାଏ ଏବଂ ଆଖିରେ ବୟସ ସମ୍ବନ୍ଧୀୟ ମାକୁଲାର ଡିଜେରେନ୍ସ ହେବାର ଆଶଙ୍କା କମ କରିଥାଏ ।

**ଫ୍ୟାଟି ଫିସ୍-** ମାଛ, ବିଶେଷତଃ ସେଲମନ, ଟୁନା, ଏବଂ ସାର୍ଡିନ୍, ଓମେଗା -୩ ଫ୍ୟାଟି ଏସିଡ୍‌ରେ ଭରପୂର । ଓମେଗା -୩ ଫ୍ୟାଟି ଏସିଡ୍ ଆଖି ପାଇଁ ଅତ୍ୟନ୍ତ ଲାଭଦାୟକ, କାରଣ ଏହା ପ୍ରଦାହକୁ ହ୍ରାସ କରିଥାଏ ଏବଂ ଶୁଖିଲା ଚକ୍ଷୁ ସିଣ୍ଡ୍ରୋମକୁ ରୋକିବାରେ ସାହାଯ୍ୟ କରିଥାଏ । ଏହା ବ୍ୟତୀତ ଏହା ରେଟିନାର ସ୍ୱାସ୍ଥ୍ୟ ମଧ୍ୟ ବଜାୟ ରଖେ । ସପ୍ତାହରେ ଦୁଇଥର ମାଛ ଖାଇବା ଦ୍ୱାରା ଦୃଷ୍ଟି ଶକ୍ତି ବୃଦ୍ଧିରେ ସହାୟକ ହୋଇଥାଏ ।

**ଅଣ୍ଡା-** ଅଣ୍ଡାରେ ଅଧିକ ପରିମାଣର ଲ୍ୟୁଟିନ୍, ଜିଆକ୍ସାଣ୍ଥିନ୍ ଏବଂ ଭିଟାମିନ୍ ଏ ଥାଏ । ଏହି ସମସ୍ତ ପୋଷକ ତତ୍ତ୍ୱ ଦୃଷ୍ଟି ଶକ୍ତି ବଢ଼ାଇବାରେ ଏବଂ ରାତିରେ ଦେଖିବାର କ୍ଷମତାକୁ ଉନ୍ନତ କରିବାରେ ସାହାଯ୍ୟ କରିଥାଏ । ଅଣ୍ଡାର ହଳଦିଆ ଅଂଶ ଆଖି ପାଇଁ ବିଶେଷ ଲାଭଦାୟକ । ଜଳଖିଆରେ ଅଣ୍ଡା ଖାଇବା ଏକ ସୁସ୍ଥ ଏବଂ ପୁଷ୍ଟିକର ବିକଳ୍ପ ହୋଇପାରେ ।





**ବାଦାମ ଏବଂ ସିଡ୍ସ-** ଚିନାବାଦାମ, ଆଲମଣ୍ଡ, ଚିଆ ସିଡ୍ସ ପରି ମଞ୍ଜି ଆଖି ସ୍ୱାସ୍ଥ୍ୟ ପାଇଁ ବହୁତ ଭଲ । ସେଗୁଡିକରେ ଅଧିକ ପରିମାଣର ଭିଟାମିନ୍ ଇ ଥାଏ, ଯାହା ଆଖିକୁ ମୁକ୍ତ ରିକ୍ତାଣୁରୁ ରକ୍ଷା କରିବାରେ ସାହାଯ୍ୟ କରିଥାଏ ।

## ପତ୍ନୀହନ୍ତାକୁ ଆଜୀବନ କାରାଦଣ୍ଡ

ରାୟଗଡା,(ନି:ପ୍ର): ଏକ ଚର୍ଚ୍ଚିତ ହତ୍ୟାକାଣ୍ଡର ରାୟ ଶୁଣାଇଛନ୍ତି ରାୟଗଡା ଅତିରିକ୍ତ ଜିଲ୍ଲା ଦୌରା ଜର୍ଜ। ଅଭିଯୁକ୍ତ ଗୁରୁନାଥ ଗୌଡକୁ କୋର୍ଟ ଆଜୀବନ ସହ ୨୦ ହଜାର ଟଙ୍କା ଜରିମାନା ଆଦେଶ ଶୁଣାଇଛନ୍ତି। ଜରିମାନା ଅନାଦେୟ ଅଭୁଯୁକ୍ତକୁ ଆଉ ୬ମାସର ଜେଲ ଦଣ୍ଡରେ ଦଣ୍ଡିତ କରାଯିବ ବୋଲି କୋର୍ଟ କହିଛନ୍ତି। ପାରିବାରିକ କଳହକୁ କେନ୍ଦ୍ରକରି ଗତ ୨୦୨୪ମସିହା ଫେବ୍ରୁଆରୀ ୨ ତାରିଖ ରାତିରେ କାଶୀପୁର ଥାନା ଭାଟିପାସ୍ ଗ୍ରାମର ଗୁରୁନାଥ ତା ସ୍ତ୍ରୀ ପୁଷ୍ପା ଗୌଡକୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲା। ଏନେଇ ପୁଅ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଗୁରୁନାଥକୁ ଗିରଫ୍ କରି କୋର୍ଟ ଚାଲାଣ କରିଥିଲା। ତେବେ ଏହି ମାମଲାର ରାୟ ପ୍ରକାଶ ପାଇଛି। ନିଜ ପୁଅ ସମେତ ଅନ୍ୟ ୧୩ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଅତିରିକ୍ତ ଜିଲ୍ଲା ଦୌରା ଜଜ ଏହି ରାୟ ଶୁଣାଇଛନ୍ତି ବୋଲି ସରକାରୀ ଓକିଲ କହିଛନ୍ତି।

## ରେଳଧାରଣାରୁ ମୃତଦେହ ଉଦ୍ଧାର

ଜଟଣୀ,(ନିପ୍ର): ଖୋର୍ଦ୍ଧାରୋଡ୍ ଷ୍ଟେସନ ନିକଟବର୍ତ୍ତୀ ଯମୁନା ପାସେଞ୍ଜର ହଲ୍ଟ ନିକଟ ରେଳଧାରଣାରୁ ଜଣେ ଅପରିଚିତ ବ୍ୟକ୍ତିଙ୍କ ମୃତ ଦେହ ରେଲୱେ ପୁଲିସ ଆଜି ଉଦ୍ଧାର କରିଛି। ରେଳଧାରଣା ମଝିରେ ପଡ଼ିଥିବା ବ୍ୟକ୍ତିଙ୍କ ବାମଗୋଡ଼ର ଜଂଘରୁ ଦୁଇଗଡ଼ ହୋଇଯାଇଥିବା ବେଳେ ମୁହଁ, ହାତ ଓ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ରହିଛି। ବିଳମ୍ବିତ ରାତି ବା ଭୋର୍ ସମୟରେ କୌଣସି ଟ୍ରେନ୍‌ରୁ ଖସିପଡ଼ି ବା ରେଳଧାରଣା ଅତିକ୍ରମ କଲା ବେଳେ ଏପରି ହୋଇଥିବା ରେଲୱେ ପୁଲିସ ଅନୁମାନ କରୁଛି । ମୃତ ବ୍ୟକ୍ତି ଜଣକ ନୀଳରଙ୍ଗର ହାଫ୍‌ପ୍ୟାଣ୍ଟ ପିନ୍ଧିଥିବା ଦେଖିବାକୁ ମିଳିଥିଲା। ଖବରପାଇ ଖୋର୍ଦ୍ଧାରୋଡ଼ ରେଲୱେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବ୍ୟବଚ୍ଛେଦ ପାଇଁ ମୃତଦେହ ଖୋର୍ଦ୍ଧା ମେଡିକାଲ ପଠାଇବା ସହ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି ।

## ଜଟଣୀ ନଗର କଂଗ୍ରେସ କର୍ମୀ ସମ୍ମିଳନୀ

ଜଟଣୀ,(ନିପ୍ର): ଜଟଣୀ ନଗର କଂଗ୍ରେସ ପକ୍ଷରୁ ଆଜି ଏଠାରେ ବୁଥ୍‌ସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ନଗର କଂଗ୍ରେସ ସଭାପତି ଶିବ ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ମାଆ ଜଟିଆଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ସମ୍ମିଳନୀରେ ଖୋର୍ଦ୍ଧା ଜିଲ୍ଲା ସଭାପତି ରାଜୀବ ପଟ୍ଟନାୟକ, ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ, ପିସିସି ସଂପାଦକ ଅଶୋକ ମଙ୍ଗରାଜ, ପୂର୍ବତନ ପୌରାଧକ୍ଷ ଗୌରୀପ୍ରସାଦ ସିଂ, ବ୍ଲକ କଂଗ୍ରେସ ସଭାପତି ଶୁଭ୍ରାଂଶୁ ଶେଖର ପଟ୍ଟନାୟକ, ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ । ଆଗାମୀ ପୌର ଓ ପଂଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ତୃଣମୂଳ ସ୍ତରରେ ସଂଗଠନକୁ ସୁଦୃଢ଼ କରିବା ପାଇଁ ୱାର୍ଡ ସଭାପତି, ବୁଥ୍ କମିଟି ଗଠନ ଉପରେ ଗୁରୁତ୍ୱ ଦେଇଥିଲେ । ଏଥିରେ ଅନେକ କଂଗ୍ରେସ କର୍ମୀ ଉପସ୍ଥିତ ରହିଥିଲେ ।

## ବଂଶଧାରା ବନ୍ୟାର ୪୬ ବର୍ଷ ପୂର୍ତ୍ତି ଅବସରରେ ଆଲୋଚନା ଚକ୍ର

କାଶୀନଗର,(ନିପ୍ର): କାଶୀନଗର ବଂଶଧାରା ପାଠାଗାର ପରିସରରେ ୧୯୮୦ ମସିହା ଆଜିର ଦିନ ମଧ୍ୟ ରାତ୍ରିରେ ବଂଶଧର ନଦୀରେ ହୋଇଥିବା ପ୍ରଳୟଙ୍କାରୀ ବନ୍ୟାର ୪୬ ବର୍ଷ ପୂର୍ତ୍ତି ଅବସରରେ ଏକ ଆଲୋଚନା ଚକ୍ର ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମରେ କାଶୀନଗର ସହରର ବନ୍ୟାରେ ପ୍ରାୟ ୧୬୦ ଲୋକ ସିନେମା ହଲରେ ସିନେମା ଦେଖୁଥିବା ସମୟରେ ପୁରା ସିନେମା ହଲକୁ ଭସେଇ ନେଇ ଯାଇଥିବା ଘଟଣା ଏବେ ମଧ୍ୟ ସମସ୍ତ କାଶୀନଗର ବାସୀ ମନେ ରଖିଛନ୍ତି। ସମାଜସେବୀ ନଳନୀ କାନ୍ତ ପାତ୍ରଙ୍କ କହିବା ଅନୁଯାଇ ବନ୍ୟା ସେ ନିଜେ ଦେଖିଛନ୍ତି ଏବଂ ବନ୍ୟାର ପ୍ରକୋପ ଏତେ ଭୟଙ୍କର ସେ ବିଷୟରେ କହି ସ୍ୱର୍ଗତ ପ୍ରତାପ ଚନ୍ଦ୍ର ପାଠୀ ସେହି ବନ୍ୟାରେ ପୀଡିତ ହୋଇ କିପରି ରକ୍ଷା ପାଇଥିବା କଥା ମଧ୍ୟ ସେ କହିଥିଲେ। ଅବସର ପ୍ରାପ୍ତ କେନ୍ଦ୍ରୀୟ ଜଳ ଆୟୋଗ କର୍ମଚାରୀ ବି.ସୁରି ନାରାୟଣଙ୍କ ସୂଚନା ମୁତାବକ କାଶୀନଗର ସ୍ଥିତ କେନ୍ଦ୍ରୀୟ ଜଳ ଆୟୋଗ କାର୍ଯ୍ୟାଳୟ ଭିତରେ ପାଣି ପଶି ୫୮ ଫୁଟ ଉଚ୍ଚରେ ରହିଥିବା କହିଥିଲେ।

## ସାମୁହିକ ଗଣେଷ ମେଢ଼ ବିସର୍ଜନ ଲାଗି ପ୍ରଶାସନିକ ପ୍ରସ୍ତୁତି ବୈଠକ

ହିଞ୍ଜିଳିକାଟୁ(ନିପ୍ର): ଗତକାଲି ସକାଳେ ସହରର ଏକ ଘରୋଇ କୋଚିଂ ସେଣ୍ଟରର ଗଣେଷ ମୂର୍ତ୍ତି ବିସର୍ଜନ ବେଳେ ୨ ଜଣ ନାବାଳକ ଛାତ୍ର ନଦୀ ଗର୍ଭରେ ବୁଡ଼ି ପ୍ରାଣ ହରାଇଥିଲେ। ସ୍ଥାନୀୟ ପୌର ଓ ପୋଲିସ୍ ପ୍ରଶାସନ ଠାରୁ କୌଣସି ଅନୁମତି ନ ନେଇ ଘରୋଇ କୋଚିଂ ସେଣ୍ଟରର ଶିକ୍ଷକ ଜଣକ ଗଣେଷ ମୂର୍ତ୍ତି ବିସର୍ଜନ ଆୟୋଜନ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଗୁରୁବାର ପୌର ଓ ପୋଲିସ ପ୍ରଶାସନ ପକ୍ଷରୁ ପୌର ପରିଷଦ ସଭାଗୃହ ପରିସରରେ ସହରର ସମସ୍ତ ପୂଜା କମିଟିଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି। ପୌରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ହିଞ୍ଜିଳି ଥାନା ଅଧିକାରୀ ଶ୍ରୀନିବାସ ସେଠୀ, କାଉନସିଲର ବସନ୍ତ କୁମାର ବେହେରା, ଗୋପବନ୍ଧୁ ବେହେରା, ଭିକା ବେହେରା ଓ ଅମୂଲ୍ୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସହରର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ସାମୁହିକ ଭାବେ ମୂର୍ତ୍ତି ବିସର୍ଜନ ଲାଗି ପ୍ରଶାସନିକ ଅଧିକାରୀ ମାନେ ଅନୁରୋଧ କରିଥିଲେ।ଏଥିପାଇଁ ଆସନ୍ତା ୨୦ ତାରିଖକୁ ଧାର୍ଯ୍ୟ କରାଯାଇଛି। ପୁଲିସ ପ୍ରଶାସନ ପକ୍ଷରୁ ଏକ ପ୍ଲାଟୁନ୍ ଫୋର୍ସ ମୁତୟନ ହେବା ସହ ମିନି ଷ୍ଟାଡିୟମ ପରିସରରେ ସମସ୍ତ ଗଣେଷ ମୂର୍ତ୍ତି ସମାଗମ ହେବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

### ସେବା ସଂକଳ୍ପ ଅଭିଯାନ ବାରାଣସୀରୁ-ଭଦନଗର ଯାତ୍ରା

## ଦେଶ ବିକାଶର ମୂକସାକ୍ଷୀ ହେବେ ଯୁବବର୍ଗ : ଉପମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ କେବଳ ସର୍ବାଧିକ ସମୟ ଶାସନ ବ୍ୟବସ୍ଥା ମୁଖ୍ୟ ଭାବେ ଗୁଜରାଟର ମୁଖ୍ୟମନ୍ତ୍ରୀ ଓ ଦେଶର ପ୍ରଧାନମନ୍ତ୍ରୀ ପଦ ଅଳଙ୍କୃତ କରିନାହାନ୍ତି, ସେ ସର୍ବାଧିକ ଜନସାଧାରଣଙ୍କର ହୃଦୟରେ ସ୍ୱତନ୍ତ୍ର ଘର ତୋଳି ପାରିଛନ୍ତି । ତାଙ୍କର ଶାସନକାଳ ଭାରତର ଇତିହାସରେ ସ୍ୱର୍ଣ୍ଣାରରେ ଲିପିବଦ୍ଧ ହେବାକୁ ଯାଉଛି । ଏନେଇ ତାଙ୍କ ଜନ୍ମଦିନ ୧୭ ସେପ୍ଟେମ୍ବରରୁ ବିଜେପି ପକ୍ଷରୁ ଏକ ମାସଧରି ଦେଶବ୍ୟାପୀ 'ସେବା ସଂକଳ୍ପ ଅଭିଯାନ' ଆୟୋଜନ କରାଯାଉଛି । ଅଭିଯାନର ଆନୁକୂଲ୍ୟରେ ବିଜେପି ଯୁବ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନେ ରାଜ୍ୟ ସଭାପତି ଅଭିଳାଷ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଭୁବନେଶ୍ୱରରୁ ବାରାଣାସୀ ଗସ୍ତ କରିବେ । ସେଠାରୁ ଭଦନଗର ଅଭିମୁଖେ ଯାତ୍ରା କରିବେ ।

ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ଯୁବଶକ୍ତିମାନେ ୨୫ ଦିନିଆ କାର୍ଯ୍ୟକ୍ରମରେ ସାଂସ୍କୃତିକ ଆଦାନପ୍ରଦାନ କରିବା ସହ ବିକାଶର ମୁକସାକ୍ଷୀ ହେବେ । ମୋଦିଜୀଙ୍କ ଶାସନକାଳର ୨୫ ବର୍ଷ ମଧ୍ୟରେ ଗୁଜୁରାଟରୁ ଆରମ୍ଭ କରି ପୂରାଦେଶରେ କିଭଳି ରୁପାନ୍ତରଣ ହୋଇଛି, ଲୋକଙ୍କ ଜୀବନ ଶୈଳିରେ କିପରି ପରିବର୍ତ୍ତନ ହୋଇଛି। ଯୁବକମାନେ କିପରି ଆତ୍ମନିର୍ଭର ହୋଇଛନ୍ତି ଏବଂ ବିଶ୍ୱରେ ଭାରତ କିପରି ଏକ ଗ୍ରୋଥ୍ ଇଞ୍ଜିନ ରୂପେ ଆଗକୁ ବଢୁଛି ତାହାର ଛବି ନିଜ ଆଖିରେ ଦେଖିବେ । ଏଥିସହ ବିକଶିତ ଭାରତର ନୂଆ ସଂକଳ୍ପ ନେଇ ଫେରିବେ । ଅମୃତ କାଳରେ ଏହି ଯାତ୍ରା ଯୁବକମାନଙ୍କ ମଧ୍ୟରେ ନୂତନ ଆଶା, ଉଦ୍ଦୀପନା ଏବଂ ଅନୁଭବ ଆଣିଦେବା ସହ ଏକ ଭିନ୍ନ ରାଜନୈତିକ ଦଳର ନେତାଭାବେ ନିଜକୁ ତିଆରି କରିପାରିବେ ବୋଲି ବାରାଣାସୀରୁ- ଭଦନଗର ପର୍ଯ୍ୟନ୍ତ ହେବାକୁ ଥିବା ସେବା ସଂକଳ୍ପ ଯାତ୍ରାକୁ ଉଦ୍‌ଘାଟନ କରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା କହିଛନ୍ତି ।

ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଶ୍ରୀ ପଣ୍ଡା କହିଛନ୍ତି ଯେ, ସେବା ସଂକଳ୍ପ ଅଭିଯାନ ଆନୁକୂଲ୍ୟରେ ଅନେକ କାର୍ଯ୍ୟକ୍ରମ ସଂଗଠିତ ହେବାକୁ ଯାଉଛି । ତା'ମଧ୍ୟରେ ଯୁବବର୍ଗର ବାରାଣାସୀରୁ-ଭଦନଗର ଯାତ୍ରା ରହିଛି । ଏହି ୧୮୦୦ କିଲୋମିଟର ଯାତ୍ରାରେ ୩ ମନ୍ତ୍ର ଯଥା ଜଳ, ଜନ ଏବଂ ସେବାକୁ ଗୁରୁତ୍ୱ ଦିଆଯାଇଛି । ଓଡ଼ିଶାର ୩୦ ଜଣ ଯୁବକଙ୍କୁ ଏହି ପ୍ରତିନିଧିମଣ୍ଡଳୀରେ ସାମିଲ କରାଯାଇଛି । ଯୁବ ମୋର୍ଚ୍ଚାର ରାଜ୍ୟ ସମ୍ପାଦକ ସୌମ୍ୟରଞ୍ଜନ ନାୟକ ଏହାର ନେତୃତ୍ୱ ନେଉଛନ୍ତି । ଭୁବନେଶ୍ୱରର ଲିଙ୍ଗରାଜ ମହାପ୍ରଭୁଙ୍କୁ ଦର୍ଶନ କରି ଏହି ପ୍ରତିନିଧିମଣ୍ଡଳୀ ବାରାଣାସୀ ଗସ୍ତ କରିଛନ୍ତି । ସେଠାକାର ପ୍ରସିଦ୍ଧ ଶୈବପୀଠ ବିଶ୍ୱନାଥ ମନ୍ଦିରରୁ ଗୁଜରାଟର ବାବା ସୋମନାଥଙ୍କ ମନ୍ଦିର ପର୍ଯ୍ୟନ୍ତ ଓ ଗୁଜରାଟ ମାଟି ପର୍ଯ୍ୟନ୍ତ ଏହି ଯାତ୍ରା ଚାଲିବ ।

## ବିଜେପିର ମିଶ୍ରଣପର୍ବ: ପଦ୍ମ ଧରିଲେ ବିରୁଡ଼ା ପଞ୍ଚାୟତର ହଜାରରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ




ନୟାଗଡ଼,(ନିପ୍ର): ନୟାଗଡ଼ ରାଜନୀତିରେ ଏକ ବଡ଼ ଧରଣର ପରିବର୍ତ୍ତନ ଦେଖିବାକୁ ମିଳିଛି । ବିଜେଡ଼ିର ଗଡ଼ କୁହାଯାଉଥିବା ବିରୁଡ଼ା ପଞ୍ଚାୟତରେ ଏବେ ପଦ୍ମ ଫୁଟିଛି । ନୟାଗଡ଼ ପୁରୁଣା ରାଜବାଟୀସ୍ଥିତ ବିଜେପି କାର୍ଯ୍ୟାଳୟଠାରେ ଆୟୋଜିତ ଏକ ବିଶାଳ ମିଶ୍ରଣ ପର୍ବରେ ବିରୁଡ଼ା ପଞ୍ଚାୟତର ୧୦୦୦ ରୁ ଉର୍ଦ୍ଧ୍ୱ ବିଜେଡ଼ି ନେତା ଓ କର୍ମୀ ବିଧିବଦ୍ଧ ଭାବେ ବିଜେପିରେ ସାମିଲ ହୋଇଛନ୍ତି । ବିଜେଡ଼ିର ମହିଳା ନେତୃତ୍ୱ ଏବେ ବିଜେପି ଶିବିରରେ।

ବିରୁଡ଼ା ପଞ୍ଚାୟତ ୱାର୍ଡ ମେମ୍ବରଙ୍କ ଠାରୁ ଆରମ୍ଭ କରି ସରପଞ୍ଚଙ୍କ ପର୍ଯ୍ୟନ୍ତ ବିଜେଡ଼ି ମହିଳାଙ୍କ ନେତୃତ୍ୱ ପାଇଁ ସାରା ଓଡ଼ିଶାରେ ଚର୍ଚ୍ଚିତ ଥିଲା। ମାତ୍ର ସେମାନେ ଏବେ ବିଜେପି ଶିବିରରେ । ନୟାଗଡ଼ର ବିଜେପି ନେତ୍ରୀ ତଥା ରାଣୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ନୂତନ ନୟାଗଡ଼ ଗଠନର ସଂକଳ୍ପ ଏବଂ ଦୃଢ଼ ନେତୃତ୍ୱକୁ ପାଥେୟ କରି ବିରୁଡ଼ା ଗ୍ରାମ ପଞ୍ଚାୟତର ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ଓ କାର୍ଯ୍ୟକର୍ତ୍ତା ବିଜେଡ଼ି ଦଳ ପରିତ୍ୟାଗ କରି ବିଜେପିରେ ଯୋଗଦାନ କରିଛନ୍ତି। ବିରୁଡ଼ା ଗ୍ରାମ ପଞ୍ଚାୟତର ମହିଳା ସରପଞ୍ଚ ବିଷ୍ଣୁପ୍ରିୟା ସ୍ୱାଇଁ, ସମିତି ସଭ୍ୟା ଶୁଭଲକ୍ଷ୍ମୀ ସାହୁଙ୍କ ସମେତ ପଞ୍ଚାୟତର ସମସ୍ତ ମହିଳା ୱାର୍ଡ ମେମ୍ବର ସାମିଲ ହୋଇଥିଲେ। ବିରୁଡ଼ା ଗ୍ରାମ ପଞ୍ଚାୟତର ପଞ୍ଚାୟତର ଯୁବ ନେତା ମିତ୍ରବନ୍ଧୁ ପଲେଇ,ରଞ୍ଜନ କୁମାର ଲେଙ୍କା ଆଦିଙ୍କ ପ୍ରଚେଷ୍ଟାରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି । ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ଉପସ୍ଥିତିରେ ନୂତନ କାର୍ଯ୍ୟକର୍ତ୍ତାମାନେ ବିଜେପିର ଦଳୀୟ ଉତ୍ତରୀୟ ପରିଧାନ କରି ଦଳରେ ବିଧିବଦ୍ଧ ଭାବେ ସାମିଲ ହୋଇଥିଲେ । ଏହି ଅବସରରେ ବିଜେପି ନେତ୍ରୀ ପ୍ରତ୍ୟୁଷା ସମସ୍ତଙ୍କୁ ସ୍ୱାଗତ କରିବା ସହ ସମସ୍ତେ ସାଥି ହୋଇ ବିରୁଡ଼ା ଗ୍ରାମ ପଞ୍ଚାୟତ ଏବଂ ନୟାଗଡ଼ ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ପାଇଁ ଆହ୍ୱାନ ଦେଇଥିଲେ ।

ଉକ୍ତ ମିଶ୍ରଣ ପର୍ବରେ ନୟାଗଡ଼ ବ୍ଲକ ସଭାପତି କିଶୋର ଚନ୍ଦ୍ର ସାହୁ,ନଗର ମଣ୍ଡଳ ପ୍ରଭାରୀ ତଥା ପୂର୍ବତନ ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ଶ ନସିର ଅହମଦ,ନୟାଗଡ଼ ନଗର ମଣ୍ଡଳ ପ୍ରତିନିଧି ରଂଜନ ରଶ୍ମି ଜେନା,ଇଟାମାଟି ମଣ୍ଡଳ ସଭାପତି ବିଷ୍ଣୁ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଶାଳ ମିଶ୍ରଣ ପର୍ବ ନୟାଗଡ଼ରେ ବିଜେପି ପ୍ରତି ଜନସାଧାରଣଙ୍କ ବଢୁଥିବା ଆସ୍ଥା, ଯୁବପିଢ଼ିଙ୍କ ଆକର୍ଷଣ ଏବଂ ଦଳର ସାଂଗଠନିକ ଶକ୍ତିକୁ ଆହୁରି ସୁଦୃଢ଼ କରିଥିବା ବିଜେପି ନେତୃବୃନ୍ଦ ପ୍ରକାଶ କରିଛନ୍ତି ।

## ସ୍ୱଚ୍ଛତା ହିଁ ସେବା ଉପରେ ବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କୁ ପ୍ରଶିକ୍ଷଣ ଶିବିର

ଆସିକା(ନିପ୍ର):କେନ୍ଦ୍ର ସରକାର ତଥା ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଆସିକା ମୁନସିପାଲଟି ପକ୍ଷରୁ ପ୍ରତ୍ୟେକ ୱାର୍ଡ, ବିଦ୍ୟାଳୟ, ମହାବିଦ୍ୟାଳୟ ଗୁଡିକରେ ବିଭିନ୍ନ ପ୍ରକାର ସଚେତନତା ମୂଳକ କାର୍ଯ୍ୟକ୍ରମ ଚାଲୁରହିଛି। ଏହି ପରିପେକ୍ଷୀରେ ଆସିକା ଗାୟତ୍ରୀ ନଗର ସ୍ଥିତ ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ବିଦ୍ୟାଳୟ ପ୍ରଧାନଚାର୍ଯ୍ୟା ଅନ୍ନପୂର୍ଣ୍ଣା ଆଚାର୍ଯ୍ୟଙ୍କ ସଭାପତିତ୍ୱ ଓ ଆସିକା ମୁନସିପାଲଟି ସ୍ୱଚ୍ଛ ସୁପରଭାଇଜର ଦୀପ୍ତିମୟୀ ସାହୁଙ୍କ ସଂଯୋଜନାରେ ଏକ ସଚେତନତା ମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମ୍ୟୁନସିପାଲଟି ଅଧକ୍ଷା ବିନେତା ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ସମ୍ପାଦକ କମଳେନ୍ଦୁ ହୋତା, ସହ ସମ୍ପାଦକ ଦିଲ୍ଲିପ କୁମାର ଶତପଥୀ, ୱାର୍ଡ ନମ୍ବର ୧୮ କାଉନସିଲର ସୁଜାତା ପରିଡା, ୱାର୍ଡ ନମ୍ବର ୧୪ କାଉନସିଲର ଦୁର୍ଗାବାଇ ବୈଠକରୁ ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବି ଅନିଲ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଉପସ୍ଥିତ ଅତିଥିମାନେ କିଭଳି ଭାବେ ଘରୁ ବାହାରୁଥିବା ଅଳିଆକୁ ଆମେ ସଠିକ ଭାବେ ଫୋପାଡ଼ିବ, ସେଥିରୁ କିଭଳି ଭାବେ ଜୈବିକସାର ପ୍ରସ୍ତୁତ କରାଯାଇଛି ଏହିପରି ଅନେକ ବିଷୟ ଉପରେ ପ୍ରଶିକ୍ଷଣ ଦେଇଥିଲେ।

## ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ରୋଗୀଙ୍କୁ ଫଳ ବଣ୍ଟନ

କଣ୍ଟିଲୋ,(ନି.ପ୍ର): ବିକଶିତ ଭାରତର ଜନ ନାୟକ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୬ ତମ ଜନ୍ମ ଦିନ ପାଳନ ଅବସରରେ ଖଣ୍ଡପଡ଼ା ଓ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରୋଗୀମାନଙ୍କୁ ଖଣ୍ଡପଡ଼ା ବିଧାୟକ ଇଂ.ଦୁଷ୍ମନ୍ତ କୁମାର ସ୍ୱାଇଁ ଗୁରୁବାର ଫଳ ବଣ୍ଟନ କରିବା ଅବସରରେ ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିଥିବା ଜଣାଯାଇଛି। ବିଧାୟକଙ୍କ ସହ ଖଣ୍ଡପଡ଼ା ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ,ନୟାଗଡ ଜିଲ୍ଲା ଭାଜପା ପ୍ରଭାରୀ ସୁରଥ ବିଶ୍ୱାଳ,ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ.ଅଭିସାର ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ।

## ଛତିଶଗଡ଼ର ମୁଖ୍ୟମନ୍ତ୍ରୀଙ୍କ ସହ ମତବିନିମୟ କଲେ ଓଡ଼ିଶାର ଗଣମାଧ୍ୟମ ପ୍ରତିନିଧି ଦଳ



ଭୁବନେଶ୍ୱର,୧୭।୯(ପିଆଇବି): ଭୁବନେଶ୍ୱର ଦ୍ୱାରା ଆୟୋଜିତ ଛତିଶଗଡ଼ ଅଭିମୁଖେ ଆନ୍ତଃ-ରାଜ୍ୟ ଗଣମାଧ୍ୟମ ଅଧ୍ୟୟନ ଗସ୍ତର ଅଂଶବିଶେଷ ଭାବରେ, ଓଡ଼ିଶାର ଏକ ଗଣମାଧ୍ୟମ ପ୍ରତିନିଧି ଦଳ ଆଜି ରାୟପୁରଠାରେ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଏଙ୍କ ସହ ଆଲୋଚନା କରିଛନ୍ତି। ଏହି ଆଲୋଚନା ସାମ୍ବାଦିକମାନଙ୍କୁ ଛତିଶଗଡ଼ର ବିକାଶ ଯାତ୍ରା, ପ୍ରାକୃତିକ ସମ୍ପଦର ସମ୍ଭାବନା, ଜଙ୍ଗଲ-ଭିତ୍ତିକ ଜୀବିକା ଏବଂ ସ୍ଥାନୀୟ ସମ୍ପ୍ରଦାୟର ଅର୍ଥନୈତିକ ସଶକ୍ତୀକରଣ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ପ୍ରତ୍ୟକ୍ଷ ଧାରଣା ଲାଭ କରିବାର ସୁଯୋଗ ପ୍ରଦାନ କରିଥିଲା। ଓଡ଼ିଶାର ଗଣମାଧ୍ୟମ ପ୍ରତିନିଧି ଦଳକୁ ଛତିଶଗଡ଼ରେ ସ୍ୱାଗତ ଜଣାଇ ଶ୍ରୀ ସାଏ କହିଥିଲେ ଯେ ଓଡ଼ିଶାର ସାମ୍ବାଦିକମାନେ ଛତିଶଗଡ଼ ଗସ୍ତ କରିବା ରାଜ୍ୟ ପାଇଁ ଏକ ସୌଭାଗ୍ୟର ବିଷୟ। ସେ ଏହି ପ୍ରତିନିଧି ଦଳକୁ ସ୍ୱାଗତ ଜଣାଇବା ସହ ବିକାଶମୂଳକ ପଦକ୍ଷେପ ଏବଂ ସରକାରୀ କାର୍ଯ୍ୟକ୍ରମଗୁଡ଼ିକୁ ଲୋକଙ୍କ ନିକଟରେ ପହଞ୍ଚାଇବାରେ ଗଣମାଧ୍ୟମର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ନରେନ୍ଦ୍ର ମୋଦୀଙ୍କ ଜନସେବାର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ସେପଟ୍ଟେମ୍ବର ୧୭ ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ପାଳନ କରାଯାଉଥିବା 'ସେବା ସଂକଳ୍ପ ଅଭିଯାନ' ବିଷୟରେ ମଧ୍ୟ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ। ସେ କହିଥିଲେ ଯେ ଏହି ମାସବ୍ୟାପୀ ଅଭିଯାନ ଅଧୀନରେ ୧୩ଟି ଭିନ୍ନ ଭିନ୍ନ କାର୍ଯ୍ୟକ୍ରମର ଯୋଜନା କରାଯାଇଛି ଯେଉଁଥିରେ ମହିଳା, କୃଷକ, ଶ୍ରମିକ, ବ୍ୟବସାୟୀ, ଡାକ୍ତର ଏବଂ ଇଞ୍ଜିନିୟରଙ୍କ ସମେତ ସମାଜର ବିଭିନ୍ନ ବର୍ଗର ଲୋକମାନେ ଅଂଶଗ୍ରହଣ କରିବେ। ଶ୍ରୀ ସାଏ ଲୌହ, କୋଇଲା, ବକ୍ସାଇଟ୍, ହୀରା, ସୁନା ଏବଂ ଲିଥିୟମ୍ ସମେତ ଶିଳ୍ପ, ବାଣିଜ୍ୟ ଓ ପ୍ରାକୃତିକ ସମ୍ପଦ କ୍ଷେତ୍ରରେ ଛତିଶଗଡ଼ର ଥିବା ପ୍ରଚୁର ସମ୍ଭାବନା ଉପରେ ଆଲୋକପାତ କରିଥିଲେ। ସ୍ଥାନୀୟ ଲୋକଙ୍କ ଜୀବିକା ନିର୍ବାହରେ ରାଜ୍ୟର ସମୃଦ୍ଧ ଜଙ୍ଗଲ ସମ୍ପଦର ଭୂମିକା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଛତିଶଗଡ଼ର ପ୍ରାୟ ୪୪ ପ୍ରତିଶତ ଭୂଭାଗ ଜଙ୍ଗଲ ଦ୍ୱାରା ଆଚ୍ଛାଦିତ ହୋଇ ରହିଛି ଏବଂ ସେ 'ଏକ ପେଡ୍ ମା କେ ନାମ୍' ଭଳି ବୃକ୍ଷରୋପଣ କାର୍ଯ୍ୟକ୍ରମ ତଥା କାମ୍ପା ପାଣ୍ଠି ମାଧ୍ୟମରେ ସମର୍ଥିତ ପ୍ରୟାସଗୁଡ଼ିକ ବିଷୟରେ ଉଲ୍ଲେଖ କରିଥିଲେ। ଗ୍ରାମୀଣ ଓ ଆଦିବାସୀ ଅର୍ଥନୀତିରେ ଜଙ୍ଗଲଜାତ ଦ୍ରବ୍ୟର ଅବଦାନ ଉପରେ ଗୁରୁତ୍ୱାରୋପ କରି ଶ୍ରୀ ସାଏ କହିଲେ ଯେ ପ୍ରାୟ ୧୩ ଲକ୍ଷ ପରିବାର କେନ୍ଦୁ ପତ୍ର ସଂଗ୍ରହ କାର୍ଯ୍ୟ ସହ ଜଡ଼ିତ ଅଛନ୍ତି। ସେ କହିଲେ ଯେ ସରକାର ସଂଗ୍ରହକାରୀମାନଙ୍କୁ ପ୍ରତି 'ଷ୍ଟାଣ୍ଡାର୍ଡ ବ୍ୟାଗ୍' ପିଛା ୫,୫୦୦ ଟଙ୍କା ପ୍ରଦାନ କରିବା ସହ ଏହି କାର୍ଯ୍ୟରେ ନିୟୋଜିତ ବ୍ୟକ୍ତିଙ୍କୁ ଜୋତା ମଧ୍ୟ ଯୋଗାଇ ଦେଉଛନ୍ତି। ଓଡ଼ିଶାର ଗଣମାଧ୍ୟମ ପ୍ରତିନିଧି ଦଳ ଚାଲିଥିବା ଏହି 'ଏକ୍ସପୋଜର୍ ଟ୍ରୁ' ରୁ ପାଇଥିବା ଅନୁଭୂତି ମଧ୍ୟ ବାଣ୍ଟିଥିଲେ। ଏହି ଗସ୍ତ ମାଧ୍ୟମରେ ସେମାନେ ସିରପୁର, ଏସଇସିଏଲ୍ ଗେଭ୍ରା ଖଣି, ଏନଟିପିସି କୋର୍ବା ଏବଂ ବାଲକୋ ପରିଦର୍ଶନ କରି ଛତିଶଗଡ଼ର ପ୍ରତ୍ନତାତ୍ତ୍ୱିକ ଐତିହ୍ୟ, ଖଣି ଉତ୍ତୋଳନ, ଶକ୍ତି, ଶିଳ୍ପ ଏବଂ ସାମୁଦାୟିକ ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରତ୍ୟକ୍ଷ ଜ୍ଞାନ ଲାଭ କରିଥିଲେ।

## ପୁରୀରେ ଖଜା ଗୋଦାମ ଉପରେ ପୋଲିସର ଚଢ଼ାଉ

ପୁରୀ,(ନିପ୍ର): ପୁରୀ ସହରରେ ଖଜା ଗୋଦାମ ଉପରେ ପୋଲିସର ଚଢ଼ାଉ, ସିଟି ଡିଏସପିଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ରେଡ୍ । ପୁରୀ ସହରର ବିଭିନ୍ନ ସ୍ଥାନରେ ଥିବା ଖଜା ଗୋଦାମ ଉପରେ ସକାଳୁ ପୋଲିସ ପକ୍ଷରୁ ବଡ଼ ଧରଣର ଚଢ଼ାଉ କରାଯାଇଛି। ସିଟି ଡିଏସପିଙ୍କ ନେତୃତ୍ୱରେ ଟାଉନ ପୋଲିସ, ଖାଦ୍ୟ ସୁରକ୍ଷା ବିଭାଗ ଏବଂ ଓଜନ ଓ ମାପ ବିଭାଗର ମିଳିତ ଟିମ୍ ଏହି ଚଢ଼ାଉ କରିଛନ୍ତି। ଖବର ଅନୁଯାୟୀ, ଶ୍ରଦ୍ଧାଳୁମାନଙ୍କୁ ନିମ୍ନମାନର ଏବଂ ଭେଜାଲ ଖଜା ଅଧିକ ଦାମରେ ବିକ୍ରି



କରାଯାଉଥିବା ନେଇ ବାରମ୍ବାର ଅଭିଯୋଗ ଆସୁଥିଲା। ଏହାପରେ ପୋଲିସ ପ୍ରଶାସନ ତରଫରୁ ଏହି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଶ୍ରୀକୃଷ୍ଣ ସିନେମା ଲେନ୍, ବଡ଼ଦାଣ୍ଡ, ସ୍ୱର୍ଗଦ୍ୱାର ଏବଂ ଆଖପାଖ ଅଞ୍ଚଳରେ ଥିବା ଅନେକ ଖଜା ଗୋଦାମ ଏବଂ କାରଖାନାରେ ଏହି ଚଢ଼ାଉ ଚାଲିଛି। ଏହି ଚଢ଼ାଉ ସମୟରେ ଖଜାର ଗୁଣବତ୍ତା, ଓଜନରେ ହେରଫେର, ପ୍ୟାକେଜିଂ ଏବଂ ଖାଦ୍ୟ ସୁରକ୍ଷା ଲାଇସେନ୍ସ ଯାଞ୍ଚ କରାଯାଉଛି। ଭେଜାଲ କିମ୍ବା ନିମ୍ନମାନର ଖଜା ଜବତ କରାଯିବା ସହ ଦୋଷୀ ବ୍ୟବସାୟୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସିଟି ଡିଏସପି ସୂଚନା ଦେଇଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିବସରେ ସେବା ସଂକଳ୍ପ ଅଭିଯାନ

ବଲାଙ୍ଗୀର,(ନିପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସ କୁନେଇ ୧୭ ସେପଟ୍ମେର ରୁ ୧୭ ଅକ୍ଟୋବର ପର୍ଯ୍ୟନ୍ତ ଏହି ସେବା ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ସାରା ଭାରତରେ



ଚାଲିବ। ପ୍ରତ୍ୟେକ ଘରେ ଆଶୀର୍ବାଦ ଦୀପ ଜାଳିବାର କାର୍ଯ୍ୟକ୍ରମ ରହିଛି। ବଲାଙ୍ଗିର ନଗର ବିଜେପି ତରଫରୁ ଦୁର୍ଗା ମନ୍ଦିରରେ ଆଶୀର୍ବାଦ ଦୀପଦାନ କରାଯାଇଥିଲା । ସେହିପରି ଲୋକନାଥ ମହାଦେବ ମନ୍ଦିରରେ ଦୀପଦାନ ଓ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ବିଜେପି ନେତା ଗୋପାଳଜୀ ପାଣିଗ୍ରାହୀ ଓ ମହିଳା ମୋର୍ଚ୍ଚା ତରଫରୁ ଏହି ଦୀପ ଦାନ ଓ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା।

କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଦିନେଶ ଶର୍ମା, ସମଲେଇ ମଣ୍ଡଳ ସଭାପତି ଲଳିତ ଶର୍ମା, ପାଟଣେଶ୍ୱରୀ ମଣ୍ଡଳ ସଭାପତି ପାର୍ଥ କର୍ଣ, ଚୂଡ଼ାପାଲି ମଣ୍ଡଳ ପ୍ରଭାରୀ ବିଶ୍ୱଜିତ ନାଥ, ସୁବ୍ରତ କୁମାର ସାହୁ ଓ ବରିଷ୍ଠ ବିଜେପି କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ। ମହିଳା ମୋର୍ଚ୍ଚା ତରଫରୁ ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସଭାପତି ରଞ୍ଜିତା ପାଣିଗ୍ରାହୀ, ସଂପାଦକ ସରିତା ଯୋଶୀ, ଆରତୀ ଗୁରୁ, ବନଶ୍ରୀ ଆଚାର୍ଯ୍ୟ, ରଶ୍ମି ଆଚାର୍ଯ୍ୟ, ରଶ୍ମି ରେଖା ଦାନୀ, ସୁଧାରାଣୀ ସ୍ୱାଇଁ, ଗାୟିତ୍ରୀ ଦାସ, ସତ୍ୟବତୀ ଗୁରୁ, ଗୁଲାବୀ ସୁନା. ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟାଳୟରେ ନିମ୍ନମାନର କାର୍ଯ୍ୟ ନେଇ ଅଭିଯୋଗ



ଭାପୁର,(ନିପ୍ର): ଭାପୁର ବ୍ଲକ କରବର ଗ୍ରାମରେ ଅବସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଚାଲିଥିବା ଉନ୍ନତିକରଣ କାର୍ଯ୍ୟରେ ଅନିୟମିତତା ହେଉଥିବା ନେଇ ଗ୍ରାମବାସୀ ନୟାଗଡ଼ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷରେ କରବର ଗ୍ରାମର ପଞ୍ଚାୟତ ବାଳିକା ବିଦ୍ୟାଳୟ ପରିସର ଉନ୍ନତିକରଣ କାର୍ଯ୍ୟ କରିବା ପାଇଁ ରାଜ୍ୟ ସରକାର ୪ ଲକ୍ଷ ଟଙ୍କା ଅନୁଦାନ କରିଥିଲେ। ଠିକାଦାର କାର୍ଯ୍ୟକୁ ହାତକୁ ନେଇ ପ୍ରଥମରୁ ନିମ୍ନମାନର କାର୍ଯ୍ୟ କରିଥିଲା। ନିକୃଷ୍ଟ ଧରଣର ସିମେଣ୍ଟ ତଥା ଅନ୍ୟାନ୍ୟ ସାମଗ୍ରୀ ବ୍ୟବହାର କରି ରାତ୍ରିରେ କାର୍ଯ୍ୟ କରୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। କାର୍ଯ୍ୟର ଗୁଣବତ୍ତା ଓ ମାନ ନିର୍ଦ୍ଧାରଣ ଉପରେ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବାରୁ ଗ୍ରାମବାସୀଙ୍କ ଅଭିଯୋଗକୁ ବେଖାତିର କରି ଠିକାଦାର କାର୍ଯ୍ୟ କରୁଛି। ଫଳରେ,ସରକାରୀ ଅର୍ଥ ଅପବ୍ୟବହାର ହେବା ସହିତ ପ୍ରକଳ୍ପର ଗୁଣବତ୍ତା ଉପରେ ସନ୍ଦେହ ବଢୁଥିବାରୁ ଏହାର ତଦନ୍ତ ପାଇଁ ଗ୍ରାମବାସୀ ନୟାଗଡ଼ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

## ରାଷ୍ଟ୍ରର ବିକାଶ କେବଳ ରାଷ୍ଟ୍ରଭାଷା ଦ୍ୱାରା ହିଁ ହୋଇଥାଏ




ବଡ଼ସାହି(ନିପ୍ର): ବଡ଼ସାହି ବିବେକାନନ୍ଦ ବିହାର ଠାରେ ବାଣୀପୀଠ ଆନୁକୂଲ୍ୟରେ ରାଷ୍ଟ୍ରଭାଷା ସାହିତ୍ୟ ସଂସ୍କୃତି ଅକାଦମୀ ତରଫରୁ ହିନ୍ଦୀ ଦିବସ ସମାରୋହ ଏବଂ କବିତା ପାଠୋତ୍ସବ ଅନୁଷ୍ଠାନର ଅଧକ୍ଷ ଡକ୍ଟର କୁମାର ବାବୁଲିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଭାବେ ରତ୍ନାକର ପୁହାଣ ଯୋଗଦାନ କରିଥିବା ବେଳେ ମୁଖ୍ୟଅତିଥି ଭାବେ ରତିକାନ୍ତ ବେହେରା ଯୋଗଦାନ କରିଥିଲେ। କବିତା ସଂଯୋଜନା କବି ଶିବଶଙ୍କର ଭୂୟାଁ ଓ ଜାହ୍ନବୀ ଦଣ୍ଡପାଟ କରିଥିଲେ। ଏଥିରେ ୬୦ଜଣ କବି ହିନ୍ଦୀ କବିତା ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନ ଡକ୍ଟର ରମାକାନ୍ତ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଡକ୍ଟର ଶଶିଧର ବିଶ୍ୱାଳ ଯୋଗଦାନ କରି ରାଷ୍ଟ୍ରର ବିକାଶ କେବଳ ରାଷ୍ଟ୍ରଭାଷା ଦ୍ୱାରା ସମ୍ଭବ ହୋଇଥାଏ କାରଣ ଏହା ରାଷ୍ଟ୍ରର ପ୍ରତି ନାଗରିକଙ୍କ ହୃଦୟର ସ୍ପନ୍ଦନ ବନି ଯାଇଛି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଡକ୍ଟର ଅସୀମ କୁମାର ଚକ୍ରବର୍ତ୍ତି, ସ୍ୱତନ୍ତ୍ର ଅତିଥି ଭାବେ କବି ବାସୁଦେବ ନାପିତ ଓ ଆଦରଣୀୟ ଅତିଥି ତଥା ମଞ୍ଚ ପରିଚାଳନା କରିଥିଲେ କବି ସଚୀନ୍ଦ୍ର କୁମାର ବିଶ୍ୱାଳ। ଏହି ଅବସରରେ ରାଷ୍ଟ୍ରଭାଷା ପ୍ରଚାର, ପ୍ରସାରରେ ବିଶେଷ ଅବଦାନ ପାଇଁ ହିନ୍ଦୀ ଶିକ୍ଷକ ଡ଼କ୍ଟର ସଂଜିବ କୁମାର ପାଣିଗ୍ରାହୀ, ରଜନୀ ବାରିକ ଓ କୃପାସିନ୍ଧୁ ନାୟକଙ୍କୁ ମାନପତ୍ର ଓ ଉପାୟନ ଦେଇ ପୁରସ୍କୃତ କରାଯାଇଥିଲା । ଡ଼କ୍ଟର କୁମାର ବାବୁଲିଙ୍କ ସମ୍ପାଦନାରେ ପ୍ରକାଶିତ ମାସିକ ହିନ୍ଦୀ ଶିଶୁ ପତ୍ରିକା 'କାକଳୀ ର ହିନ୍ଦୀ ଦିବସ ସଂଖ୍ୟା ଉନ୍ମୋଚିତ ହୋଇଥିଲା ।

ତିଥି :(ସପ୍ତମୀ): (ଜ୍ୟେଷ୍ଠା ବିଛା)
ଅମୃତ ବେଳା: ଦିବା ଘ ୬।୨୬ ମଧ୍ୟେ ଘ୭।୧୪ ଗତେ

## ଆଜିର ଅନୁଚିନ୍ତନ

ମୁଁ ଅଜୟ ଓ ଅବିନାଶୀସ୍ୱରୂପ ହୋଇଥିଲେ ମଧ୍ୟ ତଥା ପ୍ରାଣୀମାନଙ୍କର ଈଶ୍ୱର ହୋଇଥିଲେ ମଧ୍ୟ ନିଜ ପ୍ରକୃତିକୁ ଅଧୀନ କରି ନିଜର ଯୋଗମାୟା ବଳରେ ପ୍ରକଟ ହୁଏ। - ଶ୍ରୀମଦ୍ ଭଗବଦ୍ ଗୀତା

# ପୁନର୍ଜନ୍ମ ଲୋଡୁଛି ପରିବେଶ

ବାୟୁ ପ୍ରଦୂଷଣ ମଣିଷ ଜୀବନକୁ କେତେ ମାତ୍ରାରେ କୁପ୍ରଭାବିତ କରେ, ସେ ସଂପର୍କିତ ଏକ ନୂତନ ଗବେଷଣାର ନିଷ୍କର୍ଷ ଆସିଛି। ଏଥିରେ କୁହାଯାଇଛି ପ୍ରଦୂଷିତ ବାୟୁ ବିଶେଷ କରି ବାୟୁରେ ଥିବା ସୂକ୍ଷ୍ମ ଧୂଳିକଣା ପିଏମ୍-୨.୫, ପିଏମ୍ ୧୦ ଓ ନାଇଟ୍ରୋଜେନ ଡାଇଅକ୍ସାଇଡ୍ (ଏନ୍‌ଓ୨) ସଂସ୍ପର୍ଶରେ ଆସୁଥିବା ଲୋକଙ୍କ ମଧ୍ୟରେ ଆତ୍ମହତ୍ୟା ଓ ଏହାର ପ୍ରବୃତ୍ତି ବୃଦ୍ଧିରେ ମୁଖ୍ୟ ଭୂମିକା ଗ୍ରହଣ କରୁଛି। ଏହି ଗବେଷଣାତ୍ମକ ତଥ୍ୟ ପ୍ରକାଶିତ ହୋଇଛି 'ଜର୍ଣ୍ଣାଲ ଅଫ୍ ଏପିଡେମିଓଲୋଜି ଆଣ୍ଡ କମ୍ୟୁନିଟି ହେଲ୍‌ଥ'ରେ । ସଲଫର ଡାଇଅକ୍ସାଇଡ, ଧ୍ୱନିପ୍ରଦୂଷଣ, ବିଷାକ୍ତ ନାନା ରାସାୟନିକ ପଦାର୍ଥର ଦହଗଞ୍ଜ ଲୋକେ ସହଜେ ଭୋଗି ଆସୁଛନ୍ତି।

ଜଣେ ବିଦ୍ୱାନ ଏକଦା ଉଲ୍ଲେଖ କରିଥିଲେ, ଦୁର୍ଦ୍ଦଶା ଓ ଦୁର୍ବିପାକ ହେଉଛି ଦୁର୍ବାସନା। ଏହା ମନୁଷ୍ୟକୁ ନିଜସ୍ୱ ପଥରୁ ଅହରହ ଓହରାଇ ଆଣୁଛି। ଦୁର୍ବାସନା ମନ୍ଦ ବିକାଶକୁ ସହାୟକ ହୁଏ। ସେଥିଲାଗି ତ ପ୍ରକୃତି ଅବିଚାରିତ ଭାବରେ ନାନା ଭାବରେ ପ୍ରଦୂଷିତ ହୋଇଚାଲିଛି। ଜନସଂଖ୍ୟା ବୃଦ୍ଧି, ବୃକ୍ଷଛେଦନ, ଜଙ୍ଗଲ ନଷ୍ଟ, ସହରାଞ୍ଚଳ ବୃଦ୍ଧି, ଅତ୍ୟଧିକ ଗାଡ଼ିମଟର ଚାଳନା, କଳକାରଖାନା ପ୍ରଭୃତି ଗଢି ଉଠିବା କାରଣରୁ ବାୟୁମଣ୍ଡଳ ଜହରରେ ଭରିଗଲାଣି। ବିଶେଷ କରି ବାୟୁପ୍ରଦୂଷଣକୁ ଦେଖିଲେ ବିଶ୍ୱର ସବୁଠୁ ପ୍ରଦୂଷିତ ୨୦ସହର ମଧ୍ୟରେ ଭାରତର ରହିଛି ୧୩ ସହର। ଗତ ଦୁଇ ବର୍ଷ ତଳର ଏକ ରିପୋର୍ଟରେ କୁହାଯାଇଥିଲା ବିଶ୍ୱର ସବୁଠୁ ପ୍ରଦୂଷିତ ଦେଶ ମଧ୍ୟରେ ୫ମ ସ୍ଥାନରେ ରହିଛି ଭାରତ। ପ୍ରଦୂଷଣ ରହିଛି ଓ ରହିବ କହିଲେ ହେବନାହିଁ। ଏହା ନିର୍ଭର କରୁଛି ମଣିଷର ମନବୃତ୍ତି ଉପରେ। ଭଲ କାମ କରିବା ପାଇଁ ଓ ମନ୍ଦ କାମ ନ କରିବା ପାଇଁ ମଣିଷର ପ୍ରବୃତ୍ତି ହେଉଛି ଏକ ସୁସ୍ଥ ସମାଜର ମୂଳଭିତ୍ତି। ମାତ୍ର ଏହା ଦୁଃସହ ଭାବରେ କ୍ଷତିଗ୍ରସ୍ତ ହୋଇଚାଲିଛି। ତାହାରି ଏକ ପରିଣାମ ବାୟୁପ୍ରଦୂଷଣ। ଯାହାର ଖରାପ ପ୍ରଭାବ ଆମେ ନିତ୍ୟ ନିୟମିତ ସାମ୍ନା କରିଚାଲୁଛୁ।

ଆମ ଓଡ଼ିଶା ପରିପ୍ରେକ୍ଷୀରେ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଥିଲା ଅନୁଗୁଳ ଜିଲ୍ଲାର ତାଳଚେର ଓ ଝାରସୁଗୁଡ଼ା ଜିଲ୍ଲାର ବେଲପାହାଡ଼ ସହରରେ ପବନ ବିଷାକ୍ତ ହୋଇଗଲାଣି। ଏହି ରିପୋର୍ଟ ହେଉଛି ଗତ ୬ବର୍ଷ ତଳର। କ୍ରମବର୍ଦ୍ଧିଷ୍ଣୁ ପ୍ରଦୂଷଣ ଫଳରେ ରାଜ୍ୟର ଅନ୍ୟାନ୍ୟ ସହରର ସ୍ଥିତି ଅର୍ଥାତ୍ ପବନରେ ବିଷ କେତେ ମାତ୍ରାରେ ବଢିଥିବ ସେନେଇ ପରୀକ୍ଷଣ ହେଲେ ଜଣାପଡ଼ିବ। ଏହା ସତ୍ୟ ଯେ ବାୟୁପ୍ରଦୂଷଣ ରୋକିବାରେ ଗଛ ହେଉଛି ସଂଜୀବନୀ। ଜାପାନର ସିରାକାଓ୍ୱା ସହରରେ ପାଳିତ ହୁଏ ଗଛ ସଂରକ୍ଷଣ ଦିବସ। ଏହି ଦିବସରେ ଗଛମାନଙ୍କ ପାଇଁ ପିଲାଏ ଗୀତ ଗାଆନ୍ତି, ତାହାସାଙ୍ଗକୁ ଯତ୍ନ ନିଅନ୍ତି। ଏ ସାଂସ୍କୃତିକ ମୂଲ୍ୟବୋଧ ପୃଥିବୀର ସର୍ବତ୍ର ଆବଶ୍ୟକ। ଯଦି ଏହା ହୁଏ ତେବେ ପ୍ରଦୂଷିତ ବାୟୁ ପୁନର୍ଜନ୍ମ ପାଇପାରିବ ବୋଲି ବିଶ୍ୱାସ।

# ବିଶ୍ୱର ନୂଆ ମଙ୍ଗୁଆଳ

**ଇଂ. ଅମର ବେହେରା**

ନୂଆଦିଲ୍ଲୀର ପ୍ରଗତି ମୈଦାନସ୍ଥିତ ଭାରତ ମଣ୍ଡପମଠାରେ ଅନୁଷ୍ଠିତ ହୋଇଯାଇଛି ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀ । ଚଳିତ ବର୍ଷ ଭାରତର ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀ ସାରା ବିଶ୍ୱର ନଜର ଆକର୍ଷଣ କରିଛି, କାରଣ ବର୍ତ୍ତମାନ ବିଶ୍ୱ ରାଜନୀତି ଏବଂ ଅର୍ଥନୀତି ଏକ ଜଟିଳ ମୋଡ଼ ଦେଇ ଗତି କରୁଛି । 'ସ୍ଥିତିସ୍ଥାପକତା, ନୂତନତ୍ୱ, ସହଯୋଗ ଏବଂ ସ୍ଥାୟୀତ୍ୱ' ଭଳି ମହତ୍ତ୍ୱପୂର୍ଣ୍ଣ ଆଭିମୁଖ୍ୟକୁ ନେଇ ଆୟୋଜିତ ଏହି ଦୁଇଦିନିଆ ବୈଠକରେ ବିଶ୍ୱର ପ୍ରମୁଖ ନେତାମାନେ ଏକାଠି ହୋଇଥିଲେ । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ରୁଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ, ଚୀନ୍‌ର ରାଷ୍ଟ୍ରପତି ଶି ଜିନପିଙ୍ଗ, ଇରାନର ରାଷ୍ଟ୍ରପତି ମସୁଦ ପେଜେସ୍କିଆନଙ୍କ ଭଳି ଶୀର୍ଷ ନେତୃବୃନ୍ଦ ଏହି ମହାମିଳନରେ ସାମିଲ ହୋଇଥିଲେ । ପାଶ୍ଚାତ୍ୟ ଦେଶଗୁଡ଼ିକର ଆଧିପତ୍ୟ ଏବଂ ଆମେରିକାର ନୂଆ ଶୁଳ୍କ ନୀତି ମଧ୍ୟରେ ବିଶ୍ୱ ଅର୍ଥନୀତିର ଗତିପଥ କେଉଁଆଡ଼େ ଯିବ, ତାହାର ରୋଡମ୍ୟାପ୍ ଏହି ନୂଆଦିଲ୍ଲୀ ଘୋଷଣାନାମା ମାଧ୍ୟମରେ ପ୍ରସ୍ତୁତ କରାଯାଇଛି ।

ଏହି ସମ୍ମିଳନୀରେ ସବୁଠାରୁ ବଡ଼ ଆକର୍ଷଣ ଥିଲା ବ୍ରିକ୍ସର ତିନି ପ୍ରମୁଖ ଶକ୍ତି— ଭାରତ, ରୁଷ ଏବଂ ଚୀନ୍‌ର ମିଳିତ ନେତୃତ୍ୱ । ଦୀର୍ଘ ଦିନର ବ୍ୟବଧାନ ପରେ ପ୍ରଧାନମନ୍ତ୍ରୀ ମୋଦୀ, ରାଷ୍ଟ୍ରପତି ପୁଟିନ ଏବଂ ରାଷ୍ଟ୍ରପତି ଜିନପିଙ୍ଗ ଏକାଠି ଗୋଟିଏ ମଞ୍ଚରେ ବସି ବିଶ୍ୱକୁ ଶାନ୍ତି ଓ ସହଯୋଗର ବାର୍ତ୍ତା ଦେଇଛନ୍ତି । ବିଶେଷ କରି ଚୀନ୍ ରାଷ୍ଟ୍ରପତି ଜିନପିଙ୍ଗ ସାତ ବର୍ଷ ପରେ ଭାରତ ଗସ୍ତ କରିଥିବାରୁ, ଏହା ଦ୍ୱିପାକ୍ଷିକ ସମ୍ପର୍କରେ ଥିବା ତିକ୍ତତାକୁ ହ୍ରାସ କରିବାରେ ବଡ଼ ଭୂମିକା ଗ୍ରହଣ କରିଛି । ସେହିପରି ରୁଷ-ୟୁକ୍ରେନ ଯୁଦ୍ଧ ମଧ୍ୟରେ ଭାରତ ଓ ଚୀନ୍ ଉଭୟ ମିଳିତ ଭାବେ ରୁଷକୁ ଶାନ୍ତି ଆଲୋଚନା ପାଇଁ ପ୍ରସ୍ତାବ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ସ୍ପଷ୍ଟ କରିଛନ୍ତି ଯେ ବିଶ୍ୱ ଦକ୍ଷିଣର ବିକାଶ ପାଇଁ ଏହି ତିନି ଦେଶକୁ କେବଳ 'ନିୟମ ମାନିବା ବାଲା' ନୁହେଁ, ବରଂ 'ନିୟମ ଗଢ଼ିବା ବାଲା' ବା ରୁଲ୍-ସେପର୍ସ ହେବାକୁ ପଡ଼ିବ । ଏହି ତିନି ଶକ୍ତି ବିଶ୍ୱ ବାଣିଜ୍ୟରେ ଡଲାରର ଏକଛତ୍ରବାଦକୁ ହ୍ରାସ କରି ନିଜ ନିଜର ସ୍ଥାନୀୟ ମୁଦ୍ରାରେ କାରବାର ବଢ଼ାଇବା ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦେଇଛନ୍ତି ।

ଏହି ସମ୍ମିଳନୀ ଓ ମିଳିତ ନେତୃତ୍ୱର ଅନେକ ସକାରାତ୍ମକ ଦିଗ ବା ସୁଫଳ ପ୍ରକାଶ ପାଇଛି। ପ୍ରଥମତଃ, ଏହା ବିଶ୍ୱ ଅର୍ଥନୀତିରେ ବିକାଶଶୀଳ ଦେଶଗୁଡ଼ିକର ସ୍ୱରକୁ ସୁଦୃଢ଼ କରିଛି। ବିଶ୍ୱ ଜନସଂଖ୍ୟାର ପ୍ରାୟ ଅଧା ଏବଂ ବିଶ୍ୱ ଜିଡିପିର ୪୦ ପ୍ରତିଶତ ଭାଗ ବ୍ରିକ୍ସ ଅନ୍ତର୍ଭୁକ୍ତ ଥିବାରୁ ଏହାର ନିଷ୍ପତ୍ତି ଆନ୍ତର୍ଜାତୀୟ ସ୍ତରରେ ବହୁତ ପ୍ରଭାବଶାଳୀ ହେବ । ଦ୍ୱିତୀୟତଃ, ଭାରତ ଏବଂ ଚୀନ୍ ମଧ୍ୟରେ ଥିବା ସୀମା ବିବାଦର ସମାଧାନ ପାଇଁ ଏହି ସମ୍ମିଳନୀ ଏକ ପ୍ରଶସ୍ତ ମାଧ୍ୟମ ସାଜିଛି, ଯାହା ଏସିଆ ମହାଦେଶରେ ଶାନ୍ତି ପ୍ରତିଷ୍ଠା ପାଇଁ ଅତ୍ୟନ୍ତ ଜରୁରୀ । ତୃତୀୟତଃ, ପ୍ରଯୁକ୍ତିବିଦ୍ୟା ଓ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥକୁ ଯେପରି କୌଣସି ଶକ୍ତିଶାଳୀ ଦେଶ ଅସ୍ତ୍ର ଭାବେ ବ୍ୟବହାର ନ କରିବ, ସେଥିପାଇଁ ଭାରତ ରଖିଥିବା ପ୍ରସ୍ତାବକୁ ସବୁ ଦେଶ ସମର୍ଥନ କରିଛନ୍ତି। ଏହା ସହିତ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଓ ଡିଜିଟାଲ୍ ଭିତ୍ତିଭୂମିର ସୁଫଳ ଗରିବ ଦେଶଗୁଡ଼ିକ ପାଖରେ ପହଞ୍ଚାଇବା ପାଇଁ ନୂଆଦିଲ୍ଲୀ ଘୋଷଣାନାମାରେ ସହମତି ପ୍ରକାଶ ପାଇଛି ।

ଅନ୍ୟପକ୍ଷରେ, ଏହି ସମ୍ମିଳନୀର କେତେକ ନକାରାତ୍ମକ ବା ଚ୍ୟାଲେଞ୍ଜପୂର୍ଣ୍ଣ ଦିଗ ମଧ୍ୟ ସାମ୍ନାକୁ ଆସିଛି । ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକ ମଧ୍ୟରେ ଥିବା ଭିନ୍ନ ଭିନ୍ନ ଆଦର୍ଶ ଏବଂ ଆଭ୍ୟନ୍ତରୀଣ ମତଭେଦ ଏହାର ସବୁଠାରୁ ବଡ଼ ଦୁର୍ବଳତା । ଉଦାହରଣ ସ୍ୱରୂପ, ଭାରତ ଓ ଚୀନ୍ ମଧ୍ୟରେ ରହିଥିବା ରଣନୈତିକ ପ୍ରତିଦ୍ୱନ୍ଦ୍ୱିତା କିମ୍ବା ମଧ୍ୟପ୍ରାଚ୍ୟ ପ୍ରସଙ୍ଗରେ ଇରାନ ଓ ୟୁଏଇ ମଧ୍ୟରେ ଥିବା ବିବାଦ ଗୋଟିଏ ମଞ୍ଚରେ ସମ୍ପୂର୍ଣ୍ଣ ଦୂର ହେବା ସହଜ ନୁହେଁ । ପାଶ୍ଚାତ୍ୟ ମିଡିଆ ଏହାକୁ ଏକ 'ଆମେରିକା-ବିରୋଧୀ' ବା 'ପାଶ୍ଚାତ୍ୟ-ବିରୋଧୀ' ସଂଗଠନ ଭାବେ ଚିତ୍ରଣ କରୁଥିବାରୁ, ଆମେରିକା ଓ ୟୁରୋପ ସହିତ ଭାରତର ଥିବା ମଧୁର ସମ୍ପର୍କ ଉପରେ ଏହାର ପ୍ରଭାବ ପଡ଼ିବାର ଆଶଙ୍କା ରହିଛି । ଯଦିଓ ପ୍ରଧାନମନ୍ତ୍ରୀ ମୋଦୀ ସ୍ପଷ୍ଟ କରିଛନ୍ତି ଯେ ବ୍ରିକ୍ସ କାହା ବିରୋଧରେ ନୁହେଁ, ତଥାପି ରୁଷ ଏବଂ ଚୀନ୍ ଏହି ମଞ୍ଚକୁ ଆମେରିକାର ପ୍ରଭାବ ହ୍ରାସ କରିବା ପାଇଁ ବ୍ୟବହାର କରୁଥିବା ପରି ମନେହୁଏ । ଏହା ବ୍ୟତୀତ, ଏକ ସାଧାରଣ ବ୍ରିକ୍ସ ମୁଦ୍ରା ପ୍ରଚଳନ କରିବାରେ ସଦସ୍ୟ ଦେଶଗୁଡ଼ିକ ବିଫଳ ହୋଇଛନ୍ତି, ଯାହାକି ଡଲାର ସହିତ ସିଧାସଳଖ ମୁକାବିଲା କରିବା ପାଇଁ ବଡ଼ ବାଧା ସାଜିଛି ।

ଶେଷରେ କହିବାକୁ ଗଲେ, ନୂଆଦିଲ୍ଲୀଠାରେ ଆୟୋଜିତ ୧୮ତମ ବ୍ରିକ୍ସ ସମ୍ମିଳନୀ ଭାରତର କୂଟନୈତିକ ସଫଳତାର ଏକ ଶ୍ରେଷ୍ଠ ନିଦର୍ଶନ । ବିଶ୍ୱର ବଡ଼ ବଡ଼ ଜଟିଳ ସମସ୍ୟା ଓ ଯୁଦ୍ଧ ପରିସ୍ଥିତି ମଧ୍ୟରେ ସମସ୍ତ ଶୀର୍ଷ ନେତାଙ୍କୁ ଏକାଠି କରି ଏକ ସର୍ବସମ୍ମତ ଘୋଷଣାନାମା ପାରିତ କରିବା ଭାରତର ବୃଦ୍ଧି ପାଉଥିବା ବିଶ୍ୱସ୍ତରୀୟ ପ୍ରଭାବକୁ ଦର୍ଶାଉଛି । ଭାରତ, ରୁଷ ଏବଂ ଚୀନ୍ ଯଦି ନିଜ ନିଜର ମତଭେଦକୁ ପଛରେ ପକାଇ ଆଗକୁ ବଢ଼ିବେ, ତେବେ ବ୍ରିକ୍ସ ଆଗାମୀ ଦିନରେ ବିଶ୍ୱ ଅର୍ଥନୀତିର ଏକ ନୂଆ ମଙ୍ଗୁଆଳ ସାଜିବ, ଏଥିରେ କୌଣସି ସନ୍ଦେହ ନାହିଁ । ଏହି ସମ୍ମିଳନୀ ବିଶ୍ୱର ବିକାଶଶୀଳ ରାଷ୍ଟ୍ରଗୁଡ଼ିକୁ ଏକ ନୂଆ ଦିଗ୍‌ଦର୍ଶନ ଦେବାରେ ସଫଳ ହୋଇଛି ।

ଭୁବନେଶ୍ୱର,ମୋ: ୯୭୪୨୯୮୨୭୪୧

# ବ୍ରିକ୍ସ ସମ୍ମିଳନୀ ୨୦୨୬: ଆର୍ -୫ ମୁଦ୍ରା ସ୍ୱପ୍ନରେ ରହିଗଲା !

**ଅସିତ ମହାନ୍ତି**

> **୨୦୨୬ ବ୍ରିକ୍ସ ଶିଖର ସମ୍ମିଳନୀରୁ ସବୁଠାରୁ ବଡ଼ ଶିକ୍ଷା ହେଉଛି ଯେ ଡଲାରକୁ ଦୂର କରିବା କେବଳ ଏକ ସ୍ଲୋଗାନ ନୁହେଁ, ବରଂ ଏକ ଲମ୍ବା ଏବଂ କଷ୍ଟକର ଯାତ୍ରା। ଭାରତର ବାଧ୍ୟବାଧକତା ଏବଂ ବିଫଳତା ଦର୍ଶାଉଛି ଯେ ବିଶ୍ୱ କ୍ରମ ପରିବର୍ତ୍ତନ କରିବା ସହଜ ନୁହେଁ। ଯେପର୍ଯ୍ୟନ୍ତ ଏକ ଠୋସ୍ ବିକଳ୍ପ ବିକଶିତ ନ ହୁଏ, ସେପର୍ଯ୍ୟନ୍ତ ଡଲାରର ଦଖଲ ବଜାୟ ରହିବ ଏବଂ ଭାରତକୁ ଏହାର ପ୍ରତିବନ୍ଧକ ସହିତ ବଞ୍ଚିବାକୁ ପଡିବ।**

ବିଶ୍ୱ ରାଜନୀତି ଏବଂ ଅର୍ଥନୀତିର ଏହି ଯୁଗରେ, ବ୍ରିକ୍ସ ଶିଖର ସମ୍ମିଳନୀ ୨୦୨୬ ଏକ ଐତିହାସିକ ଅବସର ଥିଲା। ବ୍ରାଜିଲ, ରୁଷ, ଭାରତ, ଚୀନ୍ ଏବଂ ଦକ୍ଷିଣ ଆଫ୍ରିକା ମିଳିତ ଭାବରେ ଆମେରିକୀୟ ଡଲାରର କବଳରୁ ମୁକ୍ତ ହୋଇ ଏକ ସ୍ୱାଧୀନ ଆର୍ଥିକ ବ୍ୟବସ୍ଥା ଆଡକୁ ଯିବା ପାଇଁ ସଂକଳ୍ପ ନେଇଥିଲେ। କିନ୍ତୁ ଶିଖର ସମ୍ମିଳନୀର ଶେଷରେ, ଏହା ସ୍ପଷ୍ଟ ହୋଇଗଲା ଯେ ଡଲାରକୁ ଏଡ଼ାଇବା କେବଳ ଏକ ସ୍ଲୋଗାନ ହୋଇରହିଛି। ଏହା ପଛରେ ଅନେକ ଗଭୀର କାରଣ ଅଛି - କିଛି ବିଶ୍ୱସ୍ତରୀୟ, କିଛି ଆଞ୍ଚଳିକ ଏବଂ କିଛି ଭାରତର ନିଜସ୍ୱ ବାଧ୍ୟବାଧକତା।

ଆର୍-୩ ମୁଦ୍ରା ହେଉଛି ବ୍ରିକ୍ସ ଦେଶମାନଙ୍କ ଦ୍ୱାରା ପ୍ରସ୍ତାବିତ ଏକ ପ୍ରତୀକାତ୍ମକ ଏବଂ ଧାରଣାଗତ ପଦକ୍ଷେପ, ଯାହା ପାଞ୍ଚଟି ଜାତୀୟ ମୁଦ୍ରା ବ୍ରାଜିଲ (ରିଅଲ୍), ରୁଷ (ରୁବଲ୍), ଭାରତ (ରୁପିଆ), ଚୀନ୍ (ରେନମିନ୍‌ବି) ଏବଂ ଦକ୍ଷିଣ ଆଫ୍ରିକା (ରାଣ୍ଡ)କୁ ସଂଯୋଗ କରି ସୃଷ୍ଟି କରାଯାଇଛି। ଏହାର ଲକ୍ଷ୍ୟ ହେଉଛି ଆମେରିକୀୟ ଡଲାର ଉପରେ ନିର୍ଭରଶୀଳତା ହ୍ରାସ କରିବା ଏବଂ ଏକ ସାଧାରଣ ଆର୍ଥିକ ପରିଚୟ ସୃଷ୍ଟି କରିବା। ତଥାପି, ଏହି ପ୍ରୟାସ ବିଫଳ ହୋଇଛି।

ଡଲାର ଶକ୍ତି କେବଳ ଏହାର ମୁଦ୍ରାରେ ନୁହେଁ, ବରଂ ଆମେରିକୀୟ ଅର୍ଥନୀତି, ସାମରିକ ଶକ୍ତି ଏବଂ ଏହାକୁ ଆଧାର କରୁଥିବା ବିଶ୍ୱସ୍ତରୀୟ ପ୍ରତିଷ୍ଠାନ ନେଟୱାର୍କରେ ମଧ୍ୟ ରହିଛି। ଅଧିକାଂଶ ଅନ୍ତର୍ଜାତୀୟ ବାଣିଜ୍ୟ ଡଲାରରେ ପରିଚାଳିତ ହୁଏ, ଏବଂ ତେଲ ଠାରୁ ପ୍ରଯୁକ୍ତିବିଦ୍ୟା ପର୍ଯ୍ୟନ୍ତ ପ୍ରତ୍ୟେକ କାରବାର ଉପରେ ଡଲାରର ଛାୟା ପଡ଼ିଥାଏ। ଫଳସ୍ୱରୂପ, ଡଲାରକୁ ଦୂର କରିବା ପାଇଁ ବ୍ରିକ୍ସ ଦେଶଗୁଡ଼ିକର ପ୍ରୟାସ ଏକ ଭୟଙ୍କର ଚ୍ୟାଲେଞ୍ଜ ଥିଲା।

ଏହି ସମଗ୍ର ପରିସ୍ଥିତିରେ ଭାରତର ସ୍ଥିତି ସବୁଠାରୁ ଜଟିଳ ଥିଲା। ଭାରତ ଜାଣେ ଯେ ଡଲାର ଉପରେ ନିର୍ଭରଶୀଳତା ଏହାକୁ ଆମେରିକାର ଚାପରେ ରଖେ, କିନ୍ତୁ ସେହି ସମୟରେ, ଭାରତ ଏହା ମଧ୍ୟ ବୁଝେ ଯେ ଆମେରିକୀୟ ବଜାର, ପ୍ରଯୁକ୍ତିବିଦ୍ୟା ଏବଂ ନିବେଶ ଏହାର ବିକାଶ ପାଇଁ ଅତ୍ୟାବଶ୍ୟକ। ଯଦି ଭାରତ ହଠାତ୍ ଡଲାର ଠାରୁ ନିଜକୁ ଦୂରେଇ ରଖେ, ତେବେ ଏହାର ରପ୍ତାନିକାରୀମାନେ କ୍ଷତି ସହିବେ, ବିଦେଶୀ ନିବେଶକମାନେ ପ୍ରତ୍ୟାହାର କରିବେ ଏବଂ ଟଙ୍କା ଆହୁରି ଦୁର୍ବଳ ହୋଇଯିବ। ଏହା ଭାରତର ସବୁଠାରୁ ବଡ଼ ପ୍ରତିବନ୍ଧକ - ଏହା ଆମେରିକାକୁ କ୍ରୋଧିତ କରିବାକୁ ସମର୍ଥ ହେବ ନାହିଁ।

ଭାରତର ଶକ୍ତି ଆବଶ୍ୟକତା ମଧ୍ୟ ଡଲାର ସହିତ ଜଡିତ। ଅଧିକାଂଶ ତେଲ ଏବଂ ଗ୍ୟାସ ବାଣିଜ୍ୟ ଡଲାରରେ ପରିଚାଳିତ ହୁଏ। ରୁଷ ଏବଂ ଇରାନ ସ୍ଥାନୀୟ ମୁଦ୍ରାରେ ଭାରତକୁ ତେଲ ଯୋଗାଇବାକୁ ପ୍ରସ୍ତାବ ଦେଇଥିଲେ, କିନ୍ତୁ ଆମେରିକାର ଚାପ ଯୋଗୁଁ ଭାରତ ମନା କରିଦେଇଥିଲା। ଏହି ଚାପ କେବଳ ଆର୍ଥିକ ନୁହେଁ ବରଂ ରଣନୈତିକ ମଧ୍ୟ। ଆମେରିକା ଭାରତକୁ ଏସିଆରେ ଚୀନ ପାଇଁ ଏକ ସନ୍ତୁଳନ ଭାବରେ ଦେଖେ । ଭାରତକୁ ସୁରକ୍ଷା ସହାୟତା ପ୍ରଦାନ କରେ। ଭାରତ ଏହି ସହଯୋଗ ହରାଇବାକୁ ସହ୍ୟ କରିପାରିବ ନାହିଁ। ବ୍ରିକ୍ସ ଦେଶଗୁଡ଼ିକର ସାମୂହିକ ବିଫଳତାର ଏକ କାରଣ ହେଉଛି ସେମାନେ ସମ୍ପୂର୍ଣ୍ଣ ଏକତାରେ ନାହାନ୍ତି। ଚୀନ୍ ଏବଂ ଭାରତର ସୀମା ବିବାଦ ଅଛି, ରୁଷ ପଶ୍ଚିମା ପ୍ରତିବନ୍ଧକ ସହିତ ସଂଘର୍ଷ କରୁଛି, ବ୍ରାଜିଲର ଅର୍ଥନୀତି ଅସ୍ଥିର, ଏବଂ ଦକ୍ଷିଣ ଆଫ୍ରିକା ଆଭ୍ୟନ୍ତରୀଣ ସଙ୍କଟରେ ସଂଘର୍ଷ କରୁଛି। ଫଳସ୍ୱରୂପ, ଡଲାରର ବିକଳ୍ପ ଭାବରେ ଏକ ଦୃଢ଼ ସାଧାରଣ ମୁଦ୍ରା କିମ୍ବା ଆର୍ଥିକ ଢାଞ୍ଚା ପ୍ରତିଷ୍ଠା କରିବା ଅସମ୍ଭବ ହୋଇପଡ଼ିଛି।




ଆମେରିକା ବିରୋଧରେ ସ୍ୱାଧୀନ ଭାବରେ ଠିଆ ହେବାରେ ବ୍ରିକ୍ସର ବିଫଳତା ଦର୍ଶାଉଛି ଯେ ବିଶ୍ୱ ବ୍ୟବସ୍ଥା ଡଲାର-କେନ୍ଦ୍ରିକ ରହିଛି। ଡଲାର କେବଳ ଏକ ମୁଦ୍ରା ନୁହେଁ, ବରଂ ଶକ୍ତିର ପ୍ରତୀକ। ଯେପର୍ଯ୍ୟନ୍ତ କୌଣସି ଦେଶ କିମ୍ବା ଗୋଷ୍ଠୀ ଏହି ଶକ୍ତିର ଏକ ପ୍ରକୃତ ବିକଳ୍ପ ସୃଷ୍ଟି କରିପାରିବେ ନାହିଁ, ସେପର୍ଯ୍ୟନ୍ତ ଡଲାରକୁ ଦୂର କରିବା ଅସମ୍ଭବ। ଭାରତର ବାଧ୍ୟବାଧକତା ହେଉଛି ଯେ ଏହା ବିକାଶ ଏବଂ ସୁରକ୍ଷା ଉଭୟ ପାଇଁ ଆମେରିକା ଉପରେ ନିର୍ଭରଶୀଳ। ଯଦି ଭାରତ ଡଲାରକୁ ଦୂର କରିବାକୁ ଚେଷ୍ଟା କରେ, ତେବେ ଏହା ଆର୍ଥିକ ବିପର୍ଯ୍ୟୟ ସହିତ ରଣନୈତିକ କ୍ଷତି ମଧ୍ୟ ଭୋଗିବ। ଏହି କାରଣରୁ ଭାରତ ବ୍ରିକ୍ସ ପ୍ଲାଟଫର୍ମରେ ମଧ୍ୟ ସମ୍ପୂର୍ଣ୍ଣ ସ୍ୱାଧୀନ ଭାବରେ ଠିଆ ହୋଇପାରିନାହିଁ। ଏହି ଶିଖର ସମ୍ମିଳନୀ ସ୍ପଷ୍ଟ କରିଥିଲା ଯେ ଡଲାରକୁ ଦୂର କରିବା ପାଇଁ କେବଳ ଏକ ଆର୍ଥିକ ନିଷ୍ପତ୍ତି ନୁହେଁ, ବରଂ ରାଜନୈତିକ ଏବଂ ରଣନୈତିକ ସାହସ ଆବଶ୍ୟକ। ବ୍ରିକ୍ସ ଦେଶଗୁଡ଼ିକରେ ବର୍ତ୍ତମାନ ଏହି ସାହସର ଅଭାବ ଅଛି। ଭାରତର ପରିସ୍ଥିତି ଆହୁରି କଷ୍ଟକର କାରଣ ଏହାକୁ ଏହାର ଲୋକଙ୍କ ପାଇଁ ବିକାଶ ଏବଂ ସ୍ଥିରତା ସୁନିଶ୍ଚିତ କରିବାକୁ ପଡିବ। ଆମେରିକାକୁ କ୍ରୋଧ କରିବା ଭାରତ ପାଇଁ ସେହି ସ୍ଥିରତାକୁ ବିପଦରେ ପକାଇବ।

ତେଣୁ, ୨୦୨୬ ବ୍ରିକ୍ସ ଶିଖର ସମ୍ମିଳନୀରୁ ସବୁଠାରୁ ବଡ଼ ଶିକ୍ଷା ହେଉଛି ଯେ ଡଲାରକୁ ଦୂର କରିବା କେବଳ ଏକ ସ୍ଲୋଗାନ ନୁହେଁ, ବରଂ ଏକ ଲମ୍ବା ଏବଂ କଷ୍ଟକର ଯାତ୍ରା। ଭାରତର ବାଧ୍ୟବାଧକତା ଏବଂ ବିଫଳତା ଦର୍ଶାଉଛି ଯେ ବିଶ୍ୱ କ୍ରମ ପରିବର୍ତ୍ତନ କରିବା ସହଜ ନୁହେଁ। ଯେପର୍ଯ୍ୟନ୍ତ ଏକ ଠୋସ୍ ବିକଳ୍ପ ବିକଶିତ ନହୁଏ, ସେପର୍ଯ୍ୟନ୍ତ ଡଲାରର ଦଖଲ ବଜାୟ ରହିବ ଏବଂ ଭାରତକୁ ଏହାର ପ୍ରତିବନ୍ଧକ ସହିତ ବଞ୍ଚିବାକୁ ପଡିବ।

ଡଲାରକୁ ଦୂର କରିବା ପାଇଁ କେବଳ କିଛି ଦେଶର ପ୍ରୟାସ ଯଥେଷ୍ଟ ନୁହେଁ; ସମଗ୍ର ବିଶ୍ୱକୁ ଏକ ଗଭୀର ଏବଂ ସାମୂହିକ ପରିବର୍ତ୍ତନ ଆଡକୁ ଯିବାକୁ ପଡିବ। ପ୍ରଥମେ, ଆମକୁ ବୁଝିବାକୁ ପଡିବ ଯେ ଡଲାରର ଶକ୍ତି କେବଳ ଏହାର ମୁଦ୍ରାରେ ନୁହେଁ, ବରଂ ଆମେରିକୀୟ ଅର୍ଥନୀତି, ସାମରିକ ଶକ୍ତି ଏବଂ ଏହାକୁ ଆଧାର କରୁଥିବା ବିଶ୍ୱସ୍ତରୀୟ ପ୍ରତିଷ୍ଠାନ ଢାଞ୍ଚାରେ ମଧ୍ୟ ରହିଛି। ଯେପର୍ଯ୍ୟନ୍ତ ଅଧିକାଂଶ ଅନ୍ତର୍ଜାତୀୟ ବାଣିଜ୍ୟ ଡଲାରରେ ପରିଚାଳିତ ହେଉଛି, କୌଣସି ଏକକ ଦେଶ ଏହାକୁ ଏକା ଚ୍ୟାଲେଞ୍ଜ କରିପାରିବ ନାହିଁ। ଡଲାରରୁ ଦୂରେଇ ଯିବା ପାଇଁ, ବିଶ୍ୱକୁ ଏକ ସାଧାରଣ ଆର୍ଥିକ ଢାଞ୍ଚା ବିକଶିତ କରିବାକୁ ପଡିବ, ଏକ ନୂତନ ମୁଦ୍ରା କିମ୍ବା ଏକ ବହୁ-ମୁଦ୍ରା ବ୍ୟବସ୍ଥା ଗ୍ରହଣ କରିବାକୁ ପଡିବ। ଏଥିପାଇଁ ଦେଶଗୁଡ଼ିକୁ ପାରସ୍ପରିକ ବିଶ୍ୱାସ ଏବଂ ସହଯୋଗ ବୃଦ୍ଧି କରିବାକୁ ପଡିବ, କାରଣ ସ୍ଥିର ରାଜନୈତିକ ସମ୍ପର୍କ ବିନା କୌଣସି ସାଧାରଣ ମୁଦ୍ରା ବଞ୍ଚିପାରିବ ନାହିଁ। ଏହା ବ୍ୟତୀତ, ଶକ୍ତି ବାଣିଜ୍ୟ - ବିଶେଷକରି ତେଲ ଏବଂ ଗ୍ୟାସ -କୁ ଡଲାରରୁ ଅଲଗା କରିବାକୁ ପଡିବ, କାରଣ ଏହା ଡଲାରର ସବୁଠାରୁ ବଡ଼ ଶକ୍ତି। କେବଳ ଯଦି ତେଲ ଉତ୍ପାଦନକାରୀ ଏବଂ ଉପଭୋକ୍ତା ଦେଶମାନେ ଅନ୍ୟ ମୁଦ୍ରାରେ କାରବାର ଆରମ୍ଭ କରନ୍ତି ତେବେ ଡଲାରର ଦଖଲ ଦୁର୍ବଳ ହେବ।

ଏହା ବ୍ୟତୀତ, ଆଇଏମ୍ଏଫ୍ ଏବଂ ବିଶ୍ୱ ବ୍ୟାଙ୍କ ଭଳି ବିଶ୍ୱସ୍ତରୀୟ ଆର୍ଥିକ ପ୍ରତିଷ୍ଠାନର ଗଠନକୁ ପରିବର୍ତ୍ତନ କରିବାକୁ ପଡିବ। ଆଜି, ଏହି ସଂସ୍ଥାଗୁଡ଼ିକ ଆମେରିକାର ପ୍ରଭାବରେ ଅଛନ୍ତି ଏବଂ ଡଲାରକୁ ପ୍ରାଥମିକତା ଦେଉଛନ୍ତି। ଯଦି ଏକ ବହୁ-ମୁଦ୍ରା ବ୍ୟବସ୍ଥାକୁ ସ୍ୱୀକୃତି ଦେଉଥିବା ନୂତନ ସଂସ୍ଥା ପ୍ରତିଷ୍ଠିତ ହୁଏ ତେବେ କେବଳ ଡଲାରର ବିକଳ୍ପ ସମ୍ଭବ ହେବ। ସରଳ ଏବଂ ସୁରକ୍ଷିତ କାରବାର ସୁନିଶ୍ଚିତ କରିବା ପାଇଁ ପ୍ରଯୁକ୍ତିବିଦ୍ୟା ଏବଂ ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥାକୁ ମଧ୍ୟ ଅନ୍ତର୍ଜାତୀୟ ସ୍ତରରେ ସମନ୍ୱିତ କରିବାକୁ ପଡିବ। କିନ୍ତୁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେଉଛି ଦେଶଗୁଡ଼ିକୁ ଆମେରିକାର ଚାପ ଏବଂ ଭୟରୁ ମୁକ୍ତ ହେବାକୁ ପଡିବ। ଯେପର୍ଯ୍ୟନ୍ତ ଦେଶଗୁଡ଼ିକ ଆମେରିକାର ବଜାର, ନିବେଶ ଏବଂ ସୁରକ୍ଷା ସହଯୋଗ ଉପରେ ନିର୍ଭରଶୀଳ ରହିବେ, ସେମାନେ ଡଲାରକୁ ପରିତ୍ୟାଗ କରିବାର ସାହସ ସଂଗ୍ରହ କରିପାରିବେ ନାହିଁ। ଏହାର ଅର୍ଥ ହେଉଛି ବିଶ୍ୱକୁ ଏକ ନୂତନ ଭୂ-ରାଜନୈତିକ ସନ୍ତୁଳନ ଆଡକୁ ଗତି କରିବାକୁ ପଡିବ, ଯେଉଁଠାରେ କୌଣସି ଏକକ ଶକ୍ତି ପ୍ରାଧାନ୍ୟ ବିସ୍ତାର କରିବ ନାହିଁ।

ଡଲାରକୁ ପରିତ୍ୟାଗ କରିବା ପାଇଁ କେବଳ ଏକ ଆର୍ଥିକ ନିଷ୍ପତ୍ତି ନୁହେଁ, ବରଂ ରାଜନୈତିକ ଏବଂ ରଣନୈତିକ ସାହସ ଆବଶ୍ୟକ। ଏଥିପାଇଁ ଏକ ସହଭାଗୀ ଦୃଷ୍ଟିକୋଣ, ଦୃଢ଼ ସହଯୋଗ ଏବଂ ବିକଳ୍ପ ସାଂସ୍ଥାଗତ ଢାଞ୍ଚା ସୃଷ୍ଟି ଆବଶ୍ୟକ। ଯେପର୍ଯ୍ୟନ୍ତ ଏହି ସାମୂହିକ ପ୍ରୟାସ କରା ନ ଯାଏ, ଡଲାରର କବଜା ବଜାୟ ରହିବ ଏବଂ ପ୍ରତ୍ୟେକ ଦେଶ ନିଜ ନିଜ ସୀମାବଦ୍ଧତା ସହିତ ବଞ୍ଚିବାକୁ ବାଧ୍ୟ ହେବ।

ସୁଜନପୁର, ଯାଜପୁର
ମୋ-୯୪୩୭୨୮୮୦୨୮

# କର୍କଟ ସହିତ ଯୁଝୁଛି ଶୈଶବ

**ଡା. ରାଜକିଶୋର ପଣ୍ଡା**

> **ଶୈଶବକୁ କର୍କଟରୁ ବଞ୍ଚାଇବା କେବଳ ଏକ ଚିକିତ୍ସା ଲକ୍ଷ୍ୟ ନୁହେଁ ବରଂ ଏକ ନୈତିକ ଦାୟିତ୍ୱ ମଧ୍ୟ। ଏହା ସେହି ସମାଜର ଏକ ପରିଚୟ ଯିଏ ନିଜର ସବୁଠାରୁ ଦୁର୍ବଳ ତଥା ମୂଲ୍ୟବାନ ବର୍ଗକୁ ରକ୍ଷା କରିବାକୁ ସକ୍ଷମ।**

ଶିଶୁ, ଦେଶର ଭବିଷ୍ୟତ। ସମାଜର ନିର୍ମାଣ ନିମନ୍ତେ ଆବଶ୍ୟକ ରହିଛି ଏକ ସୁସ୍ଥ ଓ ପ୍ରତିଭାବାନ୍ ଶୈଶବର। ବାଲ୍ୟକାଳ ହେଉଛି ଜୀବନର ସେହି ସ୍ୱର୍ଣ୍ଣିମ ସମୟ, ଯେଉଁଥିରେ ସ୍ୱପ୍ନର ମୂଳଦୁଆ ପଡ଼ିଥାଏ, ସମ୍ଭାବନାର ଡେଣା ବିକଶିତ ହୋଇଥାଏ ଓ ଭବିଷ୍ୟତର ଦିଗ ନିର୍ଣ୍ଣିତ ହୁଏ। କିନ୍ତୁ ଆଜି ଏହି ଶୈଶବ କର୍କଟ ଭଳି ଜଟିଳ ବ୍ୟାଧିର ଶିକାର ହୋଇଛି, ଯାହାକି ପିଲାମାନଙ୍କ ଜୀବନର ବହୁ ମୂଲ୍ୟବାନ ସମୟକୁ ଛଡ଼ାଇ ନେବା ସହିତ ସେମାନଙ୍କ ମୃତ୍ୟୁର ମଧ୍ୟ ଏକ ପ୍ରମୁଖ କାରଣ ପାଲଟିଛି। ଏହା କେବଳ ଜୀବନଶୈଳୀ ଓ ପ୍ରାକୃତିକ ପରିବର୍ତ୍ତନର ପରିଣାମ ନୁହେଁ, ବରଂ ବ୍ୟବସ୍ଥା ସହିତ ଜଡ଼ିତ ପ୍ରସଙ୍ଗ ମଧ୍ୟ ଅଟେ। ଚିନ୍ତାଜନକ ବିଷୟ ହେଉଛି କି, ବାଲ୍ୟାବସ୍ଥାରେ କର୍କଟ ଯୋଗୁଁ ହେଉଥିବା ମୃତ୍ୟୁର ଚଉରାନବେ ପ୍ରତିଶତ ଓ ପଞ୍ଚାଅଶୀ ପ୍ରତିଶତ ନୂଆ ମାମଲା ମଧ୍ୟମ ଏବଂ ସ୍ୱଳ୍ପ ଆୟ ବିଶିଷ୍ଟ ଦେଶମାନଙ୍କରେ ଦେଖିବା ପାଇଁ ମିଳୁଛି। ଏହି ଦେଶଗୁଡ଼ିକ ମଧ୍ୟରେ ଭାରତ ମଧ୍ୟ ଅନ୍ୟତମ ଯେଉଁଠାରେ ପ୍ରତିବର୍ଷ ପାଖାପାଖି ସତର ହଜାର ଶିଶୁ କର୍କଟ କାରଣରୁ ମୃତ୍ୟୁବରଣ କରୁଛନ୍ତି। କ୍ୟାନ୍‌ସର ସହ ସଂଗ୍ରାମ କେବଳ ବ୍ୟକ୍ତିଗତ ନୁହେଁ, ବରଂ ଆର୍ଥିକ, ସାମାଜିକ ଓ ବୈଚାରିକ ସ୍ତରରେ ମଧ୍ୟ ଦେଖିବା ପାଇଁ ମିଳୁଛି।

ସ୍ୱନାମଧନ୍ୟ ଚିକିତ୍ସା ବିଜ୍ଞାନ ପତ୍ରିକା "ଦି-ଲାନ୍‌ସେଟ୍" ରେ ପ୍ରକାଶିତ ରିପୋର୍ଟ "ଗ୍ଲୋବାଲ୍ ବର୍ଡନ୍ ଅଫ୍ ଡିଜିଜ -୨୦୨୩" ଶୈଶବରେ କ୍ୟାନ୍‌ସର ସଙ୍କଟର ଭୟାବହତାକୁ ଉଜାଗର କରୁଛି। ଏହା ବୈଶ୍ୱିକ ସ୍ୱାସ୍ଥ୍ୟ ପ୍ରଣାଳୀର ବିଫଳତା ଓ ସ୍ୱାସ୍ଥ୍ୟ ସେବାର ଅସମାନତାର ଚିତ୍ରକୁ ସମ୍ମୁଖକୁ ଆଣୁଛି, ଯେଉଁଥିରେ ସେହି ଦେଶଗୁଡ଼ିକ ବେଶି କଷ୍ଟ ପାଉଛନ୍ତି, ଯେଉଁମାନଙ୍କର ସଂସାଧନ ସୀମିତ ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ଦୁର୍ବଳ। ରିପୋର୍ଟ ଅନୁଯାୟୀ ୨୦୨୩ ରେ ସମଗ୍ର ବିଶ୍ୱରେ ବାଲ୍ୟ କର୍କଟରେ ପ୍ରାୟ ୩.୭୭ ଲକ୍ଷ ନୂଆ ମାମଲା ସାମନାକୁ ଆସିଥିଲା ଓ ପାଖାପାଖି ୧.୪୪ ଲକ୍ଷ ଶିଶୁଙ୍କର ଏହି କାରଣରୁ ମୃତ୍ୟୁ ହୋଇଥିଲା। ତେଣୁ ଏହା ସ୍ପଷ୍ଟ ଯେ ବାଲ୍ୟରେ କର୍କଟ କେବଳ ଏକ ଚିକିତ୍ସାଜନିତ ସମସ୍ୟା ନୁହେଁ ବରଂ ବର୍ତ୍ତମାନ ସମୟରେ ଏହା ସଂରଚନାତ୍ମକ ଦୁର୍ବଳତା ଓ ସାମାଜିକ ଆର୍ଥିକ ଅସମାନତାର ଏକ ପ୍ରତୀକରେ ପରିଣତ ହୋଇଯାଇଛି। ସନ୍ଦର୍ଭଟିରେ ଆଗକୁ ଯିବା ପୂର୍ବରୁ ଶୈଶବ କର୍କଟ କ'ଣ ସେ ବିଷୟରେ ଆଲୋଚନା କରିବା। କର୍କଟ ଯାହାକି ଶିଶୁ ଓ କୈଶୋର ଅବସ୍ଥାରେ ଦେଖାଯାଇଥାଏ, ଜନ୍ମ ସମୟରୁ ଉଣେଇଶ ବର୍ଷ ବୟସ ପର୍ଯ୍ୟନ୍ତ ତାହାକୁ ବାଲ୍ୟାବସ୍ଥା କର୍କଟ ବୋଲି କୁହାଯାଏ। ପ୍ରାପ୍ତ ବୟସ୍କମାନଙ୍କଠାରେ ଦେଖାଯାଉଥିବା କର୍କଟ ଅପେକ୍ଷା ଶିଶୁ କର୍କଟ ଏହି ପ୍ରକାରେ ଭିନ୍ନ କି, ଏହା ଜୀବନଶୈଳୀ ଓ ପରିବେଶ ଜନିତ କାରଣ ଯୋଗୁଁ ହୋଇନଥାଏ। ଶିଶୁମାନଙ୍କଠାରେ ମୁଖ୍ୟତଃ ଲିଉକେମିଆ, ବ୍ରେନ୍ ଟ୍ୟୁମର, ଲିମ୍ଫୋମା ଆଦି କର୍କଟ ଅଧିକ ମାତ୍ରାରେ ଦେଖାଯାଇଥାଏ। ଭାରତରେ ମଧ୍ୟ ଏହି ସମସ୍ୟା ବର୍ତ୍ତମାନ ଜଟିଳ ଆକାର ଧାରଣ କରିଛି। ଗୋଟିଏ ପଟେ ଚିକିତ୍ସା ବିଜ୍ଞାନରେ କ୍ୟାନସରର ଉପଚାରକୁ ନେଇ ଉଲ୍ଲେଖନୀୟ ପ୍ରଗତି ହୋଇଛି ସତ, ଏହି ଆଧୁନିକ ସୁବିଧା ପାଖରେ ପହଞ୍ଚିବା କିନ୍ତୁ ସୀମିତାବସ୍ଥାରେ ରହିଛି। ଦେଶର ବଡ଼ ବଡ଼ ସହରାଞ୍ଚଳରେ ଉନ୍ନତ କର୍କଟ ଚିକିତ୍ସା କେନ୍ଦ୍ର ଉପଲବ୍ଧ ଅଛି ମାତ୍ର ଗ୍ରାମୀଣ କ୍ଷେତ୍ରରେ ଏହି ସୁବିଧା ନାହିଁ କହିଲେ ଚଳେ। ଫଳସ୍ୱରୂପ ଅଧିକାଂଶ ଶିଶୁ ସେହି ସମୟରେ ଡାକ୍ତରଖାନାରେ ପହଞ୍ଚନ୍ତି ଯେତେବେଳେ ରୋଗଟି ଶେଷ ପର୍ଯ୍ୟାୟରେ ଥାଏ। ଏହି ହେତୁ ଭାରତରେ ଶିଶୁ କର୍କଟ କ୍ଷେତ୍ରରେ ଜୀବିତ ରହିବାର ହାର ବିକଶିତ ଦେଶମାନଙ୍କ ତୁଳନାରେ ଯଥେଷ୍ଟ କମ୍ ଅଟେ। ଲାନ୍‌ସେଟ୍‌ର ରିପୋର୍ଟରୁ ଜଣାପଡ଼ିଛି ଯେ ୨୦୨୩ ରେ ଶିଶୁମାନଙ୍କର ମୃତ୍ୟୁର ଅଷ୍ଟମ ପ୍ରମୁଖ କାରଣ ହେଉଛି କର୍କଟ। କେବଳ ଏତିକି ନୁହେଁ "ଡିଜାବିଲିଟି ଆଡ୍‌ଜଷ୍ଟେଡ୍ ଲାଇଫ୍ ଇୟର୍ସ (ଡି.ଏ.ଏଲ.ଓ୍ୱାଇ) କ୍ଷେତ୍ରରେ ମଧ୍ୟ କ୍ୟାନସର୍ ହେଉଛି ଦଶମ ପ୍ରମୁଖ କାରଣ"। "ଡି.ଏ.ଏଲ.ଓ୍ୱାଇ" ର ଅର୍ଥ ହେଉଛି ସମଗ୍ର ସୁସ୍ଥ ଜୀବନର ସମୟ ସୀମାରୁ ଏକବର୍ଷ କୌଣସି ବ୍ୟାଧି ଯୋଗୁଁ ନଷ୍ଟ ହେବା। ତେଣୁ କର୍କଟ କେବଳ ଜୀବନ ହାନି କରୁନାହିଁ ବରଂ ପିଲାମାନଙ୍କର ସୁସ୍ଥ, ସକ୍ରିୟ ଓ ମୂଲ୍ୟବାନ ସମୟକୁ ମଧ୍ୟ ନଷ୍ଟ କରୁଛି। ଏହା ଏପରି ଏକ କ୍ଷତି ଯାହାର ସାମାଜିକ ଓ ଆର୍ଥିକ ପ୍ରଭାବ ଦୀର୍ଘକାଳୀନ ଏବଂ ଗଭୀର। ପୂର୍ବରୁ ଏହି ଲେଖକ ଉଲ୍ଲେଖ କରିଥିବା ଗୋଟିଏ ତଥ୍ୟ ଯାହାକି ହେଉଛି, ବୟସ୍କମାନଙ୍କ ଭଳି ଶିଶୁକର୍କଟର ଜୀବନଶୈଳୀ ସହିତ କୌଣସି ସମ୍ପର୍କ ନଥାଏ, ବରଂ ଏହା ହୋଇଥାଏ ଆନୁବଂଶିକ ପରିବର୍ତ୍ତନ ବା କୋଷୀୟ ଅସମାନତା ହେତୁ। ଉପରୋକ୍ତ ଦୁଇଟି କାରଣବଶତଃ ବାଲ୍ୟାବସ୍ଥା କର୍କଟ ଏବେ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଏକ ଚିନ୍ତାଜନକ ପ୍ରସଙ୍ଗ ପାଲଟିଛି। ଜୀବନଶୈଳୀକୁ ଆମେ ପରିବର୍ତ୍ତନ କରିପାରିବା ମାତ୍ର ଆନୁବଂଶିକ ଓ କୋଷୀୟ କ୍ଷେତ୍ରରେ କୌଣସି ପରିବର୍ତ୍ତନ ଅତ୍ୟନ୍ତ କଷ୍ଟସାଧ୍ୟ। ଲ୍ୟୁକେମିଆ (ରକ୍ତ କର୍କଟ) ହେଉଛି ପିଲାମାନଙ୍କଠାରେ ସର୍ବାଧିକ ମାତ୍ରାରେ ଦେଖାଯାଉଥିବା କର୍କଟ, ଯାହାଦ୍ୱାରା ୨୦୨୩ ରେ ପ୍ରାୟ ୪୫୦୦୦ ଶିଶୁଙ୍କର ମୃତ୍ୟୁ ହୋଇଛି। ଦ୍ୱିତୀୟରେ ଅଛି ମସ୍ତିଷ୍କ ଓ ମେରୁଦଣ୍ଡ କର୍କଟ ଯେଉଁଥିରେ ଆକ୍ରାନ୍ତ ହୋଇ ୨୩୦୦୦ ପିଲାଙ୍କର ମୃତ୍ୟୁ ଘଟିଛି। ଏଠାରେ ଗୋଟିଏ ବିରୋଧାଭାସ ମଧ୍ୟ ଦେଖିବା ପାଇଁ ମିଳେ। ୧୯୯୦ ତୁଳନାରେ ୨୦୨୩ ରେ ବାଲ୍ୟାବସ୍ଥା କର୍କଟ ହେତୁ ମୃତ୍ୟୁରେ ପାଖାପାଖି ସତେଇଶି ପ୍ରତିଶତ ହ୍ରାସ ଆସିଛି ଯାହାକି ଚିକିତ୍ସା ବିଜ୍ଞାନରେ ଉନ୍ନତିର ଏକ ସ୍ପଷ୍ଟ ସଙ୍କେତ। ଭାରତ ବିଷୟରେ ଚର୍ଚ୍ଚା କଲେ ଏଠାରେ ଶିଶୁ କର୍କଟର ସମସ୍ୟା କେବଳ ଚିକିତ୍ସା ପର୍ଯ୍ୟନ୍ତ ସୀମିତ ନୁହେଁ ବରଂ ଏହା ସାମାଜିକ ଓ ଆର୍ଥିକ ଦିଗ ସହିତ ମଧ୍ୟ ଜଡ଼ିତ ଅଛି। ପ୍ରଥମରେ ବ୍ୟୟବହୁଳ ଚିକିତ୍ସା ଓ ଦ୍ୱିତୀୟରେ ଅଧିକାଂଶ ପରିବାର ପାଖରେ ସ୍ୱାସ୍ଥ୍ୟ ବୀମା ବା କୌଣସି ଆର୍ଥିକ ସୁରକ୍ଷାର ଉପଲବ୍ଧତା ନାହିଁ। ତେଣୁ କେତୋଟି ମାମଲାରେ ଚିକିତ୍ସା ଅଧା ରହିଯାଏ। ସଚେତନାର ଅଭାବ ମଧ୍ୟ ଏକ ବଡ଼ ସମସ୍ୟା। କର୍କଟର ପ୍ରାରମ୍ଭିକ ଲକ୍ଷଣଗୁଡ଼ିକୁ ଅଧିକାଂଶ ସମୟରେ ସାମାନ୍ୟ ରୋଗ ବୋଲି ଭାବି ଅବହେଳା କରାଯାଇଥାଏ, ଯାହାଦ୍ୱାରା ଚିହ୍ନଟରେ ବିଳମ୍ବ ହେବା ସହିତ ଚିକିତ୍ସା ସମ୍ଭାବନା କମିଯାଏ।

ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ତାଲିମପ୍ରାପ୍ତ ଡାକ୍ତର, ଆବଶ୍ୟକୀୟ ଯାଞ୍ଚ ସୁବିଧା ଓ ବିଶେଷଜ୍ଞମାନଙ୍କର ଅଭାବ, ବଡ଼ ଡାକ୍ତରଖାନାକୁ ରୋଗୀକୁ ପଠାଇବା ପ୍ରକ୍ରିୟାରେ ଜଟିଳତା, ଶିଶୁମାନଙ୍କୁ ଉପଯୁକ୍ତ ସମୟରେ ଚିକିତ୍ସା ମିଳିବାରେ ବାଧା ସୃଷ୍ଟି କରେ। ତେବେ ଏହି ନିରାଶାଜନକ ପରିଦୃଶ୍ୟ ମଧ୍ୟରେ ଆଶାର କିରଣ ମଧ୍ୟ ଦେଖାଦେଇଛି। ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନ ତରଫରୁ ଆରମ୍ଭ କରାଯାଇଥିବା "ଗ୍ଲୋବାଲ୍ ଚାଇଲଡ ହୁଡ୍ କ୍ୟାନ୍‌ସର୍ ଇନିସିଏଟିଭ୍" ଏହି ଦିଗରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ, ଯାହାର ଲକ୍ଷ୍ୟ ୨୦୩୦ ସୁଦ୍ଧା କର୍କଟରେ ପୀଡ଼ିତ ଶିଶୁଙ୍କର ବଞ୍ଚିରହିବାର ହାରକୁ ଅତିକମ୍‌ରେ ଷାଠିଏ ପ୍ରତିଶତକୁ ବଢ଼ାଇବା। ଏହି କାର୍ଯ୍ୟକ୍ରମ ଜରିଆରେ ଠିକ୍ ସମୟରେ ରୋଗ ଚିହ୍ନଟ, ଶସ୍ତା ଓ ସୁଲଭ ଔଷଧର ଉପଲବ୍ଧତା, ପ୍ରଶିକ୍ଷିତ ସ୍ୱାସ୍ଥ୍ୟକର୍ମୀମାନଙ୍କର ସଂଖ୍ୟା ବୃଦ୍ଧି ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ଆଦି ଉପରେ ଗୁରୁତ୍ୱ ଦିଆଯାଉଛି। ଭାରତରେ ମଧ୍ୟ କେନ୍ଦ୍ର ସରକାର ଓ ବିଭିନ୍ନ ସଂସ୍ଥା ଏହି ଦିଗରେ ପ୍ରୟାସରତ ଅଛନ୍ତି। ଆୟୁଷ୍ମାନ ଭାରତ ଭଳି ଯୋଜନା ଆର୍ଥିକ ଦିଗରୁ ଦୁର୍ବଳ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସୁବିଧା ପ୍ରଦାନ କରୁଛି। ଟେଲି ମେଡିସିନ୍ (ଇ-ସଂଜୀବନୀ) ବ୍ୟବସ୍ଥା ଦ୍ୱାରା ଦୂରଦୂରାନ୍ତର ଲୋକମାନଙ୍କ ନିକଟରେ ସ୍ୱାସ୍ଥ୍ୟ ସେବା ଓ ସୂଚନା ପହଞ୍ଚାଇବା ପାଇଁ ପ୍ରଚେଷ୍ଟା କରାଯାଉଛି। ତେବେ ଏହି ସବୁ ପ୍ରୟାସକୁ ଆହୁରି ଅଧିକ ବ୍ୟାପକ, ସମନ୍ୱିତ ଓ ପ୍ରଭାବୀ କରାଯିବାର ଆବଶ୍ୟକତା ରହିଛି।

କର୍କଟ ସମସ୍ୟାର ସମାଧାନ କେବଳ ଚିକିତ୍ସାରେ ଉନ୍ନତି ହେତୁ ସମ୍ଭବ ନୁହେଁ ବରଂ ଏଥିପାଇଁ ଏକ ବହୁମୁଖୀ ଦୃଷ୍ଟିକୋଣକୁ ଆପଣାଇବାର ଆବଶ୍ୟକତା ରହିଛି। ସର୍ବପ୍ରଥମେ ସଚେତନା ବଢ଼ାଇବାକୁ ପଡ଼ିବ, ଯାହାଦ୍ୱାରା ପିତା, ମାତା, ଶିକ୍ଷକ ଶିଶୁର ପ୍ରାରମ୍ଭିକ ଲକ୍ଷଣ ସବୁକୁ ସୁବିଧାରେ ଚିହ୍ନଟ କରିପାରିବେ। ଏହା ସହିତ ପ୍ରାଥମିକ ସ୍ୱାସ୍ଥ୍ୟ ପ୍ରଣାଳୀକୁ ଆହୁରି ମଜଭୁତ କରିବାକୁ ହେବ, ଯାହାଦ୍ୱାରା କର୍କଟର ଚିହ୍ନଟ ଓ ଚିକିତ୍ସା ଆଦି ଶୀଘ୍ର କରାଯାଇପାରିବ। ଚିକିତ୍ସା ଶିକ୍ଷା ଓ ପ୍ରଶିକ୍ଷଣରେ ନିବେଶ ବଢ଼ାଇ ବିଶେଷଜ୍ଞମାନଙ୍କର ସଂଖ୍ୟାକୁ ବୃଦ୍ଧି କରିବାକୁ ହେବ। ଶୈଶବକୁ କର୍କଟରୁ ବଞ୍ଚାଇବା କେବଳ ଏକ ଚିକିତ୍ସା ଲକ୍ଷ୍ୟ ନୁହେଁ ବରଂ ଏକ ନୈତିକ ଦାୟିତ୍ୱ ମଧ୍ୟ। କର୍କଟ ସହ ଯୁଝୁଥିବା ଶୈଶବ ଆମକୁ ଶିକ୍ଷା ଦିଏ ଯେ, ଉନ୍ନତି କେବଳ ଆର୍ଥିକ ପ୍ରଗତି ଦ୍ୱାରା ମପାଯାଇ ପାରିବ ନାହିଁ, ବରଂ ଏହା ଏକାନ୍ତ ଭାବରେ ନିର୍ଣ୍ଣିତ ହେବ କିପରି ଆମେ ଆମ ପିଲାମାନଙ୍କୁ ସୁରକ୍ଷିତ, ସୁସ୍ଥ ଓ ସମ୍ମାନଜନକ ଜୀବନ ଦେଇ ପାରୁଛେ।

ମେଡିକାଲ ଅଫିସର
ଓଡ଼ିଶା ସ୍ୱାସ୍ଥ୍ୟ ସେବା,ଭୁବନେଶ୍ୱର
ମୋବାଇଲ ନଂ- ୮୧୪୪୦୪୨୯୯୭

## ଦାଦନ ଖଟିବାକୁ ଯାଇଥିଲେ, ଶବ ହୋଇ ଗାଁକୁ ଫେରିଲେ

ରାୟଗଡା, ୧୭।୯(ନିପ୍ର); ଦାଦନ ଖଟିବାକୁ ଯାଇଥିଲେ, ଶବ ହୋଇ ଗାଁକୁ ଫେରିଲେ । ମରିବା ଖବର ଶୁଣି ମା ବେହୋସ। ରାୟଗଡା ଜିଲ୍ଲା କଲ୍ୟାଣସିଂପୁର ବ୍ଲକ ସୁନାଖଣ୍ଡି ପଞ୍ଚାୟତ ଖଜୁରୀଗୁଡା ଗ୍ରାମର ରାମରାଓ କୁଲେଷିକା ଦାଦନ ଖଟିବାକୁ ଯାଇ ଶବ ହୋଇ ଆଉ ଗାଁକୁ ଫେରିଲେନି। ଖଜୁରୀଗୁଡାରୁ କିଛିଦିନ ପୂର୍ବେ ଦାଦନ ଖଟିବାକୁ ରାମରାଓ ତାମିଲନାଡୁ ଯାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଖବର ଗାଁରେ ପହଞ୍ଚି ଥିଲା। ହେଲେ ମୃତ୍ୟୁର ପ୍ରକୃତ କାରଣ ବର୍ତ୍ତମାନ ସୁଦ୍ଧା ଜଣା ପଡ଼ିନାହିଁ। ରାମାରାଓଙ୍କ ମୃତ୍ୟୁର ଖବର ପାଇବାପରେ ତାଙ୍କ ମା ଦୁଃଖରେ ଭାଙ୍ଗି ପଡିଛନ୍ତି। ସାରା ରାଜ୍ୟରେ ଗଣେଶ ପୂଜା ପାଇଁ ଆନନ୍ଦ ଉତ୍ସବ ଚାଲିଥିବା ବେଳେ ଗ୍ରାମର ଯୁବକ ମାନେ ପୂଜା ବନ୍ଦକରି ଆନନ୍ଦ ଉତ୍ସବ ଗଭୀର ଦୁଃଖ ପ୍ରକାଶ କରିବା ସହ ସମବେଦନା ଜଣାଇଛନ୍ତି। ତାମିଲନାଡୁ ଏରୋଡ଼ ଠାରେ ରାମରାଓଙ୍କ ମୃତଦେହ ପଡିରହିଥିବା ବେଳେ ଗାଁକୁ ଶବ କିପରି ଫେରେଇ ଆଣିହେବ ସେନେଇ ପରିବାର ଲୋକେ ଚିନ୍ତାରେ ପଡ଼ି ସେ ଉପରେ ପରିବାର ଲୋକେ ସରକାରଙ୍କ ସହଯୋଗ ପାଇଁ ନିବେଦନ କରିଥିଲେ। ତାମିଲନାଡୁରୁ ମୃତଦେହ ଆଣିବା ପାଇଁ ଆମ୍ବୁଲାନ୍ସ ଭଡ଼ା ରେଡ଼କ୍ରସ ପାଣ୍ଠିରୁ ପ୍ରଦାନ କରାଯିବା ବ୍ୟବସ୍ଥା ରହିଛି ଏବଂ ସେହି ପ୍ରକାରେ ପଦକ୍ଷେପ ନିଆଯିବ ବୋଲି ରାୟଗଡା ଜିଲ୍ଲା ଶ୍ରମ ଅଧିକାରୀ ରବୀନ୍ଦ୍ରନାଥ ତ୍ରିପାଠୀ କହିଥିଲେ। ତେବେ ଶେଷରେ ଗ୍ରାମକୁ ଶବ ନ ଆଣି ସମ୍ପର୍କୀୟଙ୍କ ଉପସ୍ଥିତି ରେ ତାମିଲନାଡୁରେ ହିଁ ଶବ ସଂସ୍କାର କରାଯାଇଥିବା ସୂଚନା ମିଳିଛି।

## ଅଗ୍ନିକାଣ୍ଡ ଗ୍ରାମୀଣ ଗୃହ ନିର୍ମାଣ ବିଭାଗ କାର୍ଯ୍ୟାଳୟ ପୋଡ଼ି ଛାରଖାରର

ପାରଳାଖେମୁଣ୍ଡି, ୧୭।୯(ନିପ୍ର): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ୍ ପରିସରରେ ଥିବା ଗ୍ରାମୀଣ ଗୃହ ନିର୍ମାଣ ବିଭାଗ କାର୍ଯ୍ୟାଳୟରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟିଯାଇଛି। ବିଦ୍ୟୁତ ସର୍ଟ ସର୍କିଟ୍ ଯୋଗୁଁ ଏହି ନିଆଁ ଲାଗିଥିବା ପ୍ରାଥମିକ ସୂଚନାରୁ ଜଣାପଡ଼ିଛି। ଅଗ୍ନିକାଣ୍ଡ ଫଳରେ କାର୍ଯ୍ୟାଳୟରେ ଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ସରକାରୀ ଆସବାବପତ୍ର ଓ ଦସ୍ତାବିଜ୍ ପୋଡ଼ି ନଷ୍ଟ ହୋଇଯାଇଥିବା ଆଶଙ୍କା କରାଯାଉଛି।ସୂଚନା ଅନୁଯାୟୀ, ଆଜି କାର୍ଯ୍ୟାଳୟ ମଧ୍ୟରୁ ହଠାତ୍ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା। ଅଳ୍ପ ସମୟ ମଧ୍ୟରେ ନିଆଁ ଚାରିଆଡ଼େ ବ୍ୟାପି ଯାଇଥିଲା। ସ୍ଥାନୀୟ ଲୋକେ ଓ ପ୍ରଶାସନିକ ଅଧିକାରୀ ସଙ୍ଗେ ସଙ୍ଗେ ଏ ସମ୍ପର୍କରେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଗାଡ଼ି ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ନିଆଁକୁ ଆୟତ୍ତ କରିବା ପାଇଁ ଉଦ୍ୟମ କରିଥିଲା।ଅଗ୍ନିଶମ କର୍ମଚାରୀଙ୍କ ବହୁ ପରିଶ୍ରମ ପରେ ନିଆଁ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିଥିବା ବେଳେ ଏକ ବଡ଼ ଧରଣର ବିପତ୍ତି ଟଳିଯାଇଛି। ତେବେ ଏହି ଅଗ୍ନିକାଣ୍ଡରେ କେତେ ପରିମାଣର ଆର୍ଥିକ କ୍ଷୟକ୍ଷତି ହୋଇଛି ଏବଂ କେଉଁ ସବୁ ଗୁରୁତ୍ୱପୂର୍ଣ୍ଣ ଫାଇଲ୍ ନଷ୍ଟ ହୋଇଛି, ସେ ନେଇ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ସଠିକ୍ ଆକଳନ କରାଯାଉଛି। ଘଟଣାସ୍ଥଳରେ ପୋଲିସ ଏବଂ ଅଗ୍ନିଶମ ବିଭାଗ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

## ୨୧ରେ ଖୁଦୁରୁକୁଣୀ ମେଲଣ

ରାଉରକେଲା, ୧୭।୯ (ନିପ୍ର): ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସ୍ୱରାଗିଣୀ ଅନୁଷ୍ଠାନ ତରଫରୁ ମା ଖୁଦୁରୁକୁଣୀ ମେଲଣ ୨୦୨୬ ଆସନ୍ତା ୨୧ ତାରିଖ ଦିନ ସ୍ଥାନୀୟ ସେକ୍ଟର ୩ ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରର ରଥଖଳା ନିକଟରେ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ଏସମ୍ପର୍କରେ ସେକ୍ଟର ୧ ସ୍ଥିତ ନିଜସ୍ୱ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ତରଫରୁ ସାମ୍ବାଦିକ ମାନଙ୍କୁ ସୂଚନା ଦିଆଯାଇ କୁହାଯାଇଛି ଯେ ଚଳିତ ବର୍ଷ ୫ମ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ପ୍ରାୟ ଶତାଧିକ ଖୁଦୁରୁକୁଣୀ ମେଢ ଏହି ଉତ୍ସବରେ ସାମିଲ ହେବାର ସମ୍ଭାବନା ରହିଥିବା ବେଳେ ଗତବର୍ଷ ୭୨ଟି ମୂର୍ତ୍ତି ସାମିଲ ହୋଇଥିଲା। ତେବେ ଚଳିତ ବର୍ଷ ଏହି କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସୁନାମଧନ୍ୟା ଗାୟିକା ମାନସୀ ପାତ୍ର ଯୋଗଦେଇ ଭଜନ ପରିବେଷଣ କରିବା ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି। ସେହିପରି ଏହି ମେଲଣରେ ଦିବା ୧୦ ଠାରୁ ଅପରାହ୍ନ ୧ଟା ମଧ୍ୟରେ ମୂର୍ତ୍ତି ଗୁଡ଼ିକ ମେଲଣ ପଡ଼ିଆରେ ଏକତ୍ରିତ ହେବେ। ସେଗୁଡିକ ମଧ୍ୟରୁ ବଡ଼ ମୂର୍ତ୍ତି ମଧ୍ୟରୁ ଶ୍ରେଷ୍ଠ ୩ ଟି ମୂର୍ତ୍ତି ଓ ସାଧାରଣ ମୂର୍ତ୍ତି ମଧ୍ୟରେ ଶ୍ରେଷ୍ଠ ୩ ଟି ମୂର୍ତ୍ତିକୁ ଅଭିଜ୍ଞ ବିଚାରକ ମଣ୍ଡଳୀଙ୍କ ଦ୍ୱାରା ସ୍ଥିରିକୃତ କରାଯାଇ ପୁରସ୍କୃତ କରାଯିବ ଓ ସମସ୍ତ ଅଂଶଗ୍ରହଣକାରୀଙ୍କୁ ନିଶ୍ଚିତ ଉପହାର ଓ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ସେହିପରି ପ୍ରତ୍ୟେକ ଅଂଶଗ୍ରହଣ କାରୀ ମୂର୍ତ୍ତି ଗୁଡ଼ିକରେ ପ୍ଲାଷ୍ଟିକ ତିଆରି ସାଜସଜ୍ଜା ବଦଳରେ ପ୍ରାକୃତିକ ଫୁଲ ଓ ଅନ୍ୟାନ୍ୟ ପ୍ରଦୂଷଣ ନିରୋଧ ସାମଗ୍ରୀକୁ ଅଗ୍ରାଧିକାର ଦିଆଯିବ ବୋଲି ଘୋଷଣା କରାଯାଇଥିଲା ।

## ବିରେନ ମିତ୍ରଙ୍କ ଘନିଷ୍ଠ ସହଯୋଗୀ ନିମାଇଁ ଚରଣ ସାହୁଙ୍କୁ ଭେଟିଲେ ମେୟର ସୁବାସ ସିଂ

କଟକ, ୧୯।୮(ନିପ୍ର): କଟକ ମହାନଗର ନିଗମ ପକ୍ଷରୁ କାର୍ଯ୍ୟକାରୀ କରାଯାଉଥିବା 'ଆପଣ କେମିତି ଅଛନ୍ତି' କାର୍ଯ୍ୟକ୍ରମ ଅଧୀନରେ ମେୟର ସୁବାସ ସିଂ ମାନସିଂହପାଟଣା, ୱାର୍ଡ ନମ୍ବର ୧୨ରେ ପହଞ୍ଚି ଜନତା ପାର୍ଟିର ପୂର୍ବତନ ସହ-ସମ୍ପାଦକ ନିମାଇଁ ଚରଣ ସାହୁଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରିଥିଲେ। ୮୮ ବର୍ଷ ବୟସ୍କ ଶ୍ରୀ ସାହୁଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଦୈନନ୍ଦିନ ଜୀବନ ସମ୍ପର୍କରେ ମେୟର ଶ୍ରୀ ସିଂ ପଚାରି ବୁଝିବା ସହିତ ତାଙ୍କ ପରିବାର ସଦସ୍ୟମାନଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ଶ୍ରୀ ସାହୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିରେନ ମିତ୍ରଙ୍କ ଘନିଷ୍ଠ ସହଯୋଗୀ ଓ ସେବକ ଭାବେ ଦୀର୍ଘଦିନ ଧରି କାର୍ଯ୍ୟ କରିଥିବା ଏବଂ କଟକର ସାମାଜିକ ଓ ରାଜନୈତିକ ଜୀବନ ସହ ଜଡ଼ିତ ରହିଥିବା ନେଇ ଏହି ସାକ୍ଷାତକାର ସମୟରେ ବିଭିନ୍ନ ସ୍ମୃତି ଓ ଅନୁଭୂତି ଆଲୋଚନା ହୋଇଥିଲା। ବିରେନ ମିତ୍ରଙ୍କ ଅତ୍ୟନ୍ତ ଘନିଷ୍ଠ କର୍ମୀ ଭାବେ ଶ୍ରୀ ସାହୁ କାଠଗଡ଼ା ସାହି ଅଞ୍ଚଳରେ ନିୟମିତ ଭାବେ ଉପସ୍ଥିତ ରହି ବିଭିନ୍ନ ସଭା, ସାଂଗଠନିକ କାର୍ଯ୍ୟ ଓ ଜନସମ୍ପର୍କ କାର୍ଯ୍ୟକ୍ରମରେ ସକ୍ରିୟ ଭୂମିକା ନେଉଥିବା ସ୍ମୃତିଚାରଣ କରାଯାଇଥିଲା। ସେହି ସମୟର କଟକର ରାଜନୈତିକ ଓ ସାମାଜିକ ପରିବେଶ ସମ୍ପର୍କରେ ମଧ୍ୟ ଶ୍ରୀ ସାହୁ ମେୟରଙ୍କ ସହ ବିଭିନ୍ନ ଅନୁଭୂତି ବାଣ୍ଟିଥିଲେ। ଏଥିସହ ଶ୍ରୀ ସାହୁ ବିରେନ ମିତ୍ର, ବିଶ୍ୱନାଥ ପଣ୍ଡିତ, ହରେକୃଷ୍ଣ ମହତାବ ଏବଂ ବିଜୁ ବାବୁଙ୍କ ସହ କଟକର ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସ୍ମୃତି ମଧ୍ୟ ଉପସ୍ଥାପନ କରିଥିଲେ। ତାଙ୍କ ଦୀର୍ଘ ସାମାଜିକ ଓ ସାର୍ବଜନୀନ ଜୀବନର ଅନୁଭୂତି କଟକର ଏକ ସମୃଦ୍ଧ ଐତିହାସିକ ଓ ରାଜନୈତିକ ପରମ୍ପରାର ସ୍ମୃତିକୁ ଉଜ୍ଜୀବିତ କରିଥିଲା।

# ଖଣ୍ଡପଡ଼ା ଅଞ୍ଚଳରେ ବଢୁଛି ବେକାରୀ ସମସ୍ୟା

## ଦାଦନ ଶ୍ରମିକ ଭାବେ ରାଜ୍ୟ ବାହାରେ କାର୍ଯ୍ୟରତ ଶହଶହ ଶ୍ରମିକ, ପ୍ରଶାସନର ନିଘା ନାହିଁ !

କଣ୍ଟିଲୋ ୧୬।୯ (ନି.ପ୍ର) ଖଣି ଖାଦାନ ଓ ଶିଳ୍ପବିହୀନ ନୟାଗଡ ଜିଲ୍ଲା ଅଧୀନ ଖଣ୍ଡପଡ଼ା ବ୍ଲକ ଅଞ୍ଚଳରେ ସମୟାନୁକ୍ରମେ ଦାଦନ ଶ୍ରମିକଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଉଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି।ଗତ କିଛି ବର୍ଷ ଧରି କାମଧନ୍ଦା ଅଭାବରୁ ଖଣ୍ଡପଡ଼ା ଅଞ୍ଚଳର କୁଶଳୀ ଓ ଅଣକୁଶଳୀ କାରିଗର, ଶ୍ରମିକମାନେ କାମଧନ୍ଦା ଅନ୍ୱେଷଣରେ ଏବେ ରାଜ୍ୟ ବାହାରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟରତ ଥିବା ବେଳେ ପ୍ରଶାସନର ଏଥି ପ୍ରତି ନିଘା ନଥିବା ବିଭିନ୍ନ ମହଲରେ କୁହାଯାଉଛି।


ଖଣ୍ଡପଡ଼ା ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରୁ ଶହଶହ ବ୍ୟକ୍ତି ନିଜର ଭିଟାମାଟି ଛାଡି ରାଜ୍ୟ ବାହାରେ ସୁଦୁର ମୁମ୍ବାଇ, ସୁରାଟ, କଲିକତା, କେରଳ,ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟରେ ଦାଦନ ଶ୍ରମିକ ଭାବେ ଖଟୁଛନ୍ତି। ଏକଦା ଏ ଅଞ୍ଚଳର ଶହଶହ ଚାଷୀ ପରିବାର ବର୍ଷତମାମ ବିଭିନ୍ନ ଫସଲ ଠାରୁ ଆରମ୍ଭ କରି ପନିପରିବା ଚାଷ କରି ପରିବାରର ଗୁଜୁରାଣ ମେଣ୍ଟାଉ ଥିବା ବେଳେ ମତ୍ସ୍ୟଜୀବୀ ପରିବାର ଗୁଡ଼ିକ ଖଣ୍ଡପଡ଼ା ଅଞ୍ଚଳ ଦେଇ ପ୍ରବାହିତ ମହାନଦୀ ଓ ଶାଖା ନଦୀ କୁସୁମୀ, କୁଆଁରିଆ, ଆମ୍ବନାଳ, ଡାହୁକା ପ୍ରଭୃତି ନଦୀ ପଠାରେ ପନିପରିବା ଓ ରବି ଫସଲ ଚାଷ କରି ପରିବାରର ଗୁଜୁରାଣ ମେଣ୍ଟାଉ ଥିଲେ।ମାତ୍ର ଏବେ ସମୟ ବଦଳି ଯାଇଛି। ଖଣ୍ଡପଡା ଅଞ୍ଚଳ ଦେଇ ପ୍ରବାହିତ ଚିରସ୍ରୋତା ମହାନଦୀ ଓ ଶାଖା ନଦୀ ଗୁଡିକ ବର୍ଷର ୮ ମାସ ଶୁଖିଲା ପଡୁଛି।ପାଣି ଅଭାବରୁ ଚାଷ ବାସ କାର୍ଯ୍ୟ ବ୍ୟାହତ ହେଉଥିବା ବେଳେ କୃଷି ବିଭାଗ କର୍ମଚାରୀଙ୍କ ଅସହଯୋଗ ଆଦି ବିଭିନ୍ନ କାରଣକୁ ନେଇ ଚାଷବାସ କାର୍ଯ୍ୟରୁ ଚାଷୀ ପରିବାର ଗୁଡ଼ିକ ମୁହଁ ଫେରାଉଥିବା ଜଣାପଡିଛି। ଅପରପକ୍ଷେ ସରକାରଙ୍କ ପକ୍ଷରୁ ପ୍ରତି ମାସରେ ହିତାଧିକାରୀଙ୍କୁ ମିଳୁଥିବା ଟଙ୍କିକିଆ ଚାଉଳ ଓ ମାଗଣା ଚାଉଳ ବ୍ୟବସ୍ଥା ଯୋଗୁଁ ଦୀର୍ଘ ବର୍ଷ ଧରି ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ଇଲାକାରେ ଏକର ଏକର ଚାଷଜମି ପଡିଆ ପଡୁଥିବା ନଜରକୁ ଆସୁଛି। ଏ ଦିଗରେ ଜନସାଧାରଣ ଓ ପ୍ରଶାସନ ସଚେତନ ନହେଲେ ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ପ୍ରକାଶ ପାଇଛି।

ସେହିପରି ବେଳକୁ ବେଳ ବେକାରୀ ଓ ଶିକ୍ଷିତ ବେକାରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ପରିସ୍ଥିତି ଏପରି ହୋଇଛି ଯୁବପିଢ଼ି ଏବେ ରୋଜଗାର ମୁହାଁ ନ ହୋଇ ନିଶାଖୋର ଅବସ୍ଥାରେ ଏଣେତେଣେ ଘୂରି ବୁଲୁଥିବା ନଜରକୁ ଆସୁଛି।ଫଳରେ ନିଶାଖୋରଙ୍କ ଯୋଗୁଁ ସମାଜରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିବାର ଅନେକ ନଜିର ରହିଛି।ପ୍ରାକୃତିକ ସମ୍ପଦରେ ଭରପୂର ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବାସ କରୁଥିବା ଆଦିବାସୀ ଓ ଜନଜାତି ସମ୍ପ୍ରଦାୟର ଲୋକମାନେ ବର୍ଷ ବର୍ଷ ଧରି ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରି ଏକଦା ପରିବାର ପ୍ରତିପୋଷଣ କରି ଆସୁଥିଲେ। ମାତ୍ର ଏବେ ଜଙ୍ଗଲ ଅବକ୍ଷୟର ଦ୍ୱାର ଦେଶରେ ପହଞ୍ଚିଥିବା ଜଣାପଡିଛି। ଫଳରେ ନିକଟ ଭବିଷ୍ୟତରେ ବିଷମ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ପ୍ରକାଶ ପାଇଛି।

ଖଣ୍ଡପଡ଼ା ଅଞ୍ଚଳର ମୁଖ୍ୟ ଆୟକାରୀ ଫସଲ ଭାବେ ଧାନ ଓ ଆଖୁ ପରିଗଣିତ ହେଉଥିଲେ ହେଁ ଅନିୟମିତ ବୃଷ୍ଟିପାତ ଯୋଗୁଁ ଧାନ ଫସଲ ନଷ୍ଟ ହେବା ସହ ଧାନ ଅମଳ ବେଳକୁ ବେଳ ହ୍ରାସ ପାଇବାରେ ଲାଗିଛି। ଫଳରେ ଧାନ ଚାଷ କରୁଥିବା ଚାଷୀମାନଙ୍କ ମେରୁଦଣ୍ଡ ଦୋହଲି ଯାଉଛି। ଏକଦା କୃଷିଭିତ୍ତିକ ଅଞ୍ଚଳ ଭାବେ ପରିଚିତ ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ଚାଷୀମାନେ ଆଉ ପୂର୍ବ ପରି ଫସଲ ଅମଳ କରି ନପାରି ଚାଷବାସ କାର୍ଯ୍ୟରୁ ଦୁରେଇ ଯାଉଥିବା ଜଣାପଡିଛି।ବର୍ଷକୁ ବର୍ଷ ବିଳମ୍ବିତ ପାଣିପାଗ ଫସଲ ହାନିର ଅନ୍ୟତମ କାରଣ ବୋଲି ଖଣ୍ଡପଡ଼ା କୃଷି ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ବର୍ଷ ବର୍ଷ ଧରି ଚାଷୀ ଫସଲର ପ୍ରକୃତ ମୂଲ୍ୟ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି।ଫଳରେ ଚାଷୀ ପରିବାରଗୁଡ଼ିକ ଚାଷବାସ କାର୍ଯ୍ୟ ପ୍ରତି ବିମୁଖ ହେବାରେ ଏହା ଏକ ପ୍ରମୁଖ କାରଣ ବୋଲି ଜଣାପଡିଛି। ଏହିପରି ବିଭିନ୍ନ ପ୍ରସଙ୍ଗକୁ ନେଇ ଅଞ୍ଚଳବାସୀଙ୍କ ଜୀବନ ଜୀବିକା ପ୍ରତି ବେଳକୁ ବେଳ ବିପଦ ଘନେଇବାରେ ଲାଗିଛି।ସର୍ବସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ଅବସ୍ଥିତ କୁଟୀରଶିଳ୍ପ ଗୁଡିକର ପୁନରୁଦ୍ଧାର ଦିଗରେ ପ୍ରଶାସନ ଦୃଷ୍ଟି ଦେବା ସହ ଶ୍ରମିକମାନଙ୍କୁ ଆନୁସଙ୍ଗିକ କାମଧନ୍ଦା ଯୋଗାଇ ଦେବା, ଯୁବପିଢ଼ିଙ୍କ ନିମନ୍ତେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ନିମନ୍ତେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

## ରାୟଗଡ଼ ବସ୍‌ଷ୍ଟାଣ୍ଡର ଦୁଃଖ, ନାହିଁ ନଥିବା ଅସୁବିଧା, ଯାତ୍ରୀ ହନ୍ତସନ୍ତ

ରାୟଗଡ, ୧୭।୯ (ନିପ୍ର); ଦୂରଦୂରାନ୍ତ ଯାତ୍ରା କରିବା ନିମନ୍ତେ ରାୟଗଡ଼ ବସ୍ ଷ୍ଟାଣ୍ଡ ଉପରେ ନିର୍ଭର କରନ୍ତି ୧୧ଗୋଟି ବ୍ଲକ୍‌ର ହଜାର ହଜାର ଲୋକ। ରାୟଗଡ଼ ସହରରେ ଥିବା ବସଷ୍ଟାଣ୍ଡରେ ନାନା ପ୍ରକାର ସମସ୍ୟା ଦେଖିବାକୁ ମିଳିଛି। ଦୀର୍ଘ ଦିନ ଧରି ଚାଲୁଥିବା ପ୍ରବେଶ ଓ ପ୍ରସ୍ଥାନ ଦୁଇଟି ଗେଟ୍ କାମ ଆଜକୁ ୧ ବର୍ଷ ଧରି ଚାଲୁଛି ସମ୍ପୂର୍ଣ୍ଣ ହେଉନି। ମନ୍ଥର ଗତିରେ ଚାଲିଛି ଏହି ପ୍ରବେଶ ପ୍ରସ୍ଥାନ ଦ୍ୱାର କାର୍ଯ୍ୟ। ଅନ୍ୟପଟେ ବସ୍ ଷ୍ଟାଣ୍ଡ ଆବର୍ଜନା ଭରା ପରିବେଶ ଯାତ୍ରୀମାନେ ଘଡ଼ିଏ ଠିଆ ହୋଇ ରହିବା ମଧ୍ୟ ଅନୁକୂଳ ନୁହେଁ। ଯାତ୍ରୀମାନେ ବସିବା ଜାଗାରେ ଫ୍ୟାନ୍ ମଧ୍ୟ ଚାଲୁନି, କିଛି ଜାଗାରେ ଲାଇଟ ମଧ୍ୟ ବନ୍ଦ ରହିଛି। ଲୋକଙ୍କ ସୁବିଧା ପାଇଁ ଥିବା ଷ୍ଟେଟ ବ୍ୟାଙ୍କ ଏଟିଏମ୍ ଅଚଳ ହୋଇପଡିଛି। ପାନୀୟ ଜଳର ବ୍ୟବସ୍ଥା ନାହିଁ। ସବୁଠାରୁ ବଡ଼ ସମସ୍ୟା ହେଉଛି ବସ୍ ରହଣି। ଏହା ଘରୋଇ ବସ୍ ମାଲିକ ମାନଙ୍କର ପାର୍କିଂ ସ୍ଥଳ ପାଲଟି ଯାଇଛି, କାରଣ ଭୋର୍ ସକାଳୁ ଯିବା ବସ୍ ସଂଧ୍ୟା ୫ଟାରୁ ଆଣି ବସ୍ ଷ୍ଟାଣ୍ଡ ରେ ରଖି ଦେଉଛନ୍ତି। ସେହିଭଳି ରାତିରେ ଯିବା ନାଇଟ କୋଚ୍ ଗୁଡ଼ିକ ସକାଳୁ ଆସି ଦିନସାରା ବସ୍ ଷ୍ଟାଣ୍ଡରେ ରଖି ବିଶ୍ରାମ ନିଅନ୍ତି। ଅନ୍ୟପଟରେ କିଛି ଅଚଳ ବସ୍ ଆଜକୁ ଏକ ବର୍ଷ ହେଲାଣି ଅଚଳ ହୋଇ ପଡ଼ି ରହିଛି ଏବଂ ଜାଗା ମାଡ଼ି ବସିଛି। ସରକାରି ବସ୍ ଷ୍ଟାଣ୍ଡ ଭିତରକୁ କମ୍ ଆସୁଛି ଆସିଲେ ମଧ୍ୟ ବାଇପାସ୍ ରାସ୍ତା ଉପରେ ରଖି କିଛି ସମୟ ରହି



ଚାଲିଯାଉଛି। ସମ୍ପୂର୍ଣ୍ଣ ଭାବେ କହିବାକୁ ରାୟଗଡ଼ ବସଷ୍ଟାଣ୍ଡ ଘରୋଇ ବସ୍ ମାଲିକଙ୍କ କବଜାରେ। ପ୍ରାୟ ୨୫/ ୩୦ ବସ୍ ସକାଳୁ ଯାତ୍ରା ଆରମ୍ଭ କରିବ। କିନ୍ତୁ, ସଂଧ୍ୟା ଠାରୁ ବସ୍‌ଷ୍ଟାଣ୍ଡରେ ରହି ଅନ୍ୟ ଯାତାୟାତ ବସ୍ ପାଇଁ ଅସୁବିଧା ସୃଷ୍ଟି କରୁଛନ୍ତି ବୋଲି ଅଧିକାଂଶ ଯାତ୍ରୀ ଅଭିଯୋଗ କରିଛନ୍ତି। ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବସ୍ ଷ୍ଟାଣ୍ଡରେ ଥିଲା ପୁଲିସ୍ ଫାଣ୍ଡି। କିନ୍ତୁ, ତାହା ମଧ୍ୟ ଆଜକୁ ମାସେ ହେଲା ତାଲା ଝୁଲି ରହିଛି ଫାଣ୍ଡିରେ। ଯାହାଦ୍ୱାରା ବସ୍‌ଷ୍ଟାଣ୍ଡରେ ହେଉଥିବା ଗଣ୍ଡଗୋଳ, ପ୍ୟାକେଟ ମାର, ଯାହା ଭି କିଛି ଅସାମାଜିକ ବ୍ୟକ୍ତିଙ୍କ ଉପଦ୍ରବ ଚୁପ୍ ହୋଇ ଦେଖିବାକୁ ପଡୁଛି ବୋଲି କହିଛନ୍ତି ବସ୍ ଯାତ୍ରୀ। ସରକାରୀ ବସ୍ ରହଣି, ଏଟିଏମ୍ କାର୍ଯ୍ୟକାରୀ, ପାନୀୟ ଜଳର ବ୍ୟବସ୍ଥା, ସ୍ୱଚ୍ଛତା ପ୍ରତି ଧ୍ୟାନ ଦେବା ଏବଂ ପୁଲିସ ଫାଣ୍ଡି ଖୋଲିବା ଓ ଚାଲିଥିବା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲା ପ୍ରଶାସନ ତତ୍ପରତା ଦେଖାଇବା ନିହାତି ଜରୁରୀ ବୋଲି ଦାବି ହୋଇଛି।

## ୨୭ତମ ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା

ରାଉରକେଲା, ୧୭।୯ (ନିପ୍ର): ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିଅମ୍ ଠାରେ ଚାଲିଥିବା ୨୭ତମ ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତାର (ଜୁନିୟର ଓ ସିନିୟର) ଉଦ୍‌ଯାପନୀ ସମାରୋହ ତଥା ପୁରସ୍କାର ବିତରଣ ଉତ୍ସବ ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ଏହି ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ପଶ୍ଚିମାଞ୍ଚଳ ଆରକ୍ଷୀ ଉପ-ମହାନିରୀକ୍ଷକ ବ୍ରିଜେଶ ବ୍ରଜେଶ କୁମାର ରାୟ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଉତ୍ସବରେ ସ୍ପୋର୍ଟସ୍ ଡେପୁଟି ଡାଇରେକ୍ଟର ସୁଦୀପ୍ତ କୁମାର ନାୟକ ଅଧକ୍ଷତା କରିଥିବା ବେଳେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ସିଜିଏମ୍ ସି. ଏମ୍ ଛୁଗ୍ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।




ସିନିୟର ପୁରୁଷ ବର୍ଗର ବିଜେତାମାନଙ୍କ ମଧ୍ୟରେ କମ୍ପାଉଣ୍ଡ ରାଉଣ୍ଡରେ ସ୍ୱର୍ଣ୍ଣ ପଦକ ବିଜେତା ହେଲେ କିସ୍ ଖୋର୍ଦ୍ଧାର ସାଗର ରାଇତା, ରୌପ୍ୟ ପଦକ ବିଜେତା ହେଲେ କେଉଁଝରର ଡିଏଏର କେଶବା ବାନାରା ଏବଂ ବ୍ରୋଞ୍ଜ ପଦକ ବିଜେତା ହେଲେ କେନ୍ଦୁଝରର ଡିଏଏର ଧନେଶ୍ୱର ବେହେରା। ମହିଳା ବର୍ଗରେ ସ୍ୱର୍ଣ୍ଣ ପଦକ ବିଜେତା ହୋଇଛନ୍ତି କେନ୍ଦୁଝରର ଡିଏଏର ସ୍ୱପ୍ନାରାଣୀ ବେହେରା, ସେହିପରି ରୌପ୍ୟ ପଦକ ବିଜେତା ହେଲେ କେଉଁଝରର ଡିଏଏର ମୋନାଲିସା ନାୟକ ଏବଂ ବ୍ରୋଞ୍ଜ ପଦକ ବିଜେତା ହୋଇଛନ୍ତି କଟକ ଡିଏଏର ମିସ୍ ନାମସି ମୁଣ୍ଡା। ଇଣ୍ଡିଆନ୍ ରାଉଣ୍ଡ ପୁରୁଷରେ ସ୍ୱର୍ଣ୍ଣ ପଦକ ବିଜେତା ହୋଇଛନ୍ତି କେଉଁଝରର ଡିଏଏର ସନ୍ତୋଷ ସିସା, ସେହିପରି ରୌପ୍ୟ ପଦକ ବିଜେତା ହୋଇଛନ୍ତି ମୟୂରଭଞ୍ଜ ଡିଏଏର ଗୋବିନ୍ଦ ମାଝୀ ଏବଂ ବ୍ରୋଞ୍ଜ ପଦକ ବିଜେତା ହୋଇଛନ୍ତି କେନ୍ଦୁଝରର ଡିଏଏର ତ୍ରିନାଥ ମୁଣ୍ଡା। ମହିଳା ବର୍ଗରେ ସ୍ୱର୍ଣ୍ଣ ପଦକ ବିଜେତା ହୋଇଛନ୍ତି ଖୋର୍ଦ୍ଧା କୌଶଲ୍ୟା ସିଂ, ରୌପ୍ୟ ପଦକ ବିଜେତା ହୋଇଛନ୍ତି ଖୋର୍ଦ୍ଧା ଅଞ୍ଜଳୀ ସୁସ୍ମିତା ମାର୍କେ ଏବଂ ବ୍ରୋଞ୍ଜ ପଦକ ବିଜେତା ହୋଇଛନ୍ତି ଖୋର୍ଦ୍ଧା ପୂର୍ଣ୍ଣିମା ପୂର୍ତ୍ତି। ରିକର୍ଭ ରାଉଣ୍ଡର ପୁରୁଷ ବିଭାଗରେ ସ୍ୱର୍ଣ୍ଣ ପଦକ ବିଜେତା ହୋଇଛନ୍ତି କେଉଁଝରର ଡିଏଏର ଅର୍ଜୁନ ଖରା, ରୌପ୍ୟ ପଦକ ବିଜେତା ହୋଇଛନ୍ତି କେଉଁଝରର ଡିଏଏର ରସାନନ୍ଦ ବିରୁଆ ଏବଂ ବ୍ରୋଞ୍ଜ ପଦକ ବିଜେତା ହୋଇଛନ୍ତି କେଉଁଝରର ଡିଏଏର କୃଷ୍ଣ ମୁଣ୍ଡା। ମହିଳା ବିଭାଗରେ ସ୍ୱର୍ଣ୍ଣ ପଦକ ବିଜେତା ହୋଇଛନ୍ତି ସୈନିକ ସ୍କୁଲ ଭୁବନେଶ୍ୱରର ନୋମୁଲା ଲାବଣ୍ୟା ଏବଂ ରୌପ୍ୟ ପଦକ ହାସଲ କରିଛନ୍ତି ସୁନ୍ଦରଗଡ଼ ସାଇର ମମିତା ଓରାମ ଏବଂ ବ୍ରୋଞ୍ଜ ପଦକ ବିଜେତା ହୋଇଛନ୍ତି ମାନସ୍ୱରୀ ହାଁସଦାକ ।

## ମଲିକାର୍ଜୁନ ପ୍ରତିକୃତି ମନ୍ଦିରରେ ରାଜାବଜାର ଗଣେଶ

ଜଟଣୀ, ୧୭।୯ (ନିପ୍ର): ଜଟଣୀ ପ୍ରସିଦ୍ଧ ଗଣେଶ ପୂଜାର ତୃତୀୟ ଦିବସ। ସନ୍ଧ୍ୟା ହେବା ମାତ୍ରେ ରଙ୍ଗୀନ ଆଲୋକମାଳା ଏଲଇଡ଼ି ଲାଇଟ ତୋରଣରେ ଝଲସୁଛି ଜଟଣୀ ସହର । ପୂଜା ମଣ୍ଡପ ଏବଂ ମୀନାବଜାର ପଡ଼ିଆ ମୁହାଁ ହେଉଛନ୍ତି ଦର୍ଶକ, ଶ୍ରଦ୍ଧାଳୁ ଓ ଭକ୍ତ। ସହରରେ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଖୋଲିଥିବା ଖେଳନା ଦୋକାନ,ଚଟପଟି ଖାଦ୍ୟ, ବୈଦ୍ୟୁତିକ ଖେଳନା ଓ ସରାମ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ମହିଳା ଓ ବୟସ୍କଙ୍କୁ ଆକର୍ଷଣ କରୁଥିବା ଜଣାପଡ଼ିଛି।ଜଟଣୀ ଗଣେଶ ପୂଜାରେ ପୁରାତନ ମେଢ଼ ମଧ୍ୟରେ ରାଜାବଜାର ମେଢ଼ ଅନ୍ୟତମ। ଚଳିତ ବର୍ଷ ପୂଜା ମଣ୍ଡପକୁ ଦକ୍ଷିଣ ଭାରତର ପ୍ରସିଦ୍ଧ ମଲିକାର୍ଜୁନ ମନ୍ଦିର ଗର୍ଭ ଗୃହ ସଦୃଶ୍ୟ କରାଯାଇଛି। ଗଣେଶ, ଲକ୍ଷ୍ମୀ ଓ ସରସ୍ୱତୀ ଏବଂ ପାର୍ଶ୍ୱ ଦେବାଦେବୀ ମନ୍ଦିର ସଦୃଶ୍ୟ ପୂଜା ମଣ୍ଡପରେ ପୂଜା ପାଉଛନ୍ତି। ପୂଜା ମଣ୍ଡପର ତୋରଣ ମଲିକାର୍ଜୁନ ମନ୍ଦିର ସଦୃଶ୍ୟ କରା ଯାଇଥିବା ପୂଜା କମିଟି ସୂଚନା ଦେଇଛି । କୋଲକାତାସ୍ଥିତ ଚନ୍ଦନ ନଗରର ଲାଇଟ ଆକର୍ଷଣୀୟ ହୋଇଛି। ରାଜାବଜାର ବ୍ୟବସାୟୀ ସଂଘ ଓ ପୂଜା କମିଟିର ସଭାପତି ତଥା ପ୍ରାକ୍ତନ କାଉନସିଲର ଶରତ କୁମାର



ସାହୁଙ୍କ କହିବାନୁସାରେ ୧୯୩୭ରେ ରାଜାବଜାରରେ ପ୍ରଥମେ ଗଣେଶ ପୂଜା ଆରମ୍ଭ ହୋଇଥିଲା। ପୂଜା ମଣ୍ଡପରେ ଗଣେଶ ପୂଜା ଆରମ୍ଭ ହେଲେ ବର୍ଷା ହୁଏ ବୋଲି ଜନଶୃତି ରହିଛି। ଫଳରେ ସ୍ଥାନୀୟ ଲୋକ ରାଜାବଜାରକୁ କାଦୁଆ ଗଣେଶ ବୋଲି କହିଥାନ୍ତି। ଗଣେଶ ଚତୁର୍ଥୀ ଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ପୂଜା ମଣ୍ଡପରେ ବିଧି ଓ ପରମ୍ପରା ଅନୁସାରେ ଗଣେଶ,ଲକ୍ଷ୍ମୀ ଓ ସରସ୍ୱତୀଙ୍କୁ ପୂଜାର୍ଚ୍ଚନା କରାଯାଉଛି। ପ୍ରତି ଦିନ ଠାକୁରଙ୍କୁ ବିଭିନ୍ନ ପ୍ରକାରର ମିଷ୍ଟାନ୍ନ ଭୋଗ କରାଯିବା ପରେ ବଜାର କମିଟିର ସଦସ୍ୟ ଏବଂ ଉପସ୍ଥିତ ଭକ୍ତଙ୍କୁ ବିତରଣ କରା ଯିବା ବ୍ୟବସ୍ଥା ରହିଛି। ପୂଜା ମଣ୍ଡପରେ ବିଭିନ୍ନ ସାଂସ୍କୃତିକ,ଆଧ୍ୟାତ୍ମିକ ଓ ଭଜନ,ଓଡ଼ିଶୀ,ଚମ୍ପୂ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ପ୍ରତି ବର୍ଷ ଭଳି ଚଳିତ ବର୍ଷ ୪ ଦିନ ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ଓ ଭକ୍ତଙ୍କୁ ଅନ୍ନ ପ୍ରସାଦ ବିତରଣ କରାଯିବ ବୋଲି ନିଷ୍ପତି ନିଆଯାଇଛି। ରାଜାବଜାର ବ୍ୟବସାୟୀ ସଂଘ ଏବଂ ପୂଜା କମିଟିର ସମ୍ପାଦକ ଶ୍ରୀକାନ୍ତ ପ୍ରଧାନ ଏବଂ ୨୨୦ରୁ ଅଧିକ ସଦସ୍ୟ ପୂଜା ପରିଚାଳନା କରୁଛନ୍ତି। ପ୍ରତିଶ୍ରୁତି ମୁତାବକ ଜଟଣୀ ପୌର ପାଳିକା ପକ୍ଷରୁ ପୂଜା ମଣ୍ଡପକୁ ସମସ୍ତ ସହାୟତା ଯୋଗାଇ ଦିଆଯାଇଛି । କେବଳ ହାଇମ୍ୟାକ୍ସ ଲାଇଟ ଲାଗି ନଥିବା ସଭାପତି ସୂଚନା ଦେଇଛନ୍ତି।

## ଦୁଇଗାଡି ମଧ୍ୟରେ ମୁହାଁ ମୁହିଁ ଧକ୍କା, ଦୁଇ ବାଇକ ଆରୋହୀ ଗୁରୁତର

ଚମ୍ପୁଆ, ୧୭।୯(ନିପ୍ର); ଚମ୍ପୁଆ ଉପଖଣ୍ଡ ଅନ୍ତର୍ଗତ ବାରିଆ ଥାନା ଅଧିନସ୍ଥ କାଶିପାଳ ଗ୍ରାମ ନିକଟରେ ମେଲେରିଆ ସଚେତନତା ପ୍ରଚାର ଗାଡ଼ି ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଦୁଇ ବାଇକ୍ ଚାଳକ ଗୁରୁତର ଆହତ। ଭଣ୍ଡା ପଟୁ ଆସୁଥିବା ଏକ ବାଇକ୍ କାଶିପାଳ ନିକଟରେ ଭଣ୍ଡାକୁ ଯାଉଥିବା ଭଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ର ର ଏକ ମେଲେରିଆ ସଚେତନତା ପ୍ରଚାର ଗାଡ଼ି ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଦୁଇ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଭଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚିକିତ୍ସା ପାଇଁ ଭର୍ତ୍ତି କରିଛନ୍ତି। ଖବର ପାଇ ବାରିଆ ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରଂଭ କରିଛି। ତେବେ ଆହତଙ୍କ ପରିଚୟ ଜଣାପଡିନାହିଁ।

# ସ୍ୱାସ୍ଥ୍ୟ ସେବା ଅପେକ୍ଷାରେ କୁହି ଗ୍ରାମବାସୀ, ଦୈବୀ ଶକ୍ତି ଉପରେ ବଢୁଛି ଆସ୍ଥା

ରେଢାଖୋଲ, ୧୭।୯,(ନିପ୍ର):ବିଜ୍ଞାନର ଅଗ୍ରଗତି ସତ୍ତ୍ୱେ ଆଜି ବି ଆମ ସମାଜରେ ଅନ୍ଧବିଶ୍ୱାସ ଏବଂ ମୌଳିକ ସୁବିଧାର ଅଭାବ କିପରି ଲୋକଙ୍କ ଜୀବନକୁ ପ୍ରଭାବିତ କରୁଛି, ତାହାର ଏକ ହୃଦୟବିଦାରକ ଚିତ୍ର ସାମ୍ନାକୁ ଆସିଛି। ରେଢ଼ାଖୋଲ ଏନ୍‌ଏସି ଅନ୍ତର୍ଗତ ୫ ନଂ ୱାର୍ଡ ପୋଡାବଲଣ୍ଡା ଗ୍ରାମ ଏବଂ ଏହାର ପାଖାପାଖି ଲାଗିରହିଥିବା କୁହି ଗ୍ରାମରେ ଏଭଳି ଏକ ବାସ୍ତବତା ଦେଖିବାକୁ ମିଳିଛି, ଯାହା ସ୍ୱାସ୍ଥ୍ୟସେବା ଏବଂ ପ୍ରଶାସନିକ ବ୍ୟବସ୍ଥା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। କୁହି ଏକ ପୁରାତନ ଗ୍ରାମ ହୋଇଥିଲେ ମଧ୍ୟ ଆଜି ବି ବିକାଶର ସ୍ପର୍ଶ ପାଇପାରି ନାହିଁ। ଏଠାକାର ଅଧିକାଂଶ ଲୋକ ବିଭିନ୍ନ ରୋଗବ୍ୟାଧିରେ ଆକ୍ରାନ୍ତ। ସ୍ଥିତି ଏପରି ହୋଇଛି ଯେ, ମହାନଦୀର ପିଇବା ପାଣି ଏଠାକାର ଲୋକଙ୍କ ପାଇଁ 'ସାତସପନ' ପାଲଟିଛି। ଗ୍ରାମବାସୀ ବାଧ ହୋଇ ପାଣି ଡ୍ରମ୍ କିଣି ନିଜର ଦିନ କାଟୁଛନ୍ତି। ଗ୍ରାମରେ ବୋରୱେଲ୍ ପାଣି ଆସୁଥିଲେ ମଧ୍ୟ ତାହା ଜୀବନ ପ୍ରତି ବିପଦ ସାଜିଛି। ଫଳସ୍ୱରୂପ, ଦିନକୁ ଦିନ ଲୋକଙ୍କ ଶରୀରରେ ରୋଗ ବ୍ୟାପୀବାରେ ଲାଗିଛି। ରୋଗଗ୍ରସ୍ତ ଲୋକଙ୍କ ପାଇଁ ଗରିବୀ ସମସ୍ୟା ଆହୁରି ବଡ଼ ବାଧା ସୃଷ୍ଟି କରୁଛି। ଔଷଧ କିମ୍ବା ରୋଗ ନିରାକରଣ ପାଇଁ ଲୋକଙ୍କ ହାତରେ ପର୍ଯ୍ୟାପ୍ତ ଅର୍ଥ ନାହିଁ। ଅନ୍ୟପଟେ, ରୋଗ ଚିହ୍ନଟ କରି ଡାକ୍ତରଖାନାକୁ ଗଲେ ମଧ୍ୟ ସଠିକ୍ ଚିକିତ୍ସା ଅଭାବରୁ ରୋଗ ଭଲ ହେଉନାହିଁ। ଏହି କାରଣରୁ ଆଧୁନିକ ଚିକିତ୍ସା ବିଜ୍ଞାନ ଉପରୁ ଏଠାକାର ଲୋକଙ୍କ ଭରସା କ୍ରମଶଃ ତୁଟିଯାଇଛି। ଡାକ୍ତରଖାନାର ମହଙ୍ଗା ଖର୍ଚ୍ଚ, ଔଷଧର ପ୍ରତିକ୍ରିୟାହୀନତା ଏବଂ ରୋଗ ନିମନ୍ତେ ସଠିକ୍ ପରାମର୍ଶର ଅଭାବ ଯୋଗୁଁ ଯେତେବେଳେ ମଣିଷ ଚିକିତ୍ସା ବିଜ୍ଞାନ ଉପରୁ ଆଶା ଛାଡ଼ିଦିଏ, ସେତେବେଳେ ତା' ପାଇଁ ଭଗବାନ ଓ ଧର୍ମ ହିଁ ଏକମାତ୍ର ସାନ୍ତ୍ୱନାର ବାଟ ପାଲଟିଛି କୁହି ଗ୍ରାମବାସୀଙ୍କ ପାଇଁ । ଆଉ ଏହି ସାନ୍ତନା ଏବଂ ବିଶ୍ୱସ୍ ମାଁ ନାରାୟଣୀ । କେବଳ ଜଣେ ପୂଜ୍ୟା ଦେବୀ ନୁହଁନ୍ତି, ବରଂ ସେମାନଙ୍କ ଉଗ୍ନ ପ୍ରାଣରେ ଆଶାର ଜ୍ୟୋତି ସଞ୍ଚାର କରୁଥିବା ଏକମାତ୍ର ଦୈବୀ ଶକ୍ତି । ଲୋକଙ୍କ ଅଗାଧ ବିଶ୍ୱାସ ରହିଛି ଯେ ମାଁଙ୍କ ନିକଟରେ କରାଯାଇଥିବା ମାନସିକ କେବେହେଲେ ଖାଲି ଯାଏ ନାହିଁ। କ୍ରମାଗତ ଭାବେ



୨୭ଟି ମଙ୍ଗଳବାର ଉପାସ ରହିବା ଏବଂ ୨୮ତମ ମଙ୍ଗଳବାର ଦିନ ସଂପୂର୍ଣ୍ଣ ନିଷ୍ଠାର ସହ ହୋମଯଜ୍ଞ ସମ୍ପନ୍ନ କରିବା—ଏହା ସୂଚାଏ ଯେ ଲୋକେ ନିଜର ଦୁଃଖ-ଦୂର୍ଦ୍ଦଶା ମୋଚନ ପାଇଁ କିପରି ଚରମ ଆଧ୍ୟାତ୍ମିକ ମାର୍ଗକୁ ଆପଣାଇ ନେଇଛନ୍ତି। ଏହି ପୂଜାବିଧି କେବଳ ଏକ ରୀତିନୀତି ନୁହେଁ, ବରଂ ଏହା ସେମାନଙ୍କ ମନର ଭୟ ଓ ଅସହାୟତାର ଏକ ଅଭିବ୍ୟକ୍ତି । ଏଭଳି ସ୍ଥିତି କେବଳ ଏଠାକାର ଲୋକଙ୍କ ଅନ୍ଧବିଶ୍ୱାସକୁ ଦର୍ଶାଏ ନାହିଁ, ବରଂ ସରକାରୀ ସ୍ୱାସ୍ଥ୍ୟ ସେବାର ଦୁର୍ବଳତାକୁ ମଧ୍ୟ ପଦାରେ ପକାଇ ଦେଇଛି। ଏଭଳି କେତେ ବେଳେ ଦେଖାଯାଏ ଯେତେବେଳେ ଗ୍ରାମାଞ୍ଚଳରେ ଲୋକେ ମୌଳିକ ସ୍ୱାସ୍ଥ୍ୟସେବା ଏବଂ ପାନୀୟ ଜଳ ପାଇବାରୁ ବଞ୍ଚିତ ହୁଅନ୍ତି, ସେତେବେଳେ ସେମାନେ ରୋଗର ପ୍ରତିକାର ପାଇଁ ଅଲୌକିକ ଶକ୍ତି ଉପରେ ନିର୍ଭର କରିବାକୁ ବାଧ ହୋଇଥାନ୍ତି । ଏବଂ ତାହାର ଏକ ନଗ୍ନ ଚିତ୍ର ହେଉଛି କୁହି ଗ୍ରାମବାସୀ । ଲୋକଙ୍କ ଏହି ଭାବନାକୁ କେବଳ 'ଅନ୍ଧବିଶ୍ୱାସ' କହି ଏଡ଼ାଇ ଦିଆଯାଇପାରିବ ନାହିଁ। ଏହାର ପ୍ରକୃତ ସମାଧାନ ପାଇଁ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିବା, ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ଏବଂ ଲୋକଙ୍କୁ ଚିକିତ୍ସା ବିଜ୍ଞାନ ପ୍ରତି ଆସ୍ଥାବାନ୍ କରିବା ପାଇଁ ବ୍ୟାପକ ସଚେତନତା ଅଭିଯାନ ଚଳାଇବା ନିହାତି ଜରୁରୀ । ଏଠାରୁ ସ୍ପଷ୍ଟ ଜଣାପଡୁଛି ଯେ, ଚିକିତ୍ସା ବିଜ୍ଞାନ ଉପରୁ ଭରସା ତୁଟାଇ ଲୋକେ ଅନ୍ଧବିଶ୍ୱାସ ଆଡ଼କୁ ଢଳିବା କେତେଦୂର ଠିକ୍, ତାହା ଚିନ୍ତାଜନକ। ଏହାସହ ସରକାରଙ୍କ ସ୍ୱାସ୍ଥ୍ୟ ସେବା ଏବଂ ଜଳ ଯୋଗାଣ ଯୋଜନାଗୁଡ଼ିକ ତୃଣମୂଳ ସ୍ତରରେ ପହଞ୍ଚିବାରେ ବିଫଳ ହେଉଛି କିମ୍ବା ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ରହିଛି, ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଗ୍ରାମର ଲୋକଙ୍କ ସମସ୍ୟା ପ୍ରତି ସରକାର ଏବଂ ପ୍ରଶାସନ ଧ୍ୟାନ ଦେବା ସହ ଲୋକଙ୍କୁ ସଚେତନ କରାଯିବା ସହ ଏହାର ପୂର୍ଣ୍ଣ ସମସ୍ୟା ଖୋଜି ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

## ମୋଦିଙ୍କୁ ପୁଟିନ୍, ମେଲୋନୀଙ୍କ ସମେତ ବିଶ୍ୱ ନେତାଙ୍କ ଶୁଭେଚ୍ଛା

ନୂଆଦିଲ୍ଲୀ,୧୭।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୬ତମ ଜନ୍ମଦିନ ଅବସରରେ ବିଶ୍ୱର ବହୁ ପ୍ରମୁଖ ନେତା ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହ ଭାରତ ସହ ନିଜ ନିଜ ଦେଶର ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ମୋଦିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି ମୋଦି ଦେଶ ଓ ବିଶ୍ୱସ୍ତରରେ ଗଭୀର ସମ୍ମାନ ଏବଂ ସୁଖ୍ୟାତି ଅର୍ଜନ କରିଛନ୍ତି। ଭାରତ-ରୁଷିଆ ବିଶେଷ ରଣନୈତିକ ଭାଗିଦାରୀକୁ ସୁଦୃଢ଼ କରିବାରେ ତାଙ୍କର ଯୋଗଦାନ ଅତୁଳନୀୟ। ସେହିପରି ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ, ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହ ମୋଦିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆମେରିକୀୟ ଦୂତାବାସ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପକ୍ଷରୁ ମୋଦିଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇଛି।

## ଚିତାବାଘ ପରିଯୋଜନାକୁ ୪ ବର୍ଷ
## ଦେଶରେ ସଂଖ୍ୟା ବଢି ହୋଇଛି ୫୨

ନୂଆଦିଲ୍ଲୀ,୧୭।୯: ମଧ୍ୟପ୍ରଦେଶର କୁନୋ ରାଷ୍ଟ୍ରୀୟ ଉଦ୍ୟାନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଚିତାବାଘ ପରିଯୋଜନାକୁ ଚାରି ବର୍ଷ ହୋଇଛି । ଯୋଜନାର ସଫଳତାର ଚାରି ବର୍ଷରେ ଚିତାଙ୍କ ସଂଖ୍ୟା ଏଠାରେ ଏବେ ୫୨ ହୋଇଛି, ଯେଉଁଥିରେ ଦେଶରେ ୩୨ ଚିତା ଜନ୍ମ ନେଇଛନ୍ତି । ଅଧିକାରୀମାନେ ଏହି ସୂଚନା ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୨ ସେପ୍ଟେମ୍ବର ୧୭ରେ ନାମିବିଆରୁ ଅଣାଯାଇଥିବା ଆଠ ଚିତାବାଘକୁ ମଧ୍ୟପ୍ରଦେଶର କୁନୋ ରାଷ୍ଟ୍ରୀୟ ଉଦ୍ୟାନରେ ଛାଡ଼ିଥିଲେ। ମଧ୍ୟପ୍ରଦେଶ ଏବଂ ରାଜସ୍ଥାନ ସୀମା ସ୍ଥିତ ଶ୍ୟୋପୁର ଜିଲ୍ଲାର ଏହି ଉଦ୍ୟାନକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜୁନ୍ ୨୧ରେ ଗସ୍ତ କରିଥିଲେ ।ମୁଖ୍ୟମନ୍ତ୍ରୀ ମୋହନ ଯାଦବ ମଧ୍ୟ ଚିତାଙ୍କ ସହ ଘଡ଼ିଆଳଙ୍କୁ ଛାଡ଼ିବା ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ବି ସାମିଲ ହୋଇଥିଲେ। ଏହା ଏଠାକାର ପର୍ଯ୍ୟଟନକୁ ଗତି ଦେଇଛି ବୋଲି ଅଧିକାରୀମାନେ କହିଛନ୍ତି। ଏହା ମଧ୍ୟ କହିଛନ୍ତି ଯେ ଜୈବ ବିବିଧତା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଏହି ଯୋଜନାକୁ ଆଜି ଚାରି ପୂରଣ ହୋଇଛି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱାରା ପ୍ରକଳ୍ପ କାର୍ଯ୍ୟକାରୀ ହେବା ପରେ ଆଜି ଦେଶରେ ଚିତା ସଂଖ୍ୟା ୫୨ ହୋଇଛି, ଏଥିରୁ ୪୯ ଚିତା ଶ୍ୟୋପୁର ଜିଲ୍ଲାର କୁନୋ ଜାତୀୟ ଉଦ୍ୟାନରେ ଏବଂ ତିନି ଚିତା ଗାନ୍ଧୀ ସାଗର ମନ୍ଦସୋରରେ ବିଚରଣ କରୁଛନ୍ତି ।

## ଟାଟାରେ ଚନ୍ଦ୍ରଶେଖରନଙ୍କୁ ଆଉ ୫ ବର୍ଷ ନିଯୁକ୍ତି

ମୁମ୍ବାଇ,୧୭।୯: ଏନ ଚନ୍ଦ୍ରଶେଖରନଙ୍କୁ ଟାଟା ସନ୍ସ ପକ୍ଷରୁ ଅଧ୍ୟକ୍ଷ ଭାବେ ପୁନଃନିଯୁକ୍ତି ଦିଆଯାଇଛି। ଷ୍ଟକ୍ ବଜାରରେ ପ୍ରବେଶ କରିବାକୁ ଟାଟା ଉପରେ ଚାପ ପଡୁଥିବା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଏହି ନିଷ୍ପତ୍ତି ନିଆଯାଇଛି। ଗୁରୁବାର ଟାଟା ସନ୍ସର ବୋର୍ଡ ବୈଠକରେ ଚନ୍ଦ୍ରଶେଖରନଙ୍କ ନିଯୁକ୍ତି ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା। ୨୦୧୭ ପରଠାରୁ ଟାଟା ସନ୍ସର ଅଧ୍ୟକ୍ଷ ଭାବେ ସେ କାର୍ଯ୍ୟ କରୁଛନ୍ତି। ସାଇରସ ମିସ୍ତ୍ରୀଙ୍କୁ ଏକ ବିବାଦୀୟ ପରିସ୍ଥିତିରେ ପଦରୁ ହଟାଇବା ପରେ ଟାଟା ପରିବାର ବାହାରର ଜଣେ ବ୍ୟକ୍ତି ଭାବେ ଚନ୍ଦ୍ରଶେଖରନଙ୍କୁ ଅଧ୍ୟକ୍ଷ କରାଯାଇଥିଲା। ପ୍ରଥମ ପାଳିକୁ ସଫଳତାର ସହ ଶେଷ କରିବା ପରେ ତାଙ୍କୁ ଦ୍ୱିତୀୟ ପାଳି ସୁଯୋଗ ଦିଆଯାଇଥିଲା। ସେହି କାର୍ଯ୍ୟକାଳ ଆସନ୍ତା ବର୍ଷ ଫେବ୍ରୁଆରି ୨୦ରେ ଶେଷ ହେବାର ଥିଲା। ରତନ ଟାଟାଙ୍କ ଦେହାନ୍ତ ପରେ ଟାଟା ସନ୍ସ ଦାୟିତ୍ୱ ତାଙ୍କ ସାବତ ଭାଇ ନୋଏଲ ଟାଟା ନେଇଛନ୍ତି। ସେ ଚନ୍ଦ୍ରଶେଖରନଙ୍କ କାମ ଉପରେ ଏତେଟା ସନ୍ତୁଷ୍ଟ ନଥିଲେ। ବିଶେଷ କରି ଏୟାର ଇଣ୍ଡିଆ, ଜାଗୁଆର ଲ୍ୟାଣ୍ଡରୋଭର ଓ ଆଉ କିଛି ବ୍ୟବସାୟରେ ହେଉଥିବା କ୍ଷତିରେ ସେ ଜବାବ ଚାହୁଁଥିଲେ। ସେଥିପାଇଁ ଚନ୍ଦ୍ରଶେଖରନଙ୍କ ତୃତୀୟ ପାଳି ନିଯୁକ୍ତିକୁ ସେ ଅଟକାଇ ଦେଇଥିବା ଆଲୋଚନା ହେଉଥିଲା। ପରିବର୍ତ୍ତିତ ପରିସ୍ଥିତିରେ ତାଙ୍କୁ ପୁଣି ଏକ ସୁଯୋଗ ଦେବାକୁ ଟାଟା ସନ୍ସ ବୋର୍ଡ ନିଷ୍ପତ୍ତି ନେଇଛି। ତାମିଲନାଡୁରେ ଜନ୍ମିତ ଚନ୍ଦ୍ରଶେଖରନ ୧୯୮୭ରେ ଟାଟାର ସଫ୍ଟୱେର କମ୍ପାନି ଟିସିଏସରେ ଯୋଗଦେଇ ୨୦୦୯ ସୁଦ୍ଧା ସିଇଓ ହୋଇଥିଲେ। ବୃହତ ବ୍ୟବସାୟ ସାମ୍ରାଜ୍ୟ ପରିଚାଳନା କରିବାରେ ତାଙ୍କ ଦକ୍ଷତା ଓ ରତନ ଟାଟାଙ୍କ ଭରସା ପାଇଁ ସେ ସଫଳତାର ଗୋଟିଏ ପରେ ଗୋଟିଏ ପାହାଚ ଚଢ଼ିଥିଲେ। ତାଙ୍କ ଅମଳରେ ଏୟାର ଇଣ୍ଡିଆକୁ ଟାଟା ଗ୍ରୁପ୍ ଅଧିଗ୍ରହଣ କରିଥିଲା।

## ଭାରତରେ ଆଡିଡାସର ୨୦% ଛଟେଇ

ନୂଆଦିଲ୍ଲୀ,୧୭।୯: ଜର୍ମାନୀର କ୍ରୀଡ଼ା ସାମଗ୍ରୀ କମ୍ପାନି ଆଡିଡାସ୍ ଭାରତର ପ୍ରଯୁକ୍ତି ଟିମରେ କର୍ମଚାରୀ ହ୍ରାସ କରିଛି। ଗୁରୁଗ୍ରାମସ୍ଥିତ କମ୍ପାନିର ଟେକ୍ ହବରେ ୨୦ ପ୍ରତିଶତ କର୍ମଚାରୀ ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି। ଟେକ୍ ହବରେ ୬୫୦ରୁ ଅଧିକ କର୍ମଚାରୀ ଥିଲେ। ବ୍ୟବସାୟର ବଦଳୁଥିବା ଆବଶ୍ୟକତା ଅନୁସାରେ ପରିଚାଳନା ମଡେଲରେ ପରିବର୍ତ୍ତନ ଆଣିବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା ଆଡିଡାସ୍ କହିଛି। ଏହି ପରିବର୍ତ୍ତନରେ ସଫ୍ଟୱେର ଇଞ୍ଜିନିୟର, ଡାଟା ସାଇଣ୍ଟିଷ୍ଟ ଓ ଡାଟା ଇଞ୍ଜିନିୟର ଭଳି ପ୍ରଯୁକ୍ତି କ୍ଷେତ୍ରର କର୍ମଚାରୀମାନେ ପ୍ରଭାବିତ ହୋଇଛନ୍ତି। ଆଡିଡାସ୍ କହିଛି ଯେ ବ୍ୟବସାୟର କିଛି ଅଂଶକୁ ସରଳ କରିବା, ଗୁରୁତ୍ୱପୂର୍ଣ୍ଣ କ୍ଷମତାକୁ ଆହୁରି ମଜବୁତ କରିବା ଏଥାଇ ଦୀର୍ଘମିଆଦୀ ବ୍ୟବସାୟିକ ଲକ୍ଷ୍ୟ ପାଇଁ କମ୍ପାନିକୁ ପ୍ରସ୍ତୁତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି।

## ଦିଶା ସାଲିଆନ୍ ମୃତ୍ୟୁ ମାମଲା
## ଆଦିତ୍ୟ ଓ ଅନିଲଙ୍କୁ ୫୦୦ କୋଟିର ମାନହାନି ନୋଟିସ୍

ମୁମ୍ବାଇ ୧୭।୯: ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ପୂର୍ବତନ ମ୍ୟାନେଜର ଦିଶା ସାଲିଆନ୍‌ଙ୍କ ମୃତ୍ୟୁ ମାମଲାରେ ଶିବସେନା (ୟୁବିଟି) ନେତା ଆଦିତ୍ୟ ଠାକରେ ଓ ଏନସିପି (ଏସପି) ନେତା ତଥା ମହାରାଷ୍ଟ୍ରର ପୂର୍ବତନ ଗୃହମନ୍ତ୍ରୀ ଅନିଲ ଦେଶମୁଖଙ୍କୁ ୫୦୦ କୋଟି ଟଙ୍କାର ମାନହାନି ନୋଟିସ୍ ପଠାଇଛନ୍ତି। ଦିଶାଙ୍କ ବାପା ସତୀଶ ସାଲିଆନ୍। ତାଙ୍କ ଝିଅର ମୃତ୍ୟୁର ତଦନ୍ତ ଦାବିକୁ ଉଭୟ ନେତା ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ବୋଲି ଦର୍ଶାଇଥିବା ନୋଟିସରେ ଅଭିଯୋଗ କରାଯାଇଛି। ନୋଟିସରେ ୭ ଦିନ ମଧ୍ୟରେ ସର୍ବସାଧାରଣରେ କ୍ଷମା ମାଗିବା, ନିଜ ମନ୍ତବ୍ୟ ପ୍ରତ୍ୟାହାର କରିବା ଏବଂ ୫୦୦ କୋଟି ଟଙ୍କା କ୍ଷତିପୂରଣ ଦେବାକୁ ଦାବି ହୋଇଛି। ଦିଶା ସାଲିଆନ୍ ୨୦୨୦ ଜୁନ୍ ୮ ତାରିଖ ରାତିରେ ମୁମ୍ବାଇର ମାଲାଡ୍ ଅଞ୍ଚଳର ଏକ ଉଚ୍ଚ ଅଟ୍ଟାଳିକାରୁ ଖସି ପଡ଼ିଥିଲେ। ସେତେବେଳେ ପୁଲିସ ଏହାକୁ ଦୁର୍ଘଟଣାଜନିତ ମୃତ୍ୟୁଭାବେ ମାମଲା ରୁଜୁ କରିଥିଲା। ଏହାର ୬ ଦିନ ପରେ ଜୁନ୍ ୧୪ରେ ସୁଶାନ୍ତ ସିଂହ ରାଜପୁତଙ୍କ ମୃତ୍ୟୁ ଘଟିଥିଲା। ଦିଶାଙ୍କ ବାପା ପରେ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ତାଙ୍କ ଝିଅର ମୃତ୍ୟୁର ନୂଆକରି ତଦନ୍ତ ଓ ଏଫ୍‌ଆଇଆର୍ ରୁଜୁ ଦାବି କରିଥିଲେ। ବମ୍ବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ସେପଟେମ୍ବର ୧୪ରେ ସିବିଆଇ ଏହି ମାମଲାରେ ନୂଆ ଏଫ୍‌ଆଇଆର୍ ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ମଣିପୁର ହିଂସା ମାମଲା
# ୨୫ ସନ୍ଦେହଜନକ ମୃତ୍ୟୁକୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ



ନୂଆଦିଲ୍ଲୀ,୧୭।୯: ସୁପ୍ରିମକୋର୍ଟ ଗୁରୁବାର ମଣିପୁର ସରକାରଙ୍କୁ ୨୦୨୩ ଜାତିଆଣ ହିଂସା କାଳରେ ବିଭିନ୍ନ ସରକାରୀ ରିଲିଫ କ୍ୟାମ୍ପମାନଙ୍କରେ ଆଶ୍ରୟ ନେଇଥିବା ୨୫ ଜଣଙ୍କ ଅସ୍ୱାଭାବିକ ମୃତ୍ୟୁକୁ ନେଇ ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ କଥିତ ଯୌନ ଉତ୍ପୀଡ଼ନ ଅଭିଯୋଗ ମଧ୍ୟ ରହିଛି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ପୀଠ ମାମଲାରେ ହୋଇଥିବା ସୀମିତ ସଂଖ୍ୟକ ପୋଷ୍ଟମର୍ଟମ ପରୀକ୍ଷଣ ଓ ମୃତକଙ୍କ ପରିବାରକୁ ଦିଆଯାଇଥିବା କ୍ଷତିପୂରଣ ନେଇ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। କୋର୍ଟ ରାଜ୍ୟର ସମସ୍ତ ୨୫ ମାମଲାର ବିବରଣୀ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯେଉଁଥିରେ ପୋଷ୍ଟମର୍ଟମ ରିପୋର୍ଟ ଓ ମୃତ୍ୟୁର କାରଣ ଦର୍ଶାଉଥିବା ଅନ୍ୟ କାଗଜପତ୍ର ଉପସ୍ଥାପନ କରିବାକୁ ମଧ୍ୟ କହିଛନ୍ତି। ଏଥିରେ କୋର୍ଟ ରାଜ୍ୟ ସରକାରଙ୍କୁ ତାଙ୍କ ମୁଖ୍ୟ ସଚିବଙ୍କୁ ଆଦେଶ ଆମନ୍ତ୍ରିତ ନ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏ ବାବଦେ ରାଜ୍ୟ ସରକାର କଣ ଉପାୟ ଗ୍ରହଣ କରିଛନ୍ତି ଜଣାଇବାକୁ ମଣିପୁର ରାଜ୍ୟ ସରକାରଙ୍କ ପକ୍ଷରୁ ହାଜର ଆଡଭୋକେଟ ଜେନେରାଲଙ୍କୁ ସୁପ୍ରିମକୋର୍ଟ କହିଛନ୍ତି ।ଏହି କାର୍ଯ୍ୟାନୁଷ୍ଠାନ ସେହି ସମୟରେ ହୋଇଛି ଯେତେବେଳେ ୨୦୨୩ ମଣିପୁର ଜାତିଆଣ ହିଂସା ଯୋଗୁ ଉପୁଜିଥିବା ଯୌନ ହିଂସା ମାମଲାର ଯାଞ୍ଚ ଓ ମୋକଦ୍ଦମା ସମ୍ପର୍କିତ ଆବେଦନର ଶୁଣାଣି ସୁପ୍ରିମକୋର୍ଟେ ହେଉଛି। ପୀଠ ଜମ୍ମୁ ଓ କାଶ୍ମୀର ଉଚ୍ଚନ୍ୟାୟାଳୟଙ୍କ ପୂର୍ବତନ ମୁଖ୍ୟ ବିଚାରପତି ଗିତା ମିତ୍ତଲଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଦ୍ୱାରା ପ୍ରସ୍ତୁତ ରିପୋର୍ଟର ମଧ୍ୟ ସଂଜ୍ଞାନ ନେଇଛନ୍ତି। ଏହି ରିପୋର୍ଟରେ ରିଲିଫ କ୍ୟାମ୍ପମାନଙ୍କରେ ହୋଇଥିବା ମୃତ୍ୟୁର ଉଲ୍ଲେଖ ଥିବା ବେଳେ କ୍ଷତିପୂରଣ ପ୍ରଦାନ ନେଇ ଚିନ୍ତା ପ୍ରକଟ କରାଯାଇଛି। କୋର୍ଟ ମାମଲାରେ ରାଜ୍ୟ ସରକାରଙ୍କ ସ୍ପଷ୍ଟିକରଣ ତଲବ କରିଛନ୍ତି। ମୋଟ ୨୫ ମୃତ୍ୟୁରୁ ମାତ୍ର ୨୦ଟିରେ ପୋଷ୍ଟମର୍ଟମ ହୋଇଛି। ସେହିପରି ମୃତକଙ୍କ ପରିବାରଙ୍କୁ ୨୦ରୁ ୩୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଛି। ତେବେ ଏହି କ୍ଷତିପୂରଣ କାହିଁକି ଦିଆଯାଇଛି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି। ସୁପ୍ରିମକୋର୍ଟଙ୍କୁ ଦିଆଯାଇଥିବା ରିପୋର୍ଟରେ ୮ ଜିଲ୍ଲାର ରିଲିଫ କ୍ୟାମ୍ପମାନଙ୍କରେ ୬୪୦ ମୃତ୍ୟୁ ଉଲ୍ଲେଖ କରାଯାଇଛି। କୋର୍ଟ ମଣିପୁର ସରକାରଙ୍କୁ ରିଲିଫ କ୍ୟାମ୍ପମାନଙ୍କରେ ଅନ୍ତରୀଣ ଭାବେ ବିସ୍ଥାପିତ ଲୋକଙ୍କ ସୁରକ୍ଷା ଓ ସେମାନଙ୍କ ସମ୍ମାନ ରକ୍ଷା ଲାଗି ହାତକୁ ନିଆଯାଇଥିବା ଉପାୟ ସମ୍ପର୍କରେ ସ୍ପଷ୍ଟିକରଣ ଦେବାକୁ, ସେମାନଙ୍କୁ ପର୍ଯ୍ୟାପ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ଓ ଦୈନିନ୍ଦିନ ଅତ୍ୟାବଶକୀୟ ସାମଗ୍ରୀ ଉପଲବ୍ଧ କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ।ମଣିପୁର ବିଧିସେବା ପ୍ରାଧିକରଣଙ୍କୁ ଏହି ପ୍ରସଙ୍ଗ ତୁରନ୍ତ ନିଜ ହାତକୁ ନେବାକୁ ଓ ଅସ୍ୱାଭାବିକ ମୃତ୍ୟୁର ସବୁ ମାମଲାରେ ଏଫଆଇର ରୁଜୁ କରିବା, ମୃତ୍ୟୁର ସଠିକ କାରଣ ଜାଣିବା ଓ ତ୍ୱରିତ୍ ଯାଞ୍ଚ ସୁନିଶ୍ଚିତ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ବିସ୍ଥାପିତ ଲୋକେ ଏବଂ ପୀଡ଼ିତଙ୍କ ସୁରକ୍ଷା ଲାଗି ଉପାୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ମେ ୨୦୨୩ରେ ମଣିପୁରରେ ସୃଷ୍ଟି ହୋଇଥିବା ଜାତିଆଣ ହିଂସା ପୃଷ୍ଠଭୂମିରେ ଆସିଛି, ଯେଉଁଥି ପାଇଁ ମୃତ୍ୟୁ, ବିସ୍ଥାପନ ଓ ଯୌନ ହିଂସାର ଅଭିଯୋଗ ହୋଇଥିଲା।

## ତାମିଲନାଡୁ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ କଡ଼ା ଟିପ୍ପଣୀ
## ହିନ୍ଦୁକୁ ନେଇ ତୁମ ଚିନ୍ତାଧାରା ବଦଳାଅ


ନୂଆଦିଲ୍ଲୀ,୧୭।୯: ସୁପ୍ରିମକୋର୍ଟ ଗୁରୁବାର ସବୁ ଜିଲ୍ଲାରେ ନବୋଦୟ ବିଦ୍ୟାଳୟ ଖୋଲିବା ଲାଗି ଜମି ଚିହ୍ନଟ ନିମନ୍ତେ ତାମିଲନାଡୁ ସରକାର ୧୫ ଡିସେମ୍ବର ୨୦୨୫ର ଆଦେଶ ପାଳନ କରନ୍ତୁ ବୋଲି କହିଛନ୍ତି। ଏହା ଛଡା କୋର୍ଟ ଏହି ସ୍କୁଲ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ଥିବା ମତପାର୍ଥକ୍ୟକୁ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ପରାମର୍ଶ ଦେଇଛନ୍ତି। ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ବି.ଭି.ନାଗରତ୍ନାଓ ଜଷ୍ଟିସ୍ ଅଗଷ୍ଟିନ ଜର୍ଜ ମସିହଙ୍କ ପୀଠ ନବୋଦୟ ସ୍କୁଲରେ ପଢାଯାଉଥିବା 'ତ୍ରିଭାଷୀ ନୀତି'କୁ ତାମିଲନାଡୁର ବିରୋଧ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ବେଞ୍ଚ କହିଛନ୍ତି ଯେ ରାଜ୍ୟକୁ କେନ୍ଦ୍ରର ପାଣ୍ଠି ମିଳୁଥିବା ଏହି ଅନୁଷ୍ଠାନକୁ ରାଜ୍ୟର ଏବେକା ଶିକ୍ଷା ବ୍ୟବସ୍ଥା ଲାଗି ବିପଦ ମନେ କରିବା ଉଚିତ ନୁହେଁ। ଶୁଣାଣି କାଳରେ ଜଷ୍ଟିସ୍ ନାଗରତ୍ନା କହିଛନ୍ତି ଯେ 'ଆପଣଙ୍କୁ ଚିନ୍ତାଧାରା' ବଦଳାଇବାକୁ ପଡିବ। ତାମିଲନାଡୁ ମାଟିରେ ହିନ୍ଦୀ ପାଠ ପଢାଯିବନି ଏପରି ହୋଇ ପାରିବ ନାହିଁ ବୋଲି କୋର୍ଟ ସଫାସଫା କହିଛନ୍ତି। ବେଞ୍ଚ ସମବାୟ ସଂଘିୟତାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ କହିଛନ୍ତି ଯେ ଚେନ୍ନାଇର ଲୋକେ ଦିଲ୍ଲୀ ଲୋକଙ୍କଠାରୁ ଦୂରେଇ ରହିବା ଉଚିତ ନୁହେଁ। ଆପଣ ଆପଣଙ୍କ ରାଜ୍ୟରେ ଯେଉଁ ଭଲ କାମ କରୁଛନ୍ତି ସେଥିରେ ଆଉ କିଛି ଅଧିକ କଲେ ଆପଣଙ୍କ ଷ୍ଟାଣ୍ଡାର୍ଡ କମିଯିବନି ବୋଲି କୋର୍ଟ କହିଛନ୍ତି। କୌଣସି ଜିନିଷ ଦିଲ୍ଲୀରୁ ଚେନ୍ନାଇ ପହଞ୍ଚିଲେ ତାହାର ମାନ କମିଯିବନି। ଏଣୁ ଚେନ୍ନାଇ ଲୋକେ ଦିଲ୍ଲୀରୁ ଦୂରେଇବା ଉଚିତ ନୁହେଁ କି ଦିଲ୍ଲୀର ଲୋକେ ଚେନ୍ନାଇରୁ। ରାଜ୍ୟରେ ନବୋଦୟ ବିଦ୍ୟାଳୟ ସ୍ଥାପନା ନିମନ୍ତେ ତାମିଲନାଡୁର ସବୁ ଜିଲ୍ଲାରେ ଉପଯୁକ୍ତ ଜମି ଚିହ୍ନଟ ନିମନ୍ତେ କୋର୍ଟ ରାଜ୍ୟ ସରକାରଙ୍କୁ ଆଉ ୩ ମାସ ସମୟ ଦେଇଛନ୍ତି। ଏହା ଛଡା ସ୍କୁଲ ଖୋଲିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପ୍ରତିନିଧି କଥାବାର୍ତ୍ତା ଆରମ୍ଭ କରନ୍ତୁ ବୋଲି କୋର୍ଟ କହିଛନ୍ତି। ଏହି ମାମଲାର ପରବର୍ତ୍ତି ଶୁଣାଣି ଡିସେମ୍ବର ୧୪ ତାରିଖରେ ହେବ। ତାମିଲନାଡୁ ସରକାରଙ୍କ ପକ୍ଷରୁ କୋର୍ଟରେ ହାଜର ଓକିଲ ଜୟଦୀପ ଗୁପ୍ତା କହିଛନ୍ତି ଯେ ବିଦ୍ୟାଳୟରେ ହିନ୍ଦୀ ବିଷୟ ପଢାଗଲେ ରାଜ୍ୟକୁ କୌଣସି ଆପତ୍ତି ନାହିଁ, ହେଲେ ନବୋଦୟ ଯୋଜନା ସମ୍ପର୍କିତ ଭାଷା ନୀତିକୁ ନେଇ ଆପତ୍ତି ରହିଛି। ଏହା ରାଜ୍ୟ ନୀତିର ବିରୁଦ୍ଧାଚରଣ କରୁଛି। ଏହା ତାମିଲ ଭାଷାକୁ ପଛକୁ ଠେଲି ଦେଉଛି।

## ଦିଲ୍ଲୀ ଭୋଟର ତାଲିକା ବିବାଦ
## ଆସନ୍ତା ୨୧ରେ ଶୁଣାଣି କରିବେ ସୁପ୍ରିମକୋର୍ଟ




ନୂଆଦିଲ୍ଲୀ,୧୭।୯: ଦିଲ୍ଲୀରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଏବେ ଏକ ବଡ଼ ଆଇନଗତ ବିବାଦର ରୂପ ନେଇଛି । ତାଲିକାରୁ ପ୍ରାୟ ୪୭ ଲକ୍ଷ ଭୋଟରଙ୍କ ନାମ ବାଦ୍ ଦିଆଯିବା ବିରୋଧରେ ହୋଇଥିବା ଏକ ଆବେଦନ ଉପରେ ଶୁଣାଣି କରିବାକୁ ସୁପ୍ରିମକୋର୍ଟ ଗୁରୁବାର ସହମତି ପ୍ରକାଶ କରିଛନ୍ତି । ଆସନ୍ତା ସେପ୍ଟେମ୍ବର ୨୧ ତାରିଖ ସୋମବାର ଦିନ ସର୍ବୋଚ୍ଚ ଅଦାଲତ ଏହି ଗୁରୁତ୍ୱପୂର୍ଣ୍ଣ ମାମଲାର ବିଚାର କରିବେ। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ବିଚାରପତି ଜଷ୍ଟିସ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ ଭି. ମୋହନାଙ୍କୁ ନେଇ ଗଠିତ ତିନିଜଣିଆ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବେ। ଏସ୍‌ଆଇଆର୍ ସମ୍ପର୍କିତ ଅନ୍ୟ କେତେକ ମାମଲା ମଧ୍ୟ ଆସନ୍ତା ସପ୍ତାହରେ ତାଲିକାଭୁକ୍ତ ଥିବାରୁ ଏହି ଆବେଦନଟିକୁ ମଧ୍ୟ ସେହିଦିନ ଶୁଣାଣି ପାଇଁ ଗ୍ରହଣ କରାଯାଇଛି ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ସାମାଜିକ କର୍ମୀ ଅଞ୍ଜଳି ଭରଦ୍ୱାଜ ଓ ଅମ୍ରିତା ଜୋହରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ସୁପ୍ରିମକୋର୍ଟରେ ପକ୍ଷ ରଖିଛନ୍ତି। ଏସ୍‌ଆଇଆର୍ ପ୍ରକ୍ରିୟାରେ ବାଦ୍ ପଡ଼ିଥିବା ୪୭ ଲକ୍ଷ ଲୋକଙ୍କ ମଧ୍ୟରୁ ନିର୍ବାଚନ ପ୍ୟାନେଲ ଏପର୍ଯ୍ୟନ୍ତ ୩୩ ଲକ୍ଷ ଲୋକଙ୍କୁ ନୋଟିସ ଜାରି କରିଥିବା କଥା ସେ ଅଦାଲତଙ୍କ ଦୃଷ୍ଟିକୁ ଆଣିଛନ୍ତି । ଏତେ ବିପୁଳ ସଂଖ୍ୟାରେ ନାମ ବାଦ୍ ପଡ଼ିବା ଦ୍ୱାରା ଅନେକ ଯୋଗ୍ୟ ନାଗରିକ ଭୋଟଦାନ ଅଧିକାରରୁ ବଞ୍ଚିତ ହେବାର ଆଶଙ୍କା ରହିଛି ବୋଲି ଆବେଦନରେ ଦର୍ଶାଯାଇଛି ।

## ପ୍ରଧାନମନ୍ତ୍ରୀ ମୋଦିଙ୍କ ୭୬ତମ ଜନ୍ମଦିନ
## ୨୫ ବର୍ଷର ଜନସେବା ପାଇଁ ଶୁଭେଚ୍ଛାର ସୁଅ




ନୂଆଦିଲ୍ଲୀ,୧୭।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ୭୬ ବର୍ଷରେ ପାଦ ଥାପିଛନ୍ତି। ୧୯୫୦ ସେପଟେମ୍ବର ୧୭ରେ ଗୁଜରାଟର ବଡ଼ନଗରରେ ଜନ୍ମଗ୍ରହଣ କରିଥିବା ମୋଦି ଅକ୍ଟୋବର ୭ରେ ଜନସେବାରେ ନିରବଚ୍ଛିନ୍ନ ୨୫ ବର୍ଷ ପୂରଣ କରିବାକୁ ଯାଉଛନ୍ତି। ଏହି ଅବସରରେ ଦେଶର ବହୁ ପ୍ରମୁଖ ନେତୃବୃନ୍ଦ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହ ତାଙ୍କ ଜନସେବା ଓ ସୁଶାସନର ପ୍ରଶଂସା କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ: ପ୍ରଧାନମନ୍ତ୍ରୀ ମୋଦି ସୁଶାସନର ନୂଆ ମାପଦଣ୍ଡ ସ୍ଥାପନ କରିବା ସହ ଅନ୍ତର୍ଭୁକ୍ତି ବିକାଶକୁ ଅଭୂତପୂର୍ବ ଗତି ଓ ନୂଆ ଦିଗ ଦେଇଛନ୍ତି । ତାଙ୍କର ସୁସ୍ଥ ଓ ଦୀର୍ଘ ଜୀବନ କାମନା କରୁଛି। ସେହିପରି ଉପରାଷ୍ଟ୍ରପତି ସି. ପି. ରାଧାକ୍ରିଷ୍ଣନ୍: ମୋଦିଙ୍କ ନେତୃତ୍ୱରେ ଭାରତ ବିଶ୍ୱର ଦ୍ରୁତ ବିକାଶଶୀଳ ଅର୍ଥବ୍ୟବସ୍ଥା ଭାବେ ଉଭା ହୋଇଛି, ୨୫ କୋଟିରୁ ଅଧିକ ଲୋକ ଗ୍ରାହ୍ୟ ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି ଏବଂ ଅଭିଳାଷୀ ଜିଲ୍ଲା, ଭାବପ୍ରବଣ ଗ୍ରାମ ଓ ''ଅଷ୍ଟଲକ୍ଷ୍ମୀ'' (ଉତ୍ତର-ପୂର୍ବାଞ୍ଚଳ) ଭଳି ପଦକ୍ଷେପ ମାଧ୍ୟମରେ ସାମାଜିକ ସଶକ୍ତୀକରଣ ହୋଇଛି। ଗୃହମନ୍ତ୍ରୀ ଅମିତ ଶାହ ମୋଦିଙ୍କ ଜୀବନ ତପସ୍ୟା, ତ୍ୟାଗ ଓ ସଂକଳ୍ପର ଏକ ମହାକାବ୍ୟ। ସାଧାରଣ କାର୍ଯ୍ୟକର୍ତ୍ତାରୁ ମୁଖ୍ୟମନ୍ତ୍ରୀ ଓ ପରେ ପ୍ରଧାନମନ୍ତ୍ରୀ ହେବା ତାଙ୍କର ଦେଶସେବାର ଶ୍ରେଷ୍ଠ ଉଦାହରଣ। ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ ତାଙ୍କର ନେତୃତ୍ୱ ଗୁରୁତ୍ୱପୂର୍ଣ୍ଣ। ଲୋକସଭା ବାଚସ୍ପତି ଓମ୍ ବିର୍ଲା: ମୋଦିଙ୍କ ୨୫ ବର୍ଷର ସାର୍ବଜନୀନ ଜୀବନ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ସହ ଦୁର୍ବଳ ଓ ଅବହେଳିତ ବର୍ଗର ଉନ୍ନତିରେ ସହାୟକ ହୋଇଛି। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଗୁଜରାଟ ମୁଖ୍ୟମନ୍ତ୍ରୀରୁ ପ୍ରଧାନମନ୍ତ୍ରୀ ଭାବେ ତାଙ୍କର ୨୫ ବର୍ଷର ଜନସେବା ଭାରତର ବିକାଶ ଯାତ୍ରାକୁ ନୂଆ ଗତି ଦେଇଛି। 'ସେବା, ସଂକଳ୍ପ ଓ ସୁଶାସନ'ର ଦୂରଦୃଷ୍ଟି ୧୪୦ କୋଟି ନାଗରିକଙ୍କୁ ପ୍ରେରଣା ଯୋଗାଉଛି। ସେହିପରି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଓ ରାହୁଲ ଗାନ୍ଧୀ ଉଭୟ ନେତା ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହ ତାଙ୍କର ନିରାମୟ ଓ ଦୀର୍ଘ ଜୀବନ କାମନା କରିଛନ୍ତି।


## ପଶ୍ଚିମବଙ୍ଗରେ 'ଅନ୍ନପୂର୍ଣ୍ଣା ଦିବସ'
## ୧.୫୮ କୋଟି ମହିଳାଙ୍କୁ ମିଳିଲା ୩ ହଜାର



କୋଲକାତା,୧୭।୯: ପଶ୍ଚିମବଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନକୁ ଏଣିକି ପ୍ରତିବର୍ଷ 'ଅନ୍ନପୂର୍ଣ୍ଣା ଦିବସ' ଭାବେ ପାଳନ କରାଯିବ । ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଗୁରୁବାର ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ଘୋଷଣା କରିଛନ୍ତି । ସେ କହିଛନ୍ତି ଯେ ରାଜ୍ୟର ମହିଳାମାନଙ୍କ ସଶକ୍ତୀକରଣ ଏବଂ ଆର୍ଥିକ ସହାୟତା ପାଇଁ ଅନ୍ନପୂର୍ଣ୍ଣା ଯୋଜନା ଅଧୀନରେ ପ୍ରାୟ ୧.୬ କୋଟି ମହିଳାଙ୍କୁ ସହାୟତା ଯୋଗାଇ ଦିଆଯାଉଛି । ମୁଖ୍ୟମନ୍ତ୍ରୀ ମହିଳାମାନଙ୍କୁ ନିଶା ନିବାରଣ ଅଭିଯାନରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଏବଂ ନିଶାମୁକ୍ତ ବେଙ୍ଗଲ ଗଢ଼ିବାକୁ ଆହ୍ୱାନ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ଜନ୍ମଦିନରେ ବେଙ୍ଗଲର ମହିଳାମାନଙ୍କୁ ସମ୍ବୋଧିତ କରି କହିଛନ୍ତି ଯେ ମହିଳାମାନଙ୍କ ବିଶ୍ୱାସ ହିଁ ତାଙ୍କର ଶକ୍ତି । ସେ କହିଛନ୍ତି ଯେ ସରକାରଙ୍କ ମନ୍ତ୍ର ହେଉଛି 'କଥା କମ୍, କାମ ବେଶୀ '। ପ୍ରଧାନମନ୍ତ୍ରୀ ମହିଳାମାନଙ୍କ ଯୋଗଦାନକୁ ଦେଶର ବିକାଶ ଓ ପରିବର୍ତ୍ତନରେ ଗୁରୁତ୍ୱପୂର୍ଣ୍ଣ ବୋଲି ବର୍ଣ୍ଣନା କରିବା ସହ କେନ୍ଦ୍ର ସରକାରଙ୍କ ଯୋଜନାର ଲାଭ ବିଷୟରେ ଆଲୋଚନା କରିଥିଲେ । ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ କହିଛନ୍ତି, ଅନ୍ନପୂର୍ଣ୍ଣା ଯୋଜନା ଅଧୀନରେ ଏହି ମାସରେ ପ୍ରାୟ ୧.୫୮ କୋଟି ମହିଳାଙ୍କ ଆକାଉଣ୍ଟକୁ ତିନି-ତିନି ହଜାର ଟଙ୍କାର ସହାୟତା ପଠାଯାଉଛି । ଅଗଷ୍ଟ ମାସରେ ପ୍ରାୟ ୧.୪୮ କୋଟି ମହିଳା ଏହାର ଲାଭ ପାଇଥିଲେ । ରାଜ୍ୟ ସରକାରଙ୍କ ଅନୁଯାୟୀ, ଏହି ଯୋଜନାର ହିତାଧିକାରୀଙ୍କ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଉଛି। ମୁଖ୍ୟମନ୍ତ୍ରୀ ନିଜ ଭାଷଣରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ମଧ୍ୟ ଉଲ୍ଲେଖ କରିଛନ୍ତି।

## ସେମିକନ୍ ଇଣ୍ଡିଆ-୨୦୨୬ ଉଦ୍‌ଘାଟିତ
# ଭାରତ ଉପରେ ବିଶ୍ୱର ଭରସା ବଢ଼ିଛି: ମୋଦି

ନୂଆଦିଲ୍ଲୀ,୧୭।୯: ୨୦୨୬ ବ୍ରିକ୍ସ ଶିଖର ସମ୍ମିଳନୀରେ ସର୍ବସମ୍ମତିକ୍ରମେ 'ନୂଆଦିଲ୍ଲୀ ଘୋଷଣାନାମା' ଗ୍ରହଣ କରାଯିବା ଭାରତ ଉପରେ ବିଶ୍ୱର ବଢୁଥିବା ଭରସାର ପ୍ରମାଣ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଗୁରୁବାର ନୂଆଦିଲ୍ଲୀର ଯଶୋଭୂମିରେ ସେମିକନ୍ ଇଣ୍ଡିଆ-୨୦୨୬ର ଉଦଘାଟନୀ ସମାରୋହରେ ଉଦବୋଧନ ଦେଇ ସେ ଏହା କହିଥିଲେ। ୧୨ ଓ ୧୩ ସେପଟେମ୍ବରରେ ନୂଆଦିଲ୍ଲୀରେ ଅନୁଷ୍ଠିତ ୧୮ଶ ବ୍ରିକ୍ସ ଶିଖର ସମ୍ମିଳନୀରେ ନେତାମାନେ ସର୍ବସମ୍ମତିରେ ଏହି ଘୋଷଣାନାମା ଗ୍ରହଣ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ, ଭାରତ ସଫଳତାର ସହ ବ୍ରିକ୍ସ ସମ୍ମିଳନୀ ଆୟୋଜନ କରିଛି। ବିଭିନ୍ନ ଦେଶ ମଧ୍ୟରେ ମତପାର୍ଥକ୍ୟ ଥିବା ସତ୍ତ୍ୱେ ଘୋଷଣାନାମା ସର୍ବସମ୍ମତିରେ ଗ୍ରହଣ ହେବା ଭାରତର ଭୂମିକା ଉପରେ ଅନ୍ତର୍ଜାତୀୟ ଭରସାକୁ ପ୍ରତିଫଳିତ କରୁଛି ବୋଲି ସେ କହିଥିଲେ। ଭାରତର ଅଧ୍ୟକ୍ଷତାରେ ବ୍ରିକ୍ସ ସହଯୋଗକୁ ଅଧିକ ମଜଭୁତ କରିବା, ବିଶ୍ୱ ଶାସନ ବ୍ୟବସ୍ଥାରେ ବିକାଶଶୀଳ ଦେଶଗୁଡ଼ିକର ଅଧିକ ପ୍ରତିନିଧିତ୍ୱ ଏବଂ ଅର୍ଥନୈତିକ ସହଯୋଗ ଉପରେ ଗୁରୁତ୍ୱ ଦିଆଯାଇଥିଲା। ମୋଦି ଭାରତର ଅର୍ଥନୈତିକ ଅଗ୍ରଗତିକୁ ମଧ୍ୟ ଏହି ସମୟରେ ଉଲ୍ଲେଖ କରିଥିଲେ। ସେ କହିଥିଲେ, ଚଳିତ ବର୍ଷର ତ୍ରୈମାସିକ ଜିଡିପି ଅଭିବୃଦ୍ଧି ହାର



୭.୮ ପ୍ରତିଶତ ରହିଛି। ଏକପଟେ ଭାରତର ଅର୍ଥନୀତି ବଢୁଛି, ଅନ୍ୟପଟେ ଭାରତ ଉପରେ ବିଶ୍ୱର ଭରସା ମଧ୍ୟ ବଢୁଛି ବୋଲି ସେ କହିଥିଲେ। ଜାପାନର ଏକ କ୍ରେଡିଟ୍ ରେଟିଂ ସଂସ୍ଥା ଦୀର୍ଘ ପ୍ରାୟ ୩୫ ବର୍ଷ ପରେ ଭାରତର ସାର୍ବଭୌମ କ୍ରେଡିଟ୍ ରେଟିଂ ବଢ଼ାଇଥିବା କଥା ମଧ୍ୟ ସେ ଉଲ୍ଲେଖ କରିଥିଲେ। ୧୭ରୁ ୧୯ ସେପଟେମ୍ବର ପର୍ଯ୍ୟନ୍ତ ଯଶୋଭୂମିରେ ଚାଲିଥିବା ସେମିକନ୍ ଇଣ୍ଡିଆ-୨୦୨୬ରେ ଭାରତର ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ ଶିଳ୍ପର ବିକାଶ ଉପରେ ଆଲୋଚନା ହେଉଛି। ଏହି ଅବସରରେ ମୋଦି କହିଥିଲେ, ଭାରତର ସେମିକଣ୍ଡକ୍ଟର ପରିବେଶ ଦ୍ରୁତ ଗତିରେ ବଢୁଛି ଏବଂ ଏହା ନୂଆ ନିବେଶ, ଉଦ୍ଭାବନ ଓ ଶିଳ୍ପ ବିକାଶର ସୁଯୋଗ ସୃଷ୍ଟି କରୁଛି।

# ଧାରୁଆ ଅସ୍ତ୍ର ଧରି ଆତଙ୍କ ସୃଷ୍ଟିକରି ଦୁଇ ବନ୍ଧା ହେଲେ

ଭୁବନେଶ୍ୱର(ନିପ୍ର): ଜାଗମରା ମେଲଣ ପଡ଼ିଆରେ ଏକ ଧାରୁଆ ମାରଣାସ୍ତ୍ର ଧରି ଲୋକଙ୍କୁ ଭୟଭୀତ କରୁଥିବା ଦୁଇ ଜଣ ଅଭିଯୁକ୍ତଙ୍କୁ ଖଣ୍ଡଗିରି ଥାନା ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ସାହିଲ ଓରଫ ରିଂଟୁ ଦିଗଲ ଓ ପ୍ରମୋଦ ନାୟକ। ପୁଲିସ ଏମାନଙ୍କ ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ଉକ୍ତ ଅସ୍ତ୍ର ଏବଂ ଏକ ସ୍କୁଟି ଜବତ କରିଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଆଜି ଦିନ ପ୍ରାୟ ୨.୩୦ ମିନିଟରେ ଖଣ୍ଡଗିରି ଥାନା ପୋଲିସ ଖବର ପାଇଥିଲା ଯେ ଜାଗମରା ମେଲଣ ପଡ଼ିଆ ନିକଟରେ ଦୁଇ ଜଣ ଯୁବକ ହାତରେ ଏକ ଧାରୁଆ ମାରଣାସ୍ତ୍ର ଧରି ସାଧାରଣ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳାଉଛନ୍ତି। ଖବର ପାଇବା ମାତ୍ରେ ଖଣ୍ଡଗିରି ଥାନାର ଏସଆଇ ପ୍ରଶାନ୍ତ କୁମାର ସାହୁ ଏବଂ ତାଙ୍କ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅପରାହ୍ନ ପ୍ରାୟ ୨.୪୫ ମିନିଟରେ ପୋଲିସ ଉକ୍ତ ଦୁଇ ଅଭିଯୁକ୍ତଙ୍କୁ ଏକ କଳା ରଙ୍ଗର 'ହିରୋ ଜୁମ୍' ସ୍କୁଟି ପାଖରେ ଠିଆ ହୋଇ ଲୋକଙ୍କୁ ଧମକାଉଥିବା ଅବସ୍ଥାରେ ଠାବ କରି ସେମାନଙ୍କୁ କାବୁ କରିଥିଲା। ଯାଞ୍ଚ ବେଳେ ସେମାନଙ୍କ ପାଖରୁ ଗୋଟିଏ ଧାରୁଆ 'ଚାପଡ଼' ଏବଂ ଉକ୍ତ ସ୍କୁଟି ଜବତ କରାଯାଇଥିଲା। ଏହି ଅସ୍ତ୍ର ରଖିବା ନେଇ ସେମାନେ କୌଣସି ବୈଧ ଲାଇସେନ୍ସ କିମ୍ବା କାଗଜପତ୍ର ଦେଖାଇ ପାରିନଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପୋଲିସ କାବୁ କରିବା ପୂର୍ବରୁ ହିଁ ଉଭୟ ଅଭିଯୁକ୍ତଙ୍କ ଶରୀରରେ କିଛି ପୁରୁଣା କ୍ଷତ ଚିହ୍ନ ରହିଥିଲା। ସଂଗୃହୀତ ପ୍ରମାଣ ଆଧାରରେ ଉଭୟ ଅଭିଯୁକ୍ତଙ୍କୁ ଆଜି ଅପରାହ୍ନ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# ମହିଳାଙ୍କ ବେକରୁ ଚେନ ଝାମ୍ପି ଦୁଇ ଗିରଫ

ଭୁବନେଶ୍ୱର(ନିପ୍ର): ବାଇକରେ ଯାଉଥିବା ବେଳେ ମହିଳାଙ୍କ ବେକରୁ ଚେନ ଝାମ୍ପି ନେବା ଅଭିଯୋଗରେ ନୂଆପଲ୍ଲୀ ଥାନା ପୁଲିସ ଦୁଇ ଲୁଟେରାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଦୀପୁ ଚୁଆଲ ସିଂ ଓ ମଳୟ ରଂଜନ ମାର୍ଥା। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୨୬.୦୮.୨୦୨୬ ତାରିଖ ଅପରାହ୍ନ ପ୍ରାୟ ୨.୨୫ ମିନିଟ୍ ସମୟରେ ଅଭିଯୋଗକାରିଣୀ ସୁସ୍ମିତା ମହାନ୍ତି ଏକ ଉବେର ବାଇକ୍ ଯୋଗେ ନିଜ ଅଫିସ୍ କୁ ଯାଉଥିଲେ। ଜୟଦେବ ବିହାରସ୍ଥିତ 'ହୋଟେଲ୍ କ୍ରାଉନ୍' ନିକଟରେ ଦୁଇ ଜଣ ଦୁର୍ବୃତ୍ତ ଏକ ବାଇକ୍ ରେ ଆସି ତାଙ୍କ ବେକରୁ ତାଙ୍କର ସୁନା ଚେନ୍ ଝାମ୍ପି ନେଇ ଦ୍ରୁତ ଗତିରେ ଫେରାର ହୋଇଯାଇଥିଲେ। ନୟାପଲ୍ଲୀ ପୋଲିସ ଏବଂ ଅନ୍ୟାନ୍ୟ ଥାନାର ମିଳିତ ତଦନ୍ତରୁ ଜଣାପଡ଼ିଥିଲା ଯେ, ଭୁବନେଶ୍ୱର, କଟକ ଏବଂ ପୁରୀ ଅଞ୍ଚଳରେ ଏକ ବଡ଼ ଲୁଟେରା ଗ୍ୟାଙ୍ଗ୍ ସକ୍ରିୟ ଅଛି। ଖୋର୍ଦ୍ଧା ଅଞ୍ଚଳରୁ ଏହି ଗ୍ୟାଙ୍ଗ୍ ର ସଦସ୍ୟମାନେ ଚୋରା ସ୍ପୋର୍ଟସ୍ ବାଇକ୍ ବ୍ୟବହାର କରି ମହିଳାମାନଙ୍କୁ ଟାର୍ଗେଟ୍ କରିବା ସହ ବେକରୁ ସୁନା ଚେନ୍ ଏବଂ ହାତରୁ ଭ୍ୟାନିଟି ବ୍ୟାଗ୍ ଲୁଟି ନେଉଛନ୍ତି। ଏହି ଲୁଟେରା ଗ୍ୟାଙ୍ଗ୍ କୁ ଖୋର୍ଦ୍ଧାର 'ଦୀପୁ ଛୁଆଲ ସିଂହ' ଏବଂ 'ମୁନା' ପରିଚାଳନା କରୁଥିଲେ। ବିଗତ କିଛି ଦିନ ମଧ୍ୟରେ ଏହି ଗ୍ୟାଙ୍ଗ୍ ପ୍ରାୟ ୩୦ ରୁ ୪୦ଟି ଲୁଟ୍ ଘଟଣା ଘଟାଇଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି। ଗତକାଲି ତା ୧୭.୦୯.୨୦୨୬ ସକାଳ ପ୍ରାୟ ୯.୩୦ ମିନିଟରେ ନୟାପଲ୍ଲୀ ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ନୟାପଲ୍ଲୀ ଓଭରବ୍ରିଜ୍ ନିକଟରେ ଚେକିଂ କରୁଥିବା ବେଳେ ଏକ ବିନା ନମ୍ବର ପ୍ଲେଟ୍ ଥିବା ନାଲି ଓ କଳା ରଙ୍ଗର ବାଇକ୍ ରେ ଆସୁଥିବା ଗ୍ୟାଙ୍ଗ୍ ର ଦୁଇ ଜଣ ମୁଖ୍ୟ ସଦସ୍ୟ ଦିପୁ ଏବଂ ମଳୟଙ୍କୁ ଧରିବାରେ ସଫଳ ହୋଇଥିଲା। ଯାଞ୍ଚ ବେଳେ ଉଭୟଙ୍କ ପକେଟରୁ ଲୁଟ୍ ସୁନା ଚେନ୍ ଓ କାନଫୁଲ, ଦୁଇ ଜଣଙ୍କ ଠାରୁ ୮ ହଜାର ଲେଖାଏଁ ମୋଟ ୧୬,୦୦୦/- ଟଙ୍କା ଏବଂ ଅପରାଧରେ ବ୍ୟବହୃତ ମୋଟର ସାଇକଲ୍ ଜବତ କରାଯାଇଛି। ସଂଗୃହୀତ ପ୍ରମାଣ ଏବଂ ସ୍ୱୀକାରୋକ୍ତି ଆଧାରରେ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ୧୫ ଦିନିଆ ରିମାଣ୍ଡ ପ୍ରାର୍ଥନା ସହ କୋର୍ଟ ଚାଲାଣ କରାଯାଇଛି। ଲୁଟ୍ ସାମଗ୍ରୀର ଚିହ୍ନଟ ପ୍ରକ୍ରିୟା ପାଇଁ ଉଭୟ ଅଭିଯୁକ୍ତଙ୍କ ମୁହଁ ଘୋଡ଼ାଇ କୋର୍ଟରେ ହାଜର କରାଯାଇଛି। ଗ୍ୟାଙ୍ଗର ଅନ୍ୟ ଫେରାର ସଦସ୍ୟମାନଙ୍କୁ ଧରିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି।

# ଭଡ଼ାଟିଆଙ୍କ ଘରୁ ସୁନା ଅଲଙ୍କାର ଚୋରି, ଘର ମାଲିକ ଗିରଫ

ଭୁବନେଶ୍ୱର(ନିପ୍ର): ଭଡାଟିଆଙ୍କ ଘରୁ ସୁନା ଅଲଙ୍କାର ଚୋରି କରିବା ଅଭିଯୋଗରେ ଧଉଳି ଥାନା ପୁଲିସ ଘର ମାଲିକାଣୀ ଓ ତାଙ୍କ ପୁଅକୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ସୋନାଲି ସାହୁ ଓ ବିଶ୍ୱରଂଜନ ସାହୁ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୋଗକାରିଣୀ ରାଜଲକ୍ଷ୍ମୀ ପ୍ରଧାନଙ୍କ ଲିଖିତ ଏତଲା ଆଧାରରେ ଧଉଳି ଥାନାରେ ଭଡ଼ା ଘରୁ ପ୍ରାୟ ୩୮୦ ଗ୍ରାମ୍ ସୁନା ଅଲଙ୍କାର ଚୋରି ହେବା ନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରିଣୀ ରାଜଲକ୍ଷ୍ମୀ ପ୍ରଧାନ ଧଉଳି ଥାନା ଅଞ୍ଚଳରେ ଘର ମାଲିକାଣୀ ସୋନାଲି ସାହୁଙ୍କ ଘରେ ଭଡ଼ାରେ ରହୁଥିଲେ। ନିଜର ଅସୁସ୍ଥତା କାରଣରୁ ସେ ଚିକିତ୍ସା ପାଇଁ ଯାଇଥିବା ବେଳେ ନିଜର ସମସ୍ତ ସୁନା ଅଲଙ୍କାର (ନେକଲେସ୍, ଚେନ୍, ମୁଦି, ମଙ୍ଗଳସୂତ୍ର ଇତ୍ୟାଦି) ପ୍ରାୟ ୩୮୦ ଗ୍ରାମ୍ ଏକ ଲୁହା ଆଲମିରାରେ ରଖିଥିଲେ। ତେବେ ଘର ମାଲିକାଣୀ ସୋନାଲିଙ୍କ ପାଖରେ ଘରର ଏକ ଚାବି ଥିବାରୁ, ଅଭିଯୋଗକାରିଣୀଙ୍କ ଅନୁପସ୍ଥିତିରେ ସେ ଏବଂ ତାଙ୍କ ପୁଅ ବିଶ୍ୱରଞ୍ଜନ ମିଶି ଉକ୍ତ ବିପୁଳ ସୁନା ଅଲଙ୍କାର ଚୋରି କରି ନେଇଥିଲେ। ଧଉଳି ପୋଲିସ ଘଟଣାର ତଦନ୍ତ କରି ଉଭୟ ମା' ଓ ପୁଅଙ୍କୁ ଥାନାକୁ ଆଣି ପଚରାଉଚରା କରିବା ବେଳେ ସେମାନେ ନିଜ ଦୋଷ ସ୍ୱୀକାର କରିଥିଲେ। ଚୋରି ସୁନାକୁ ସେମାନେ ଏକ ଘରୋଇ ଫାଇନାନ୍ସରେ ବନ୍ଧକ ରଖିବା ସହ କିଛି ବିକ୍ରି କରି ଏକ ଦାମୀ ରୟାଲ୍ ଏନଫିଲ୍ଡ ବାଇକ୍ ଓ ମୋବାଇଲ୍ କିଣିଥିଲେ ଏବଂ ନିଜର ବ୍ୟକ୍ତିଗତ ଖର୍ଚ୍ଚ କରିଥିବା ଜଣାପଡ଼ିଥିଲା। ପୋଲିସ ସେମାନଙ୍କ ନିକଟରୁ ଗୋଟିଏ ସୁନା ଚେନ୍, ହଳେ ସୁନା ବନ୍ଧା ଶଙ୍ଖା ଏବଂ ଗୋଟିଏ ସୁନା ମୁଦି ଉଦ୍ଧାର କରିଛି ଏବଂ ଫାଇନାନ୍ସ କାଗଜପତ୍ର ଜବତ କରିଛି। ସଂଗୃହୀତ ପ୍ରମାଣ ଆଧାରରେ ଉଭୟ ମା' ଓ ପୁଅଙ୍କୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ବାକି ସୁନା ଅଲଙ୍କାର ଉଦ୍ଧାର କରିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି।

---

### ଭସାଣିରେ ଅଘଟଣ ରୋକିବାକୁ କଡ଼ା ସୁରକ୍ଷା

# ଦେବୀଗଡ଼ାରେ ପ୍ରସ୍ତୁତି ସମୀକ୍ଷା କଲେ ମେୟର ଓ କମିସନର

କଟକ(ନିପ୍ର): କଟକରେ ପାର୍ବଣ ଭସାଣିକୁ ସୁରୁଖୁରୁରେ ଶେଷ କରିବା ପାଇଁ ପ୍ରସ୍ତୁତି ଜୋରଦାର ହୋଇଛି । ଭସାଣି ସମୟରେ ଯେପରି କୌଣସି ଅଘଟଣ ନ ଘଟିବ, ସେଥିପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଉଛି । ଏନେଇ କଟକ ମେୟର ସୁବାସ ସିଂହ ଓ କମିସନର କିରଣଦୀପ କୌର ସୋହତା ଭସାଣି ପ୍ରସ୍ତୁତିର ସମୀକ୍ଷା କରିଛନ୍ତି । କଟକର ଦେବୀଗଡ଼ା ଭସାଣିର ପ୍ରମୁଖ କେନ୍ଦ୍ର ହୋଇଥିବାରୁ ମେୟର, କମିସନରଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ଦେବୀଗଡ଼ା ଯାଇ ସ୍ଥିତି ପରଖିଛନ୍ତି । ଭସାଣି ସମୟରେ ଭିଡ଼ ନିୟନ୍ତ୍ରଣ ଓ ଲୋକଙ୍କ ସୁରକ୍ଷା ପାଇଁ ବ୍ୟାରିକେଡ୍ ବ୍ୟବସ୍ଥା କରାଯିବ । ଚଳିତ ବର୍ଷ କଟକ ସହରରେ ଅଧିକ ସଂଖ୍ୟକ ଗଣେଶ ମେଢ଼ ହୋଇଥିବାରୁ ଭସାଣି ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି । କେଏମ୍ସି ପକ୍ଷରୁ ଏଥର ସର୍ବାଧିକ ୧୩ଟି ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇଛି । ଅଘଟଣକୁ ଏଡ଼ାଇବା ପାଇଁ ଏନ୍‌ଡିଆରଏଫ୍ ଓ ଫାୟାର ଟିମ୍‌କୁ ମୁତୟନ କରାଯିବ । ଭସାଣି ପୂର୍ବରୁ ଦେବୀଗଡ଼ାରେ ଆଲୋକୀକରଣ, ରାସ୍ତା ଓ ଟେଣ୍ଟ ଭଳି ଆବଶ୍ୟକ ବ୍ୟବସ୍ଥା ଶେଷ କରିବାକୁ ନିଷ୍ପତ୍ତି ହୋଇଛି । ଏଥିସହ ପୂଜା ମଣ୍ଡପଗୁଡ଼ିକ ମନଇଚ୍ଛା ଭସାଣି ନକରି ପୂର୍ବରୁ ପୁଲିସକୁ ସୂଚନା ଦେବାକୁ ପରାମର୍ଶ ଦିଆଯାଇଛି । ଭସାଣି ସମୟରେ ସତର୍କତା ଅବଲମ୍ବନ ସହ ନିର୍ଦ୍ଧାରିତ ବ୍ୟବସ୍ଥା ଅନୁସରଣ କରିବାକୁ ପୂଜା ମଣ୍ଡପଗୁଡ଼ିକୁ କୁହାଯାଇଛି। ପୂଜା, ପାର୍ବଣ ଓ ଭସାଣି କାର୍ଯ୍ୟକ୍ରମ କିପରି ସୁରୁଖୁରୁରେ ଶେଷ ହେବ, ତାହା ଉପରେ ପ୍ରଶାସନ ଗୁରୁତ୍ୱ ଦେଉଛି।

# ପୂଜକଙ୍କୁ ମାଡ଼ ମାରି ମୂର୍ତ୍ତି-ଆସବାବ ଲୁଟିନେଲେ ଦୁର୍ବୃତ୍ତ

କଟକ(ନିପ୍ର): ମନ୍ଦିରରୁ ପୁଣି ଲୁଟ୍। କଟକ ସଦର ଥାନା ଅଧୀନ ମହିଧରପଡ଼ା ଗାଁର ଇଷ୍ଟଦେବ ଶ୍ରୀ ଲକ୍ଷ୍ମୀନାରାୟଣ ମନ୍ଦିରରୁ ଚୋରି ହୋଇଛି । ୨ ଦିନ ତଳେ ବିଳମ୍ବିତ ରାତ୍ରୀରେ ଏହି ଚୋରି ହୋଇଥିଲେ ମଧ୍ୟ ଏଯାଏ କୌଣସି ଟେର ମିଳିନାହିଁ । ଲୁଟ୍ ସମୟରେ ମନ୍ଦିରର ପୂଜକ ମନ୍ଦିର ପରିସରରେ ଶୋଇଥିଲେ । ରାତିରେ କିଛି ଶବ୍ଦ ଶୁଣି ପୂଜକ ଉଠିଯାଇଥିଲେ । ୪ ଜଣ ଦୁର୍ବୃତ୍ତ ମୁହଁରେ କଳା କପଡ଼ା ବାନ୍ଧି ମନ୍ଦିର ତାଲା ଭାଙ୍ଗି ଦେଇଥିଲେ। ମନ୍ଦିର ଭିତରେ ପଶି ମୂର୍ତ୍ତି ଓ ଆସବାବପତ୍ର ଚୋରି କରୁଥିବା ପୂଜକ ଦେଖିଥିଲେ । ପୂଜକ ତାଙ୍କୁ ବିରୋଧ କରିବାରୁ ସେମାନେ ତାଙ୍କୁ ମାଡ଼ ମାରି ତଳେ ପକାଇ ତାଙ୍କ ଉପରେ ଚଢ଼ି ଯାଇଥିଲେ । କେତେକ ମୂର୍ତ୍ତି ଆସବାବପତ୍ର ନେଇ ଚାଲିଯାଇଥିଲେ। ସେମାନେ ଯିବା ପରେ ପୂଜକ ବଡ଼ ପାଟିରେ ଚିତ୍କାର କରି ଡାକିବାରୁ ପାଖ ଘର ଲୋକେ ଉଠି ଆସିଥିଲେ । ଘଟଣା ବାବଦରେ ସଦର ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସର ତଦନ୍ତ ଜାରି ରଖିଛି । ସୂଚନା ଯୋଗ୍ୟ ଯେ ୪ ବର୍ଷ ତଳେ ଏହି ମନ୍ଦିରରୁ ଚୋରି ହୋଇଥିଲା। ଥାନାରେ ଅଭିଯୋଗ ମଧ୍ୟ ହୋଇଥିଲା। ମାତ୍ର ଘଟଣାକୁ ୪ ବର୍ଷ ବିତିଯାଇଥିଲେ ମଧ୍ୟ ସେ ଚୋରି ଜିନିଷ ପୋଲିସ ଉଦ୍ଧାର କରିପାରି ନାହିଁ। ସେ ଚୋରି ଉପରୁ ପରଦା ହଟି ନଥିବା ବେଳେ ଏବେ ପୁଣି ସେହି ମନ୍ଦିରରୁ ଚୋରି ହୋଇଛି । ପୋଲିସ ତଦନ୍ତ କେତେବାଟ ଯାଉଛି ଦେଖିବାକୁ ବାକି ରହିଛି ବୋଲି ଗ୍ରାମବାସୀ କହିଛନ୍ତି ।

---

# ସ୍ୱାମୀର କଟୁରୀ ଚୋଟରେ ସ୍ତ୍ରୀ ଗୁରୁତର

ପୁରୀ: ନିଶାସକ୍ତ ସ୍ୱାମୀର ଉନ୍ମତ୍ତକାଣ୍ଡ। ସ୍ୱାମୀର କଟୁରୀ ଚୋଟରେ ସ୍ତ୍ରୀ ଗୁରୁତର। ବ୍ରହ୍ମଗିରି ଥାନା ଅନ୍ତର୍ଗତ ସୁନାମୁଇଁ ଗଉଡିକେରା ଗ୍ରାମରେ ଘଟିଛି ଏଭଳି ଅଭାବନୀୟ କାଣ୍ଡ। ମହିଳାଙ୍କ ମୁଣ୍ଡ ଓ ହାତରେ ଗୁରୁତର ଆଘାତ ଲାଗିଥିବା ବେଳେ ଚିକିତ୍ସା ପାଇଁ ତାଙ୍କୁ ପୁରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆକ୍ରମଣର ଶିକାର ମହିଳା ହେଲେ ଗଉଡିକେରା ଗ୍ରାମର ମାମାଲି ପଲ୍ଲେଇ। ବ୍ରହ୍ମଗିରି ପୋଲିସ ଖବର ପାଇବା ପରେ ତଦନ୍ତ ଆରମ୍ଭ କରିଛି। ଆକ୍ରମଣର ଶିକାର ହୋଇଥିବା ମହିଳାଙ୍କ ଅଭିଯୋଗ ଅନୁଯାୟୀ ଗୁରୁବାର ଖରାବେଳେ ସେ ଘରେ ଶୋଇଥିବା ସମୟରେ ତାଙ୍କ ସ୍ୱାମୀ ମିଥୁନ ପଲ୍ଲେଇ ନିଶାସକ୍ତ ଅବସ୍ଥାରେ ଆସି ପ୍ରଥମେ ଗାଳି ମନ୍ଦ କରିଥିଲେ। ପରେ ଏକ କଟୁରୀ ଆଣି ତାଙ୍କ ମୁଣ୍ଡ ଓ ହାତକୁ ହାଣିଥିଲେ। ଜୀବନ ବଞ୍ଚାଇବା ପାଇଁ ମାମାଲି ଗାଁ ଦାଣ୍ଡରେ ଦୌଡିବା ସମୟରେ ତାଙ୍କୁ ଗ୍ରାମବାସୀ ମାନେ ଉଦ୍ଧାର କରିଥିଲେ। ତେବେ ମାମାଲିଙ୍କ ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ବିଭିନ୍ନ ସମୟରେ ମାମାଲିଙ୍କୁ ତାଙ୍କ ସ୍ୱାମୀ ଏଭଳି ଆକ୍ରମଣ କରୁଥିବା ଅଭିଯୋଗ ହୋଇଛି। ପୋଲିସ ତୁରନ୍ତ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିବା ସହିତ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି ଗୁରୁତର ମହିଳା।

---

# ଗୁଣି ଗାରେଡି ସନ୍ଦେହରେ ହତ୍ୟା ମାମଲା: ୧୨ ଗିରଫ

ଗୁଣପୁର: ରାୟଗଡା ଜିଲ୍ଲା ଗୁଣପୁର ଥାନା ଗଠଳ ପଦର ପଞ୍ଚାୟତ କାକିତାରା ଗାଁ ନିକଟ ଏକ ନାଳରୁ ମାଟିଆ ପାତିକାଙ୍କ ମୃତଦେହ ପୋଲିସ ଉଦ୍ଧାର କରିଥିଲା। ଏହି ମାମଲାରେ ଗୁଣୁପୁର ପୋଲିସ ୧୨ ଜଣଙ୍କୁ ଗିରଫ କରିଛି । ୧୨ ଜଣ ହେଲେ କାକିତାରା ଗାଁ ର ବିଡ଼ିକା ରାମଚନ୍ଦ୍ର (୨୨), ବିଡ଼ିକା ରମେଶ (୨୩), ବିଡ଼ିକା ସନ୍ତୋଷ (୨୧), ମଣ୍ଡାଙ୍ଗୀ ଲିଙ୍ଗରାଜ (୨୪), ପାତିକା ମାଜେସ (୩୦), ପାତିକା ଯୋଗେନ୍ଦ୍ର (୨୦), ନିମାଲା କୁମାରୁ (୨୧), ବିଡ଼ିକା ବଡ଼ମା (୨୦), ବିଡ଼ିକା ରବି ବୟସ (୨୫), ବିଡ଼ିକା କୈଳାଶ (୨୨), ବିଡ଼ିକା ରାମଦାସ (୨୦), ମଣ୍ଡାଙ୍ଗୀ କେଶବା (୩୫) ବୋଲି ଜଣାପଡିଛି । ଗୁଣିଗାରେଡି ସନ୍ଦେହରେ ଗାଁ ଲୋକଙ୍କ ଠାରୁ ଦୁରେଇ ରହିବା, ମାଟିଆକୁ ପଚାରିଲେ କିଛି ଉତ୍ତର ଦେଉ ନଥିବା ଓ ସାମୁହିକ କାମରେ ମାଟିଆ ଅଂଶ ଗ୍ରହଣ କରୁ ନ ଥିଲା। ସେଥିପାଇଁ ମାଟିଆକୁ ହତ୍ୟା କରିବା ପାଇଁ ସୁଯୋଗ ଖୋଜୁଥିଲେ ବୋଲି ପୋଲିସ ସୂଚନା ଦେଇଛି।

# ଜମି ଠକେଇ ଓ ହତ୍ୟା ଧମକ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): ଜମି ଦେବା ନାଁରେ ୧୬ଲକ୍ଷ ଟଙ୍କା ଠକେଇ ଓ ପରେ ହତ୍ୟା ଧଡ଼କ ଦେବା ଅଭିଯୋଗରେ ଭରତପୁର ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ବସନ୍ତ ମହାପାତ୍ର। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ବସନ୍ତ କୁମାର ମହାପାତ୍ର ଏବଂ ତାଙ୍କ ସହଯୋଗୀ କୁମୁଦ କୁମାର ପ୍ରଧାନ ମିଳିତ ଭାବେ 'ଆସିୟାନା ପ୍ରୋମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍' ନାମକ ଏକ ରିଅଲ୍ ଇଷ୍ଟେଟ୍ ସଂସ୍ଥା ଚଳାଉଛନ୍ତି। ଗାନ୍ଧୀ କଲେଜ ନିକଟରେ ଏକ ୩୦୦୦ ବର୍ଗଫୁଟର ଜମି କିଣିବା ପାଇଁ ଅଭିଯୋଗକାରୀ ଅଙ୍କୁର ଚରଣ ବାରିକ (ଜଣେ ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକ) ତାଙ୍କୁ ୧୬ ଲକ୍ଷ ଟଙ୍କା ଦେଇଥିଲେ। ମାତ୍ର ଜମିର କାଗଜପତ୍ର ଠିକ୍ ନଥିବା ଜାଣିବା ପରେ ସେ ଜମି ନେବାକୁ ମନା କରିବା ସହ ନିଜ ଟଙ୍କା ଫେରସ୍ତ ମାଗିଥିଲେ। ଉଭୟ ପକ୍ଷଙ୍କ ମଧ୍ୟରେ ଏକ ବୁଝାମଣା ପରେ ଅଭିଯୁକ୍ତମାନେ ଅଭିଯୋଗକାରୀଙ୍କୁ ମୋଟ ୧୬ ଲକ୍ଷ ଟଙ୍କାର ୨ଟି ଚେକ୍ ପ୍ରଦାନ କରିଥିଲେ, ମାତ୍ର ବ୍ୟାଙ୍କରେ ତାହା ବାଉନ୍ସ ହୋଇଯାଇଥିଲା। ଏନେଇ ଅଭିଯୋଗକାରୀ ନିଜ ଟଙ୍କା ମାଗିବାରୁ ଅଭିଯୁକ୍ତମାନେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାର ଧମକ ଦେଇଥିଲେ। ଭରତପୁର ପୋଲିସ ଘଟଣାର ତଦନ୍ତ କରି ଆଜି ଅପରାହ୍ନ ୪.୩୦ ମିନିଟରେ ଡେଲ୍‌ଟା ଛକ ନିକଟରୁ ଉକ୍ତ ସଂସ୍ଥାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ବସନ୍ତ କୁମାର ମହାପାତ୍ରକୁ ଠାବ କରି କାବୁ କରିଛି। ସଂଗୃହୀତ ପ୍ରମାଣ ଏବଂ ସ୍ୱୀକାରୋକ୍ତି ଆଧାରରେ ତାକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# ସାପ କାମୁଡ଼ାରେ ନାବାଳିକା ମୃତ

ହିଞ୍ଜିଳିକାଟୁ(ନିପ୍ର): ହିଞ୍ଜିଳି ଥାନା ରାଳବ ଗ୍ରାମର ଜଣେ ନାବାଳିକାଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ମୃତ ନାବାଳିକା ଜଣଙ୍କ ହେଲେ ରାଳବ ଗ୍ରାମର ଡାକ ପ୍ରଧାନଙ୍କ ନାବାଳିକା କନ୍ୟା ପ୍ରିୟା ପ୍ରଧାନ (୧୨) । ପ୍ରକାଶ ଯେ, ଗୁରୁବାର ସକାଳେ ନାବାଳିକା ଜଣଙ୍କ ଘର ବାରିପଟେ ପରିଶ୍ରା କରିବାକୁ ଯାଇଥିବା ବେଳେ ଏକ ବିଷଧର ସାପ ତାଙ୍କ ଗୋଡ଼କୁ କାମୁଡି ଦେଇଥିଲା। ସାପ କାମୁଡ଼ାରେ ନାବାଳିକା ଜଣଙ୍କ ଚିତ୍କାର କରିବାରୁ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ହିଞ୍ଜିଳି ପୁଲିସ ଡ଼ାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରିଛି। ଏ ନେଇ ହିଞ୍ଜିଳି ଥାନାରେ କେସ ନଂ - ୨୪/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ପଠାଇ ପୁଲିସ ଘଟଣାର ତଦନ୍ତ କରୁଥିବା ଥାନା ଆଇଆଇସି ଶ୍ରୀନିବାସ ସେଠିଙ୍କ ସୂତ୍ରରୁ ପ୍ରକାଶ।

# ଗଛରେ ପିଟିହେଲା କାର୍: ଜଣେ ମୃତ, ୪ ଗୁରୁତର

ଭାପୁର(ନିପ୍ର): ଡ୍ୟାନ୍ସ ଡ୍ୟାନ୍ସ କାର୍ଯ୍ୟକ୍ରମ ଦେଖି କାରରେ ଫେରୁଥିବା ବେଳେ ଦୁର୍ଘଟଣା ଘଟି ଜଣେ ମୃତ୍ୟୁବରଣ କରିଥିବାବେଳେ ୪ ଜଣ ଯୁବକ ଗୁରୁତର ହୋଇ ଚିକିତ୍ସା ହେଉଥିବା ଭଳି ଅଭାବନୀୟ ଘଟଣା ଫତେଗଡ଼ ଥାନା ଅଞ୍ଚଳରେ ଘଟି ଯାଇଛି। ଘଟଣାରୁ ପ୍ରକାଶ, ବୁଧବାର ରାତ୍ରିରେ ଭାପୁର ବ୍ଲକ ନିମାଣି ପଞ୍ଚାୟତ ଅରଖପଲ୍ଲୀ ଗ୍ରାମର ଆଦିତ୍ୟ ପରିଡା,ସମ୍ବିତ ପରିଡା,ଶିବୁ ବେହେରା, ଗୌତମ ପରିଡା ଏବଂ ସୁବାସ ଦାସ ନିଜ ଗ୍ରାମରେ ଗଣେଶ ଭସାଣି ସାରି ଦୁଇଟି କାରରେ ଚକ୍ରଧର ପ୍ରସାଦ ଗ୍ରାମକୁ ଡ୍ୟାନ୍ସଡ୍ୟାନ୍ସ କାର୍ଯ୍ୟକ୍ରମ ଦେଖିବାକୁ ଯାଇଥିଲେ। କାର୍ଯ୍ୟକ୍ରମ ଦେଖିସାରି ରାତ୍ରୀ ୩ଟାରେ ସାଙ୍ଗମାନେ ଆଗପଛ ହୋଇ ଫେରୁଥିବାବେଳେ ପ୍ରଥମ ଗାଡି ନଂ ଓଡି ୦୨ଡିଏଲ ୪୪୬୨ ନିମାଣୀ - ବାଦଭୂଇଁ ଗ୍ରାମର ମଧ୍ୟ ଭାଗରେ ଅବସ୍ଥିତ ଚାକୁଣ୍ଡା ଗଛରେ ଭରସାମ୍ୟ ହରେଇ ମାଡ଼ ହୋଇଥିଲା। ଫଳରେ, ଦ୍ୱିତୀୟ କାରରେ ଆସୁଥିବା ଯୁବକମାନେ ଦୁର୍ଘଟଣାଗ୍ରସ୍ତ ଯୁବକଙ୍କୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। କାର୍ଯ୍ୟରତ ଡାକ୍ତର ଶ୍ରୀନିବାସ ଦାସଙ୍କ ପୁଅ ସୁବାସ ଦାସ (୨୬)ଙ୍କୁ ମୃତ ଘୋଷଣା କରି ଅନ୍ୟ ୪ ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ଖୋର୍ଦ୍ଧା ପଠାଇଥିଲେ।

# ଟଙ୍କା ଭର୍ତ୍ତି ଆଟାଚି ବ୍ୟାଗ ଜବତ: ଜଣେ ଗିରଫ

ଜଟଣୀ(ନିପ୍ର): ଖୋରଧା ରୋଡ଼ ରେଳ ଷ୍ଟେସନ ସମ୍ମୁଖରେ ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କଠାରୁ ଟଙ୍କା ଭର୍ତ୍ତି ଆଟାଚି ବ୍ୟାଗ ଜବତ କରାଯାଇଥିବା ଖୋରଧା ରୋଡ଼ ଜିଆରପି ସୂଚନା ଦେଇଛି। ଜିଆରପି ଥାନାର ଭାରପ୍ରାପ୍ତ ଅଧିକାରୀ ଆର.ଶଙ୍କର ରାଓଙ୍କ ସୂଚନାନୁସାରେ ଜଣେ ସନ୍ଦିଗ୍ଧ ବ୍ୟକ୍ତି ଟ୍ରେନରୁ ଓହ୍ଲାଇ ଏକ ଆଟାଚି ବ୍ୟାଗ ଧରି ଷ୍ଟେସନ ବାହାରକୁ ଆସିଥିଲା। ଅଟୋରେ ଅନ୍ୟତ୍ର ଯିବାକୁ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଆରପିଏଫ୍ ତାଙ୍କୁ ପଚରାଉଚରା କରିଥିଲା। ପରେ ତାଙ୍କ ବ୍ୟାଗ ଯାଞ୍ଚ କରାଯାଇଥିଲା। ବ୍ୟାଗ ଭିତରୁ ବିଡ଼ା ବିଡ଼ା ନୋଟ ବାହାରିଥିଲା। ଆରପିଏଫ୍‌ର ଏତଲା ଆଧାରରେ ଜିଆରପି ଥାନାରେ ଏକ ମାମଲା ରୁଜୁ କରାଯାଇଛି। ନଗଦ ୧ ଲକ୍ଷ ୯୦ ହଜାର ଟଙ୍କା ଜବତ ହୋଇଥିବା ଜିଆରପି ଥାନାଧିକାରୀ ସୂଚନା ଦେଇଛନ୍ତି। ଏହି ମାମଲାରେ ସମ୍ପୃକ୍ତ ଖୋରଧା ଜିଲା ଟାଙ୍ଗୀ ଥାନା ଅଧିନ ହାଟବରଡ଼ି କାଳିଜାଇ ସାହିର ଅନନ୍ତ ବେହେରା (୪୨)ଙ୍କୁ ଜିଆରପି ଗିରଫ କରି ଜଟଣୀ ଅଦାଲତକୁ ଚାଲାଣ କରିଥିବା ଜିଆରପି ସୂଚନା ଦେଇଛି।

# ମହାନଦୀରେ ଗାଧୋଇବାକୁ ଯାଇ ଜଣେ ଛାତ୍ର ନିଖୋଜ, ୨ ଉଦ୍ଧାର






କଟକ(ନିପ୍ର): ମହାନଦୀକୁ ଗାଧୋଇବାକୁ ଯାଇ ଜଣେ ଛାତ୍ର ପାଣିରେ ନିଖୋଜ ହୋଇଯାଇଥିବା ବେଳେ ଦୁଇ ଜଣ ଛାତ୍ରଙ୍କୁ ଉଦ୍ଧାର କରାଯାଇଛି। ନିଖୋଜ ଛାତ୍ର ଜଣଙ୍କ ହେଉଛନ୍ତି ଦିବ୍ୟାଂଶୁ ନାୟକ(୧୫)। ନାନକାର ଗ୍ରାମରେ ଦିବ୍ୟାଂଶୁ ତାଙ୍କ ମା'ଙ୍କ ସହିତ ରହୁଥିଲେ। ସେ ଶିଖରପୁର ଗୁରୁ ନାନକ ପବ୍ଲିକ୍ ସ୍କୁଲର ନବମ ଶ୍ରେଣୀର ଛାତ୍ର। ଉଦ୍ଧାର ଛାତ୍ର ଦ୍ୱୟ ହେଲେ ନାନକାର ଗ୍ରାମରେ ରହୁଥିବା ଶୁଭମ୍ ସିଂହ ଓ ଅଶ୍ୱିନୀ କୁମାର ଗିରି। ପ୍ରକାଶ ଯେ, ତିନି ସାଙ୍ଗ ଗୁରୁବାର ସାଢେ ୧୦ ଟା ବେଳେ ଡକାଡକି ହୋଇ ତରୋଳ ଗଣେଶ ମହୋତ୍ସବକୁ ଯାଇଥିଲେ। ସେଠାରେ କିଛି ସମୟ ଯାତ୍ରା ବୁଲାବୁଲି କରି ମଥୁରା କେକ୍ ଖାଇ ନଦୀ ବନ୍ଧ ଆଡକୁ ଚାଲି ଯାଇଥିଲେ। ବାଲିସାହି ପାର୍ଶ୍ୱ ମହାନଦୀକୁ ଯାଇ ନିଜର ପ୍ୟାଣ୍ଟ ଶାର୍ଟ କୂଳରେ ରଖି ପାଣି ମଧ୍ୟକୁ ତିନି ସାଙ୍ଗ ଗାଧୋଇବାକୁ ପ୍ରବେଶ କରିଥିଲେ। ମହାନଦୀରେ ପ୍ରଖର ସ୍ରୋତ ଥିବାବେଳେ ଦିବ୍ୟାଂଶୁ ଭାରସାମ୍ୟ ହରାଇ ଶୁଭମକୁ ଧରିବାକୁ ଚେଷ୍ଟା କରିଥିଲେ। ମାତ୍ର ପାଣିରେ ଖସିଯାଇଥିଲେ । ନିକଟରେ ଥିବା କିଛି ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ହେଁ ଦିବ୍ୟାଂଶୁ ନିଖୋଜ ହୋଇ ଯାଇଥିବା ବେଳେ ଅନ୍ୟ ଦୁଇ ସାଙ୍ଗଙ୍କୁ ଲୋକେ ଉଦ୍ଧାର କରିଥିଲେ। ସଙ୍ଗେ ସଙ୍ଗେ ଜଗତପୁର ଥାନା ପୁଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ପୁଲିସ, ଅଗ୍ନିଶମ ବାହିନୀ, ଓଡ୍ରାଫ୍ ଓ ସ୍କୁବା ଉଦ୍ଧାରକାରୀ ଦଳ ବହୁ ଖୋଜାଖୋଜି କରିଥିଲେ ହେଁ ସନ୍ଧ୍ୟା ପର୍ଯ୍ୟନ୍ତ ନିଖୋଜ ଛାତ୍ରଙ୍କ ସନ୍ଧାନ ପାଇପାରି ନାହାନ୍ତି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

### ଏସ୍‌ସିବି ଆର୍ଥିକ କେଳେଙ୍କାରୀ

# ମାସକୁ ୨ ହଜାର ବିଲ୍‌ରୁ ମାତ୍ର ୫ ଯାଞ୍ଚ

କଟକ(ନିପ୍ର): ଏସ୍‌ସିବି ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ୧ କୋଟି ୪୦ ଲକ୍ଷ ଟଙ୍କା ହେରଫେର୍ ଘଟଣାରେ ଡାଟା ଏଣ୍ଟ୍ରି ଅପରେଟର୍ (ଡିଇଓ) ଦୀନେଶ ରାଉତ ଗିରଫ ପରେ ପୁଲିସ ହାତରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲାଗିଛି। ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଅସ୍ଥିଶଲ୍ୟ ବିଭାଗର ଜଣେ ଡାକ୍ତର ଡିଡିଓ (ଡ୍ରଇଂ ଏଣ୍ଡ ଡିସ୍‌ବର୍ସିଂ ଅଫିସର) ଦାୟିତ୍ୱରେ ଥିଲେ। ସେ ପ୍ରତି ମାସରେ ବିଲ୍‌ଗୁଡ଼ିକ ପୃଥକ ଭାବେ ଯାଞ୍ଚ କରୁନଥିଲେ। ମାସକୁ ୨ ହଜାର ବିଲ୍ ହେଉଥିବାରୁ ଏହାକୁ ଯାଞ୍ଚ କଲେ ପାଖାପାଖି ୫ ଦିନ ସମୟ ଲାଗିଯିବ। ତେଣୁ ଚାରିରୁ ୫ଟି ବିଲ୍ ସେ ଯାଞ୍ଚ କରି ଅବଶିଷ୍ଟ ଦୀନେଶ ଭରସାରେ ଅନୁମୋଦନ କରୁଥିବା ନେଇ ମଙ୍ଗଳାବାଗ ଥାନା ପୁଲିସ ତାଙ୍କୁ ଜେରା ସମୟରେ ଜାଣିବାକୁ ପାଇଛି। ୨୦୧୨ରୁ ଅସ୍ଥିଶଲ୍ୟ ବିଭାଗରେ ଡାକ୍ତର ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଡିଡିଓ ଦାୟିତ୍ୱରେ ଥିବା ବେଳେ ସେ ଗଲା ୨୦୧୬ରୁ ୨୦୨୬ ଜୁଲାଇ ଯାଏଁ ଡିଡିଓ ଦାୟିତ୍ୱରେ ଥିଲେ। ଜୁଲାଇ ୩୧ରେ ସେ ସରକାରୀ ଚାକିରିରୁ ଅବସର ଗ୍ରହଣ କରିବା ପରେ ଅନ୍ୟ ଜଣେ ଡାକ୍ତରଙ୍କୁ ଏହି ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଗେଜେଟେଡ, ଅଣ ଗେଜେଟେଡ ଓ ସୁଇପରଙ୍କୁ ମିଶାଇ ୨ ହଜାର କର୍ମଚାରୀଙ୍କ ୨ ହଜାର ବିଲ୍ ପ୍ରସ୍ତୁତ ହେଉଥିଲା। ଆକାଉଣ୍ଟ ସେକ୍ସନରେ ଦୀନେଶ ଏଚ୍‌ଆରଏମ୍‌ଏସ୍ ପୋର୍ଟାଲରେ ସମସ୍ତ କର୍ମଚାରୀଙ୍କ ବିଲ୍ ଏଣ୍ଟ୍ରି କରିବା ପରେ ଏହା ଡିଡିଓଙ୍କ ଅନୁମୋଦନ ମିଳିବା ପରେ ଟ୍ରେଜେରିକୁ ଯାଉଥିଲା। କିନ୍ତୁ ଡିଡିଓ ସମସ୍ତ ବିଲ୍ ଯାଞ୍ଚ କରୁନଥିଲେ। ଦୀନେଶ ଉପରେ ଅତ୍ୟଧିକ ଭରସା ଯୋଗୁ ଦୀନେଶ ମାସକୁ ଗୋଟିଏ ଲେଖାଏଁ କରି ଗଲା ୧୦ ବର୍ଷ ଭିତରେ ୨୦୭ଟି ବିଲ୍‌ରେ କର୍ମଚାରୀଙ୍କ ଟିଏ, ଡିଏ, ବର୍ଦ୍ଧିତ ଦରମା ବାବଦ ଏରିୟର, ଷ୍ଟଡି ଟୁର, ପ୍ରସୂତିକାଳୀନ ଛୁଟି, ବେଆଇନ ଭାବେ ଛୁଟି ନେବା ବାବଦ ଟଙ୍କା ନିଜ ଆକାଉଣ୍ଟକୁ ଟ୍ରାନସଫର୍ କରିଦେଉଥିବା ଜଣାପଡ଼ିଛି। ଏସ୍‌ସିବିରେ ଥିବା ଏସ୍‌ବିଆଇ ଶାଖାରେ ଦୀନେଶର ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କିତ ଯେଉଁ ତଥ୍ୟ ମାଗିଥିଲା, ଏହି ତଥ୍ୟରେ ଆର୍ଥିକ କାରବାର ସ୍ପଷ୍ଟ ହୋଇଛି। ଏଚ୍‌ଆରଏମ୍‌ଏସ୍ ପୋର୍ଟାଲରେ ଦୀନେଶ ଜଣେ ସରକାରୀ କର୍ମଚାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ବଦଳାଇ ନିଜର ଆକାଉଣ୍ଟ ସମ୍ପର୍କିତ ତଥ୍ୟ ଦେଉଥିଲା। ଏ ନେଇ ତଥ୍ୟ ରଖିବାକୁ ଏସ୍‌ସିବି କର୍ତ୍ତୃପକ୍ଷଙ୍କୁ କୁହାଯାଇଥିବା ବେଳେ ଏ ସଂକ୍ରାନ୍ତରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମଙ୍ଗଳାବାଗ ଥାନା ପୁଲିସକୁ ଏଯାଏଁ ଦିଆଯାଇ ନାହିଁ। ଏସ୍‌ସିବି କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏହି ଘଟଣାର ତଦନ୍ତ କରିବା ପାଇଁ ଏକ କମିଟି ଗଠନ ହୋଇଥିବା ବେଳେ ସ୍ୱାସ୍ଥ୍ୟ ବିଭାଗର ଏକ ଅଡିଟ୍ ଟିମ୍ ମଧ୍ୟ ୧୦ ବର୍ଷର ଆର୍ଥିକ ଅଡିଟ୍ କରୁଛି। ଏ ଅଡିଟ୍ ରିପୋର୍ଟ ସ୍ୱାସ୍ଥ୍ୟ ବିଭାଗ ନିକଟରେ ଖୁବ୍‌ଶୀଘ୍ର ଦାଖଲ କରାଯିବ ଏବଂ ରିପୋର୍ଟ ଦାଖଲ ପରେ ଏହି କେଳେଙ୍କାରୀରେ ଡିଡିଓଙ୍କ ସମ୍ପୃକ୍ତି ରହିଛି କି ନାହିଁ, ସେ ସଂକ୍ରାନ୍ତରେ ସ୍ପଷ୍ଟ ସୂଚନା ମିଳିପାରିବ ବୋଲି କୁହାଯାଉଛି।

# ଏସି କମ୍ପ୍ରେସର ଫାଟି ରଙ୍ଗମିସ୍ତ୍ରୀଙ୍କ ମୃତ୍ୟୁ: ଜଣେ ଗୁରୁତର



ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ନନପଡ଼ା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଘରେ ରଙ୍ଗ କାମ ଚାଲିଥିବା ସମୟରେ ହଠାତ୍ ଏସି କମ୍ପ୍ରେସର ବିସ୍ଫୋରଣ ଘଟି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଆଉ ଜଣେ ଗୁରୁତର ଆହତ ହୋଇଛନ୍ତି। ସୂଚନା ଯୋଗ୍ୟ ଯେ, ନନପଡ଼ା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ସ୍ଥାନୀୟ ପାଣ୍ଡବ ପାଟଣା ଗ୍ରାମର କାର୍ତ୍ତିକ ବରାଳ ଓରଫ କାଳିଆ (୩୦) ରଙ୍ଗ ମିସ୍ତ୍ରୀ ଭାବେ କାମ କରୁଥିଲେ। ରଙ୍ଗ କାମ ଚାଲିଥିବା ସମୟରେ ହଠାତ୍ ଘରେ ଲଗାଯାଇଥିବା ଏସିର କମ୍ପ୍ରେସରଟି ପ୍ରଚଣ୍ଡ ଶବ୍ଦ କରି ଫାଟି ଯାଇଥିଲା। ଏହି ବିସ୍ଫୋରଣର ତୀବ୍ରତା ଏତେ ଅଧିକ ଥିଲା ଯେ ରଙ୍ଗ ମିସ୍ତ୍ରୀ କାର୍ତ୍ତିକ ବରାଳଙ୍କ ସମେତ ଘର ମାଲିକାଣୀ ଗୁରୁତର ଭାବେ ଆହତ ହୋଇଥିଲେ।ଘଟଣା ପରେ ସ୍ଥାନୀୟ ଲୋକେ ତୁରନ୍ତ ଉଭୟଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ହସ୍ପିଟାଲକୁ ପଠାଇଥିଲେ। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରଙ୍ଗ ମିସ୍ତ୍ରୀ କାର୍ତ୍ତିକ ବରାଳଙ୍କର ମୃତ୍ୟୁ ଘଟିଛି। ଗୁରୁତର ଘର ମାଲିକାଣୀଙ୍କ ଚିକିତ୍ସା ଜାରି ରହିଛି।ଏହି ହୃଦୟବିଦାରକ ଘଟଣାକୁ ନେଇ ସମଗ୍ର ନିରାକାରପୁର ଅଞ୍ଚଳରେ ଗଭୀର ଶୋକ ଓ ଚାଞ୍ଚଲ୍ୟ ଖେଳି ଯାଇଛି। ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ରଖି ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।



ମୁକ୍ତେଶ୍ୱର ମନ୍ଦିର ପରିସରରେ ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ 'ଆଶୀର୍ବାଦ କା ଦିୟା' କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ



ପ୍ରଧାନମନ୍ତ୍ରୀଙ୍କ ୭୬ତମ ଜନ୍ମଦିନ ଅବସରରେ ରାଜ୍ୟବ୍ୟାପୀ ସେବା ସଂକଳ୍ପ ଅଭିଯାନର କାର୍ଯ୍ୟକ୍ରମ ଅଧୀନରେ ଆୟୋଜିତ ମେଗା ରକ୍ତଦାନ ଶିବିରରେ ମୁଖ୍ୟମନ୍ତ୍ରୀ

## 'ଦେଶର ବିକାଶ ପାଇଁ ପ୍ରଧାନମନ୍ତ୍ରୀଙ୍କ ଭଳି ଜଣେ ଦୂରଦୃଷ୍ଟିସମ୍ପନ୍ନ ନେତାଙ୍କର ଦୀର୍ଘାୟୁ ନିତାନ୍ତ ଆବଶ୍ୟକ'



**କାଶୀନଗର, ୧୭/୯(ନିପ୍ର):** କାଶୀନଗର ପଞ୍ଚାୟତ ସମିତି କାର୍ଯ୍ୟାଳୟ ନିକଟରେ ଥିବା ଶିବ ମନ୍ଦିର ପ୍ରାଙ୍ଗଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅତ୍ୟନ୍ତ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି । ପ୍ରଧାନମନ୍ତ୍ରୀଙ୍କ ଆୟୁଷ ଓ ସମୃଦ୍ଧି କାମନା କରି ମନ୍ଦିର ପରିସରରେ ଏକ ସ୍ୱତନ୍ତ୍ର ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡ଼ିଓ) ଉମ୍ବୁରୁଧର ମଲ୍ଲୀକ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ଏବିଡ଼ିଓ) ମାନସ ରଞ୍ଜନ ପ୍ରଧାନ, ସିଡ଼ିପିଓ କୋଟେଶ୍ୱରୀ ଦେବୀ ଏବଂ ସମାଜସେବୀ ହୃଷିକେଶ ଗୌଡ଼ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହାସହ ସ୍ଥାନୀୟ ଅଙ୍ଗନଓ୍ୱାଡି ମହିଳା, ଆଶାକର୍ମୀ, ସ୍ୱେଚ୍ଛାସେବୀ ଓ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବିପୁଳ ସଂଖ୍ୟାରେ ଉପସ୍ଥିତ ରହି ଏହି ଜନ୍ମୋତ୍ସବରେ ସାମିଲ ହୋଇଥିଲେ ।

**ଅନୁଗୋଳ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ସାରା ରାଜ୍ୟବ୍ୟାପୀ ବ୍ୟାପକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କ୍ରମରେ ଅନୁଗୋଳ ଜିଲ୍ଲା ତୁବେସ୍ଥିତ ଶ୍ରୀ ବ୍ରଜମୋହନ ଓ ନାଗରୀମୋହନ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ବୃହତ ବୃକ୍ଷରୋପଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏଥିରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଏବଂ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ ପ୍ରମୁଖ ବିଦ୍ୟାଳୟରେ ପହଞ୍ଚି ନିଜ ହାତରେ ଚାରାରୋପଣ କରି ଏହି ପରିବେଶ ଅଭିଯାନର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ସ୍ଥାନୀୟ ନେତା କମଳାକାନ୍ତ ସାହୁ, ମିଲାପ ପ୍ରଧାନ, ଯୋଗେଶ ପଟ୍ଟନାୟକ ଓ ଉମାକାନ୍ତ ସାହୁଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ଚାରା ରୋପଣ କରିଥିଲେ ।

**କୁଚିଣ୍ଡା:** ଯୁଗାନ୍ତକାରୀ ଜନନାୟକ ତଥା ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମ ଦିବସ ଅବସରରେ ତାଙ୍କର ନିରାମୟ ଓ ଦୀର୍ଘ ଜୀବନ କାମନା କରି ବକ୍ସମା ପଞ୍ଚାୟତ ପକ୍ଷରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରେ ଏକ ଭବ୍ୟ ସାମୂହିକ ଦୀପ ଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବକ୍ସମା ପଞ୍ଚାୟତ ନିର୍ବାହୀ ଅଧିକାରୀ ରାକେଶ ପଟେଲଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବକ୍ସମା ସମିତିସଭ୍ୟା ରଶ୍ମି କୁସୁମ, ଏମବିକେ ହୁମସିନୀ ଠାକୁର, ବିଜେପି ପଞ୍ଚାୟତ ସଭାପତି ସୋମବାରୁ ବୁଢ଼ା, ପୂର୍ବତନ ସରପଞ୍ଚ ରନୁ କିଷାନ ଏବଂ ଲୋକେଶ୍ୱର ନାୟକଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ ଓ ଦଳୀୟ କର୍ମୀ ସାମିଲ ହୋଇଥିଲେ ।

**କୃଷ୍ଣପ୍ରସାଦ:** ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୬ତମ ଜନ୍ମଦିନକୁ ଆଜି କୃଷ୍ଣପ୍ରସାଦ ଅଞ୍ଚଳବାସୀ ଅତ୍ୟନ୍ତ ଶ୍ରଦ୍ଧା ଓ ଉତ୍ସାହର ସହ ପାଳନ କରିଛନ୍ତି । ଏହି ଶୁଭ ଅବସରରେ ସ୍ଥାନୀୟ ବିଭିନ୍ନ ମନ୍ଦିର, କ୍ଲବ୍ ଏବଂ ଘରେ ଘରେ ପାରମ୍ପରିକ ଚିତା କାଟିବା ସହ ଦୀପ ଜାଳି ପ୍ରଧାନମନ୍ତ୍ରୀଙ୍କ ଦୀର୍ଘ ଜୀବନ କାମନା କରାଯାଇଛି । ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ପକ୍ଷରୁ ଏକ ବ୍ଲକ ସ୍ତରୀୟ ଭବ୍ୟ ଜନ୍ମ ଉତ୍ସବର ଆୟୋଜନ କରାଯାଇଥିଲା । ତିଛିଣି ଗ୍ରାମର ପ୍ରସିଦ୍ଧ ଶ୍ରୀ ତ୍ରିଲୋଚନେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ କୃଷ୍ଣପ୍ରସାଦ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡ଼ିଓ) ଅମୀୟ କୁମାର ପଣ୍ଡା ଏବଂ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ (ସିଡ଼ିପିଓ) ମନୋରମା ମହାପାତ୍ରଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ମହାସମାରୋହରେ ସମ୍ପନ୍ନ ହୋଇଯାଇଛି । ଦେଶର ବିକାଶ ଓ ସୁରକ୍ଷା ପାଇଁ ତାଙ୍କ ଭଳି ଜଣେ ଦୂରଦୃଷ୍ଟିସମ୍ପନ୍ନ ନେତାଙ୍କର ଦୀର୍ଘାୟୁ ହେବା ନିତାନ୍ତ ଆବଶ୍ୟକ ।

## 'ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡ'ରେ ମେଗା ରକ୍ତଦାନ ଶିବିର

ଭୁବନେଶ୍ୱର, ୧୭/୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମଦିବସ ଅବସରରେ ରାଜ୍ୟରେ ଆରମ୍ଭ ହୋଇଛି ଏକ ମାସବ୍ୟାପୀ 'ସେବା ସଂକଳ୍ପ ଅଭିଯାନ'। ଏହି ଅବସରରେ ଭୁବନେଶ୍ୱର ୟୁନିଟ୍-୩ ସ୍ଥିତ ଇଡକୋ ପ୍ରଦର୍ଶନୀ ପଡ଼ିଆରେ ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ଏକ ବିଶାଳ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଛନ୍ତି। ଏହି ମେଗା ରକ୍ତଦାନ ଶିବିର ଏକ ନୂତନ ଇତିହାସ ସୃଷ୍ଟି କରିଛି। ସେବା ସଂକଳ୍ପ ଅଭିଯାନର ରାଜ୍ୟ ସଂଯୋଜକ ତଥା ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇ କହିଛନ୍ତି ଯେ, ଗୋଟିଏ ଦିନରେ, ଗୋଟିଏ ସ୍ଥାନରେ, ଗୋଟିଏ କ୍ୟାମ୍ପ୍ ଏବଂ ଗୋଟିଏ ସଂସ୍ଥା ଜରିଆରେ ସର୍ବାଧିକ ୮୮୧୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି, ଯାହାକି ଏକ ବିଶ୍ୱ ରେକର୍ଡ ଅଟେ। ଏହି ସଫଳତା ପାଇଁ 'ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡ' ସଂସ୍ଥାର ପ୍ରତିନିଧିମାନେ ଏକ ସାର୍ଟିଫିକେଟ୍ ପ୍ରଦାନ କରିଛନ୍ତି।

## ବଜ୍ରପାତରେ ୨ ମହିଳା ମୃତ

ବରଗଡ଼, ୧୭।୯: ବରଗଡ଼ ଜିଲ୍ଲା ସୋହେଲା ବ୍ଲକ୍ ପାଣିମୋରା ପଞ୍ଚାୟତ କୁସୁର୍ଡ଼ା ଗ୍ରାମରେ ଗୁରୁବାର ବଜ୍ରପାତରେ ଦୁଇଜଣ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ କଟାପାଲି ଗ୍ରାମର ଜାହ୍ନବୀ ପଧାନ (୪୫) ଓ ରିତା ପଧାନ (୩୨)। ସୂଚନା ଅନୁସାରେ, କଟାପାଲି ଗ୍ରାମର ଜାହ୍ନବୀ ଓ ରିତା ଆଜି ସକାଳେ ଚାଷଜମିରେ କାମ କରିବା ପାଇଁ ନିକଟସ୍ଥ ଗାଁ କୁସୁର୍ଡ଼ାକୁ ଯାଇଥିଲେ। କାମ କରୁଥିବା ବେଳେ ମଧ୍ୟାହ୍ନରେ ସେଠାରେ ବର୍ଷା ସହିତ ବଜ୍ରପାତ ହୋଇଥିଲା। ଫଳରେ ଉଭୟ ମହିଳା ଚାଷଜମିରେ ଟଳି ପଡ଼ିଥିଲେ। ବହୁ ସମୟ ପର୍ଯ୍ୟନ୍ତ ସେମାନେ ଘରକୁ ନଫେରିବାରୁ ପରିବାର ଲୋକେ ସେମାନଙ୍କୁ ଖୋଜିବାକୁ ଯାଇଥିଲେ। ଏହି ସମୟରେ ଉଭୟେ ବିଲରେ ପଡ଼ିଥିବା ଦେଖିଥିଲେ। ବଜ୍ରପାତରେ ଉଭୟଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା।



ଭୁବନେଶ୍ୱର: ଚନ୍ଦକା-ଭରତପୁର ମୁଖ୍ୟ ରାସ୍ତା ଉପରେ ଏକ ବଣୁଆ ହାତୀ (ଫଟୋ-ଦିନଲିପି)

## ଲୋୟର ପିଏମ୍‌ଜିରେ କନିଷ୍ଠ ଶିକ୍ଷକଙ୍କ ଗର୍ଜନ

**ଭୁବନେଶ୍ୱର, ୧୭/୯(ନିପ୍ର):** ଚାକିରି ନିୟମିତ ଓ ସ୍ଥାୟୀକରଣ ଦାବିରେ ରାଜଧାନୀ ଭୁବନେଶ୍ୱରର ଲୋୟର ପିଏମଜିଠାରେ କନିଷ୍ଠ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଧାରଣାରେ ବସିଛନ୍ତି । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପ୍ରାୟ ୧୩ରୁ ୧୪ ହଜାର କନିଷ୍ଠ ଶିକ୍ଷକ ଏହି ଆନ୍ଦୋଳନରେ ସାମିଲ ହୋଇ ସରକାରଙ୍କ ବିରୋଧରେ ଗର୍ଜନ କରିଛନ୍ତି । ଗତ ଏପ୍ରିଲ ମାସରେ ରାଜ୍ୟ ସରକାର କନିଷ୍ଠ ଶିକ୍ଷକମାନଙ୍କୁ ସ୍ଥାୟୀ କରାଯିବ ବୋଲି ବାଜ୍ୟାପ୍ତ କରିଥିଲେ । ମାତ୍ର ବାସ୍ତବ କ୍ଷେତ୍ରରେ ଏହା କାର୍ଯ୍ୟକାରୀ ହେଉନଥିବାରୁ ଶିକ୍ଷକମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି । ସରକାରଙ୍କ ଏହି ସ୍ଥାୟୀକରଣ ପ୍ରକ୍ରିୟାରେ କିଛି ତ୍ରୁଟି ରହିଥିବା ଦର୍ଶାଇ ମାନ୍ୟବର ହାଇକୋର୍ଟ ଏହାପରେ ରହିତାଦେଶ ଲଗାଇଛନ୍ତି । କିଭଳି ଭାବରେ ୧୪ ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦିଆଗଲା, ସେନେଇ କୋର୍ଟରେ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ସରକାରଙ୍କ ପକ୍ଷରୁ ସଠିକ୍ ସମୟରେ ସତ୍ୟପାଠ ଦାଖଲ କରାଯାଉ ନଥିବାରୁ ମାମଲାଟି ଜଟିଳ ହେବାରେଲାଗିଛି । ରାଜରାସ୍ତାରେ ଶିକ୍ଷକମାନଙ୍କ ଏହି ଧାରଣା ଯୋଗୁଁ ରାଜଧାନୀର ରାଜନୈତିକ ଏବଂ ପ୍ରଶାସନିକ ମହଲରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି । ଶିକ୍ଷକମାନେ ଚେତାବନୀ ଦେଇଛନ୍ତି ଯେ, ଯଦି ଶୀଘ୍ର ଏହାର ସମାଧାନ ନହୁଏ, ତେବେ ଆନ୍ଦୋଳନ ଆଗକୁ ଆହୁରି ଜୋରଦାର କରାଯିବ ।

## ଡାକ୍ତରଙ୍କ ପ୍ରେସକ୍ରିପସନ୍ ବିନା ମିଳିବନି କଫ ସିରପ

### ଔଷଧ ଦୋକାନର ସିସିଟିଭି ରେକର୍ଡ ଉପରେ ସରକାରଙ୍କର ରହିବ କଡ଼ା ନଜର



ନୂଆଦିଲ୍ଲୀ, ୧୭/୯: ଅନେକ ସ୍ଥାନରେ ନିଶା ପାଇଁ କଫ ସିରପ ବ୍ୟବହାର କରାଯାଉଛି। ଏହାକୁ ରୋକିବା ପାଇଁ, ସରକାର କଫ ସିରପ ବିକ୍ରୟ ପାଇଁ ନିୟମକୁ କଡ଼ାକଡ଼ି କରିଛନ୍ତି। ଡାକ୍ତରଙ୍କ ପ୍ରେସକ୍ରିପସନ ବିନା କଫ ସିରପ ଭଳି ଔଷଧ ବିକ୍ରି ନ ହେବା ନିଶ୍ଚିତ କରିବା ପାଇଁ ସରକାର ନୂତନ ନିୟମର ପ୍ରସ୍ତାବ ଦେଇଛନ୍ତି। ସରକାରୀ ସୂତ୍ର ଅନୁଯାୟୀ ବୟସ୍କଙ୍କ ପାଇଁ ତିଆରି କଫ ସିରପ ପ୍ରାୟତଃ ପିଲାମାନଙ୍କୁ ଦିଆଯାଏ, ଏବଂ ଏହାକୁ ବନ୍ଦ କରାଯିବା ଆବଶ୍ୟକ। କଫ ସିରପର ଖୋଲା ବିକ୍ରୟକୁ ରୋକିବା ପାଇଁ ଔଷଧ ନିୟମରେ ବଡ଼ ପରିବର୍ତ୍ତନ କରାଯାଇଛି। ନୂତନ ନିୟମରେ ଏହା ମଧ୍ୟ କୁହାଯାଇଛି ଯେ, ପ୍ରେସକ୍ରିପସନ୍ ଔଷଧ ପ୍ରାୟତଃ କାଉଣ୍ଟରରେ ଅଧିକ ବିକ୍ରି ହୁଏ, ଯାହାକୁ ବନ୍ଦ କରାଯିବା ଆବଶ୍ୟକ। ଖୁବ୍ ଶୀଘ୍ର ସିସିଟିଭି ଦ୍ୱାରା ପ୍ରେସକ୍ରିପସନ୍ ଔଷଧ ବିକ୍ରୟ ଉପରେ କଡ଼ା ନଜର ରଖାଯିବ। ଲାଇସେନ୍ସପ୍ରାପ୍ତ ଖୁଚୁରା ଦୋକାନ ପାଇଁ ସିସିଟିଭି ବାଧ୍ୟତାମୂଳକ ହେବ। ଏହାର ରେକର୍ଡ ମଧ୍ୟ ରଖାଯିବ। ସରକାର ଲାଇସେନ୍ସପ୍ରାପ୍ତ ଖୁଚୁରା ଦୋକାନଗୁଡ଼ିକରେ ସିସିଟିଭି କ୍ୟାମେରା ଲଗାଇବାକୁ ପ୍ରସ୍ତାବ ଦେଇଛନ୍ତି। ସିସି ଟିଭି ରେକର୍ଡିଂଗୁଡ଼ିକୁ ତିନି ମାସ ପାଇଁ ସଂରକ୍ଷିତ ରଖିବାକୁ ପଡିବ। ଏହି ନିୟମ ପ୍ରେସକ୍ରିପସନ୍ ଔଷଧ ଯୋଗାଣ ପାଇଁ ପ୍ରଯୁଜ୍ୟ। ତେବେ ହୋଲସେଲ ବିକ୍ରୟ ଏଥିରେ ଅନ୍ତର୍ଭୁକ୍ତ ହେବ ନାହିଁ। ପ୍ରସ୍ତାବିତ ନିୟମରେ ଔଷଧ ନିୟମ ୧୯୪୫କୁ ସଂଶୋଧନ କରାଯାଇଛି। ଆପତ୍ତି ଏବଂ ପରାମର୍ଶ ପାଇଁ ୩୦ ଦିନର ସମୟ ପ୍ରଦାନ କରାଯାଇଛି।



ଦିନଲିପି କାର୍ଯ୍ୟାଳୟ ପରିସରରେ ଦେବଶିଳ୍ପୀ ବଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ (ଫଟୋ-ଦିନଲିପି)

## ରାଜ୍ୟ ଦୁର୍ନୀତି ମଞ୍ଚରେ କର୍ମକର୍ତ୍ତା ସମ୍ବର୍ଦ୍ଧିତ

**ନିମାପଡ଼ା, ୧୭।୯ (ନିପ୍ର):** ଓଡ଼ିଶା ଦୁର୍ନୀତି ସଂଘର୍ଷ ମଂଚ ରାଜ୍ୟ ସାଧାରଣ ଅଧିବେଶନରେ ବିଭିନ୍ନ ଜିଲ୍ଲା/ବ୍ଲକ୍ ଶାଖା କର୍ମକର୍ତ୍ତାମାନେ ଯୋଗ ଦେଇ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିବା ଜଣାପଡ଼ିଛି । ଅଧକ୍ଷା ଇଂ. ଜଗବନ୍ଧୁ ଷଡ଼ଙ୍ଗୀଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଉତ୍ସବରେ ନିମାପଡ଼ା ଶାଖା ଉପ-ସଭାପତି ଆର୍ତ୍ତବନ୍ଧୁ ସେନାପତି, ସାଧାରଣ ସଂପାଦକ ପ୍ରଶାଂ ସାହୁ, ସହ ସଂପାଦକ କୃଷ୍ଣ ମୋହନ ବେହେରା ପ୍ରମୁଖ ଯୋଗ ଦେଇ ଶାଖା ବିବରଣୀ ପାଠ କରିଥିଲେ । ରାଜ୍ୟ ସଂପାଦକ ଅମୀର ପ୍ରସାଦ ସାହୁ, ଉପଦେଷ୍ଟା ଅବସରପ୍ରାପ୍ତ ବିଚାରପତି ଉମା ଚରଣ ମିଶ୍ର, ଉପାଧକ୍ଷ ଇଂ ବଂଶୀଧର ପାଢ଼ୀ, କୋଷାଧକ୍ଷ ଉପାସନା ରାଓ ପ୍ରମୁଖ ଉପସ୍ଥିତ ରହି ମଂଚ କାର୍ଯ୍ୟ ଶୈଳୀ ଉପରେ ଆଲୋକପାତ କରିଥିଲେ ।

**AFFIDAVIT**

By virtue of an affidavit sworn before The Executive Magistrate, Chatrapur, Ganjam, dtd 17.09.2026, I Durjeyadhan Nahak S/o-Pandab Nahak At-Sipakuda, Po-Palur, Ps-Rambha, Dist-Ganjam, Pin-761027 do hereby declare that, I have changed my name from Duryodhan Nahak to Durjeyadhan Nahak. Henceforth I shall be known as Durjeyadhan Nahak for all purposes.

**Sd/-Durjeyadhan Nahak**

**ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବାଙ୍କୀ**

**OFFICE OF THE SUB-COLLECTOR, BANKI**

Email id: subcoll.banki@nic.in, Phone No: 06723-24020

**QUOTATION CALL NOTICE**

Quotation No. 7196 /2026-27 Date: 17/09/2026

Sealed quotations are invited from authorised manufacturers/dealers/suppliers for supply of one Swarga Ratha (Dead Body Carrying Vehicle) for the Office of the Sub-collector, Banki.

**Specification:** Four-wheeler dead body carrying vehicle. Stainless steel/aluminium body. Freezer box facility(if required). All registration, insurance and standard accessories included. warranty minimum 1 Year.

Last date of receipt: 05/10/2026 up to 3.00 PM. Opening of quotation: same day at 4.00 PM in the office chamber of the Sub-collector, Banki. The authority reserves the right to accept or reject any or all quotations without assigning any reason.

**Sd/-Sub-Collector, Banki**

## ସହରାଞ୍ଚଳ ପାନୀୟ ଜଳ ପ୍ରକଳ୍ପ ଓ ନୂତନ ହସ୍ପିଟାଲ୍ ପାଇଁ ଜମି ଚିହ୍ନଟକୁ ଗୁରୁତ୍ୱ


ଭୁବନେଶ୍ୱର, ୧୭।୯: ଗୁରୁବାର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସମୀକ୍ଷା ବୈଠକରେ ସହରାଞ୍ଚଳ ପାନୀୟ ଜଳ ପ୍ରକଳ୍ପର ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାର୍ଯ୍ୟକାରି କରିବା, ନୂତନ ହସ୍‌ପିଟାଲ୍ ନିମନ୍ତେ ଜମି ଚିହ୍ନଟ ଆଦି ପ୍ରସଙ୍ଗକୁ ଗୁରୁତ୍ୱ ଦିଆଯାଇଥିଲା। ବୈଠକରୁ ମିଳିଥିବା ସୂଚନାରେ, ଗୃହ ଓ ନଗର ଉନ୍ନୟନ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା , ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଏମ୍‌ଏସ୍‌ଏମ୍‌ଇ ବିଭାଗର ବିଭିନ୍ନ ପ୍ରସଙ୍ଗ ସ୍ଥାନ ପାଇଥିଲା। ନଗର ଉନ୍ନୟନ ବିଭାଗ ପକ୍ଷରୁ ଜଳଯୋଗାଣ ଓ ବିଭିନ୍ନ ପ୍ରକଳ୍ପଗୁଡ଼ିକରେ ଜମି ସମ୍ବନ୍ଧୀୟ ସମସ୍ୟା ଦୂର କରିବା ଉପରେ ଆଲୋଚନା ହୋଇଥିଲା। ଖୋର୍ଦ୍ଧା, ସମ୍ବଲପୁର ଓ କଟକ ଜିଲ୍ଲାର ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଜମି ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳମାନଙ୍କ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ବର୍ଜ୍ୟ ପରିଚାଳନା ନିୟମର ଜିଲ୍ଲାସ୍ତରୀୟ ଅନୁପାଳନର ସମୀକ୍ଷା କରାଯାଇଥିଲା। ଶ୍ରମ ଓ ଇଏସ୍‌ଆଇ ବିଭାଗ ପକ୍ଷରୁ ୧୦୦ ଶଯ୍ୟା ବିଶିଷ୍ଟ ଇଏସ୍‌ଆଇ ହସ୍ପିଟାଲ୍ ପାଇଁ ଜମିର ସୁବ୍ୟବସ୍ଥା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବାୟୋମେଡିକାଲ୍ ବର୍ଜ୍ୟ ପରିଚାଳନା, ପ୍ରାଥମିକ, ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଜମି, ଆୟୁଷ ମେଡିକାଲ୍ କଲେଜ୍, ଆମ ହସ୍ପିଟାଲ୍ କାର୍ଯ୍ୟ ଏବଂ ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ଆଦି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।

## ପୁରୀରେ ବିଭିନ୍ନ ଖଜା ଗୋଦାମ ଉପରେ ପୁଲିସର ଚଢ଼ାଉ




**ପୁରୀ, ୧୭/୯(ନିପ୍ର):** ପୁରୀ ସହରରେ ବିଭିନ୍ନ ଖଜା ଗୋଦାମ ଉପରେ ପୁଲିସର ଚଢ଼ାଉ । ସିଟି ଡିଏସପିଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ରେଡ୍। ଟାଉନ ପୁଲିସ, ଖାଦ୍ୟ ସୁରକ୍ଷା ବିଭାଗ ଏବଂ ଓଜନ ଓ ମାପ ବିଭାଗର ମିଳିତ ଟିମ୍ ଏହି ଚଢ଼ାଉ କରିଛନ୍ତି । ଶ୍ରଦ୍ଧାଳୁମାନଙ୍କୁ ନିମ୍ନମାନର ଏବଂ ନକଲି ଖଜା ଅଧିକ ଦାମରେ ବିକ୍ରି କରାଯାଉଥିବା ନେଇ ବାରମ୍ବାର ଅଭିଯୋଗ ଆସୁଥିଲା । ଏହାପରେ ପୋଲିସ ପ୍ରଶାସନ ପକ୍ଷରୁ ଏହି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି ।ଶ୍ରୀକୃଷ୍ଣ ସିନେମା ଲେନ୍, ବଡ଼ଦାଣ୍ଡ, ସ୍ୱର୍ଗଦ୍ୱାର ଏବଂ ଆଖପାଖ ଅଞ୍ଚଳରେ ଥିବା ଅନେକ ଖଜା ଗୋଦାମ ଏବଂ କାରଖାନାରେ ଏହି ଚଢ଼ାଉ ଚାଲିଛି । ଚଢ଼ାଉ ସମୟରେ ଖଜାର ଗୁଣବତ୍ତା, ଓଜନରେ ହେରଫେର, ପ୍ୟାକେଜିଂ ଏବଂ ଖାଦ୍ୟ ସୁରକ୍ଷା ଲାଇସେନ୍ସ ଯାଞ୍ଚ କରାଯାଉଛି । ଭେଜାଲ କିମ୍ବା ନିମ୍ନମାନର ଖଜା ଜବତ କରାଯିବା ସହ ଦୋଷୀ ବ୍ୟବସାୟୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସିଟି ଡିଏସପି ସୂଚନା ଦେଇଛନ୍ତି ।

## ୨,୫୦୦ ଦୀପରେ ମୋଦିଙ୍କୁ ଶୁଭେଚ୍ଛା




**ପୁରୀ, ୧୭/୯(ନିପ୍ର):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୬ତମ ଜନ୍ମଦିନ ଅବସରରେ ପୁରୀ ବେଳାଭୂମିରେ ସୃଷ୍ଟି ହୋଇଛି ଏକ ନିଆରା ବାଲୁକା କଳା। ବିଶିଷ୍ଟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ୨୫ ଫୁଟ ଲମ୍ବା ବାଲୁକା କଳାକୃତି ସହ ୨,୫୦୦ ମାଟି ଦୀପ ପ୍ରଜ୍ୱଳନ କରି ପ୍ରଧାନମନ୍ତ୍ରୀଙ୍କୁ ଅଭିନବ ଢଙ୍ଗରେ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ସନ୍ଧ୍ୟା ହେବା ସହ ପୁରୀ ସମୁଦ୍ର କୂଳରେ ହଜାର ହଜାର ଦୀପର ଆଲୋକରେ ଝଲମଲ କରିଥିଲା ଏହି ବିଶାଳ କଳାକୃତି। ବାଲୁକା ଶିଳ୍ପ ଓ ଦୀପାଳିର ସମନ୍ୱୟ ଦର୍ଶକଙ୍କୁ ଆକର୍ଷିତ କରିଥିବା ବେଳେ ପର୍ଯ୍ୟଟକମାନେ ଏହାର ଫଟୋ ଓ ଭିଡିଓ ଧାରଣ କରିବାରେ ବ୍ୟସ୍ତ ରହିଥିଲେ। ସୁଦର୍ଶନ ପଟ୍ଟନାୟକ ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତୀୟ ପ୍ରସଙ୍ଗରେ ପୁରୀ ବେଳାଭୂମିକୁ କ୍ୟାନଭାସ କରି ଅନେକ ସଚେତନତାମୂଳକ ଓ ସ୍ମରଣୀୟ ବାଲୁକା କଳା ସୃଷ୍ଟି କରିଆସୁଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ତାଙ୍କର ଏହି ୨୫ ଫୁଟର ବାଲୁକା କଳା ଓ ୨,୫୦୦ ଦୀପର ଆଲୋକସଜ୍ଜା ପୁଣିଥରେ ଓଡ଼ିଶାର ବିଶ୍ୱପ୍ରସିଦ୍ଧ ବାଲୁକା କଳା ପରମ୍ପରାକୁ ଉଜାଗର କରିଛି।




Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ